ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୨୪୧
୭ ଫେବୃଆରୀ, ୨୦୨୬ ଶନିବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

ODISHA EXPRESS

SIGHTS TRUTH WRITES TRUTH

ଠିକ୍ ଦେଖେ ଠିକ୍ ଲେଖେ

8 Pages
Price ₹ 5.00
Vol. 20, Issue No. : 241
7th February, 2026 Saturday
Bhubaneswar

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

### ନୀତି ବାଣୀ

**ହରିଣାପି ହରେଣାପି ବ୍ରହ୍ମଣାପି ସୁରୈରପି**
**ଲଲାଟଲିଖିତା ରେଖା ପରିମାର୍ଷ୍ଟୁଂ ନ ଶକ୍ୟତେ ।**

ଲଲାଟରେ ଯାହା ଲେଖାଥିବ ତାକୁ ହରି, ହର, ବ୍ରହ୍ମା ଓ ଦେବତାମାନେ ମଧ୍ୟ ଅନ୍ୟଥା କରିବାକୁ ସମର୍ଥ ନୁହନ୍ତି

## ଭଡ଼ାରେ ଘର ଦେବେ ସରକାର

**ଭୁବନେଶ୍ୱର,୬।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସରକାର ଦେବେ ଭଡାଘର। ସହରରେ ଘରଭଡ଼ା ଟେନସନରୁ ମିଳିବ ମୁକ୍ତି। ଆଉ ରହିବନି ଝିଞ୍ଜଟ କି ଭଡ଼ା ଦେଉଥିବା ମାଲିକମାନଙ୍କ ଦୌରାତ୍ମ୍ୟ। ରାଜ୍ୟର ବିଭିନ୍ନ ସହରରେ ଥିବା ଅବ୍ୟବହୃତ ସରକାରୀ ଘରଗୁଡ଼ିକୁ ଚିହ୍ନଟ କରିବା ପାଇଁ ଗୃହ, କୃଷି, ଶକ୍ତି, ଅର୍ଥ, ଖାଦ୍ୟଯୋଗାଣ, ମହିଳା ଓ ଶିଶୁକଲ୍ୟାଣ, ପଞ୍ଚାୟତିରାଜ, ଅନୁସୂଚିତଜାତି ଓ ଜନଜାତି, ସ୍ୱାସ୍ଥ୍ୟ ଏବଂ ସମବାୟ ବିଭାଗକୁ ଚିଠିଲେଖିଛନ୍ତି ଗୃହ ଏବଂ ନଗରଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନସଚିବ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରାଞ୍ଚଳ ପିଏମଏୱୁ ୨.୦ ଅଧିନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଖାଲି ଓ ଅବ୍ୟବହୃତ ଘରଗୁଡିକୁ ଚିହ୍ନଟ କରି ସେଗୁଡିକୁ ସୁଲଭ ଦରରେ ଭଡା ଆକାରରେ ଦିଆଯିବ। ଏହି ଯୋଜନାରେ ପ୍ରଥମେ ଭଡ଼ା ନିର୍ଦ୍ଧାରଣ ସ୍ଥାନୀୟ କର୍ତ୍ତୃପକ୍ଷ ଦ୍ୱାରା କରାଯିବ। ପରବର୍ତ୍ତୀ ସମୟରେ ପ୍ରତି ଦୁଇ ବର୍ଷରେ ୮ ପ୍ରତିଶତ ପର୍ଯ୍ୟନ୍ତ ଭଡ଼ା ବୃଦ୍ଧି କରାଯାଇପାରିବ, ଯାହା ୫ବର୍ଷ ମଧ୍ୟରେ ସର୍ବାଧିକ ୨୦ ପ୍ରତିଶତରୁ ଅଧିକ ହେବ ନାହିଁ। ତେବେ ସମସ୍ତେ ଏହି ଘର ଭଡ଼ା ଯୋଜନାର ଫାଇଦା ନେଇପାରିବେନି।

ଗରିବ ଶ୍ରେଣୀର ଲୋକ ହିଁ ଏହାର ଫାଇଦା ନେବେ। ବିଶେଷ କରି ଆର୍ଥିକ ଦୁର୍ବଳ ବର୍ଗର ଲୋକେ ଏହା ଦ୍ୱାରା ଉପକୃତ ହେବେ। ପ୍ରବାସୀ ସହରୀ ଗରିବ, ବିଭିନ୍ନ ଶିକ୍ଷା ନୁଷ୍ଠାନ ଓ ବ୍ୟବସାୟିକ ଅନୁଷ୍ଠାନରେ କାମ କରୁଥିବା କର୍ମଚାରୀ, କର୍ମଜୀବୀ ମହିଳାମାନଙ୍କୁ ସରକାର ଭଡ଼ାରେ ଘର ଦେବେ। ବିଭିନ୍ନ କାମ ଅନ୍ୱେଷଣରେ ସହରକୁ ଆସୁଥିବା ଲୋକମାନେ ଅନେକ ସମୟରେ ଘର ପାଆନ୍ତିନି। ଏଥିପାଇଁ ସହାଞ୍ଚଳରେ ବସ୍ତି ଗଢି ଉଠେ। ଯେଉଁମାନେ ତୁରନ୍ତ ଘର କିଣିବା **(ଶେଷ ପୃଷ୍ଠା ଦେଖନ୍ତୁ)**

### ୧୯ ବର୍ଷରୁ କମ୍ ବିଶ୍ୱକପ୍

# ଷଷ୍ଠ ଥର ଲାଗି ଭାରତ ଚାମ୍ପିଅନ୍

**ହରାରେ,୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବାଜି ମାରିଲା ଭାରତ। ରେକର୍ଡ ଷଷ୍ଠ ଥର ପାଇଁ ୧୯ ବର୍ଷରୁ କମ୍ ପୁରୁଷ ବିଶ୍ୱକପରେ ହେଲା ଚାମ୍ପିଅନ। ଇଂଲଣ୍ଡକୁ ୧୦୦ ରନ୍‌ରେ ପରାସ୍ତ କରି ଭାରତ ପୁଣି ହାତେଇଛି ଏହି ଟାଇଟଲ।




ହରାରେ ଖେଳା ଯାଇଥିବା ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ବୈଭବ ସୂର୍ଯ୍ୟବଂଶୀଙ୍କ ଚିତ୍ତାକର୍ଷକ ବ୍ୟାଟିଂ ଫଳରେ ଦଳ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ୍ ହରାଇ ୪୧୧ ରନ୍ ସଂଗ୍ରହ କରିଥିଲା। ୪୧୨ ରନ୍ ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇ ଥିବା ଇଂଲଣ୍ଡ ୩୧୧ ରନ୍‌ରେ ଅଲ୍ ଆଉଟ୍ ହୋଇଯାଇଥିଲା। କ୍ୟାଲେବ ଫାଲକୋନର ୬୭ ବଲରୁ ୧୧୫ ରନ୍ କରିଥିଲେ ହେଁ ଦଳକୁ ବିଜୟୀ କରାଇବାରେ ବିଫଳ ହୋଇଥିଲେ। କାରଣ ଅନ୍ୟ ବ୍ୟାଟରମାନେ ବିଫଳ ହୋଇଥିଲେ। ଓପନର ବେନ୍ ଡାୱ୍କିନ୍ସ ୫୬ ବଲରୁ ୬୬ ରନ୍ କରିଥିବା ବେଳେ ଜୋ ମୋରିସ୍ ୧୭ ରନ୍ କରି ଆଉଟ୍ ହୋଇଯାଇଥିଲେ। ବେନ୍ ମେୟସ ୪୫ ରନ୍ କରିଥିବା ବେଳେ ଅଧିନାୟକ ଥୋମାସ ୩୧ ରନ୍ କରିଥିଲେ। ସେହିପରି ଜେମ୍ସ ମିଣ୍ଟୋ ୨୮ ରନ୍ କରିଥିଲେ। ୨ ଜଣ ବ୍ୟାଟର ଖାତା ଖୋଲି ପାରି ନଥିବା ବେଳେ ଆଉ ୨ ଜଣ ଯଥାକ୍ରମେ ୧ ଓ ୩ ରନ୍ କରିଥିଲେ। ଦଳ ୪୦.୨ ଓଭରରେ ୩୧୧ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲା।

ଆର.ଏସ୍ ଆମ୍ବ୍ରିଶ ୩ଟି ୱିକେଟ୍ ନେଇଥିବା ବେଳେ ଡି ଦୀପେଶ ଓ କନିଷ୍କ ଚୌହାନ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଆୟୁଷ ମହାତ୍ରେ ଗୋଟିଏ ୱିକେଟ୍ ନେଇଥିଲେ।

ଭାରତୀୟ ଦଳର ଏହି ବିଶାଳ ସ୍କୋରରେ ସବୁଠୁ ଅଧିକ ଯୋଗଦାନ ରହିଛି ବୈଭବ ସୂର୍ଯ୍ୟବଂଶୀଙ୍କର। ସେ ୧୭୫ ରନ୍ କରିଛନ୍ତି। ୮୦ଟି ବଲରୁ ୧୫ ଚୌକା ଓ ୧୫ ଛକା ସହାୟତାରେ ସେ ଏହି ସ୍କୋର କରିଛନ୍ତି।

୫୦ ଓଭରର ଯେକୌଣସି ଆଇସିସି ଫାଇନାଲ (ପୁରୁଷ ସିନିୟର, ୧୯ ବର୍ଷରୁ କମ୍ ପୁରୁଷ, ମହିଳା ସନିୟର ଓ ୧୯ ବର୍ଷରୁ କମ୍ ମହିଳା କ୍ରିକେଟ୍ ବିଶ୍ୱକପ୍ ଫାଇନାଲ) ରେ ଏହା ହେଉଛି କୌଣସି ଭାରତୀୟ ବ୍ୟାଟରଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋର।

ସୂର୍ଯ୍ୟବଂଶୀ ମାତ୍ର ୫୫ ବଲ୍‌ରେ ଶତକ ପୂରଣ କରିଥିଲେ। ୧୯ ବର୍ଷରୁ କମ୍ ବିଶ୍ୱକପ୍ ଫାଇନାଲରେ ଏହା ହେଉଛି ଦ୍ରୁତତମ ଶତକ। ସେହିପରି ୧୯ ବର୍ଷରୁ କମ୍ ବିଶ୍ୱକପ ଇତିହାସରେ ତାଙ୍କର ଏହି ଶତକ ହେଉଛି ଅନ୍ୟତମ ଦ୍ରୁତତମ ଶତକ। ଏହା ସହିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଶତକ ମାରିବାରେ ସେ ହେଉଛନ୍ତି ତୃତୀୟ ଭାରତୀୟ। ପୂର୍ବରୁ ମନଜୋତ କାଲରା ଓ ଉନ୍ମୁକ୍ତ ଚାନ୍ଦ ଶତକ ମାରିଥିଲେ। ୧୯ ବର୍ଷରୁ **(ଶେଷ ପୃଷ୍ଠା ଦେଖନ୍ତୁ)**

## ଲୋକସଭାରେ ଅଚଳାବସ୍ଥା ଜାରି ସୋମବାର ଯାଏ ମୁଲତବୀ

**ନୂଆଦିଲ୍ଲୀ,୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସଂସଦର ବଜେଟ ଅଧିବେଶନର ଆଜି ଥିଲା ଅଷ୍ଟମ ଦିନ। ଅଷ୍ଟମ ଦିନରେ ବି ଲୋକସଭାରେ ବିରୋଧୀ ସଦସ୍ୟଙ୍କ ପ୍ରବଳ ହଙ୍ଗାମା ଦେଖିବାକୁ ମିଳିଥିଲା। ଆଜି ପ୍ରଶ୍ନକାଳରେ ପ୍ରବଳ ନାରାବାଜି କରିବା ସହ ହାତରେ ପୋଷ୍ଟର ଧରି ଗୃହର ମଧ୍ୟ ଭାଗରେ ଆସି ହୋହଲ୍ଲା କରିଥିଲେ। ଫଳରେ ବାଚସ୍ପତି ଗୃହକୁ ଆସନ୍ତା ସୋମବାର ଦିନ ୧୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି।

ଆଜି ଦିନ ୧୧ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟ ଲଗାତାର ଭାବେ ନାରାବାଜି କରିଥିଲେ। ଫଳରେ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି ହେବାରୁ ତିନି ମିନିଟ୍ ପରେ ବାଚସ୍ପତି ଓମ ବିର୍ଲା ପ୍ରଥମେ ୧୨ଟା ପର୍ଯ୍ୟନ୍ତ ମୁଲତବୀ କରିଥିଲେ। ଏହା ପରେ ପୁଣି କାର୍ଯ୍ୟ ଆରମ୍ଭ ହେବା ସାତ ମିନିଟ୍ ପରେ ବି ବିରୋଧୀଙ୍କ ନାରାବାଜି କମିନଥିଲା। ଗୃହର ମଧ୍ୟ ଭାଗରେ ପ୍ରବଳ ହୋହଲ୍ଲା କରିବାରୁ ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି। କିନ୍ତୁ ରାଜ୍ୟସଭା କାର୍ଯ୍ୟ ଜାରି ରହିଛି।

କେନ୍ଦ୍ରମନ୍ତ୍ରୀ ରଭନୀତ ବିଟ୍ଟୁ ରାହୁଲ ଗାନ୍ଧୀଙ୍କୁ କଟାକ୍ଷ କରି କହିଛନ୍ତି, "ଗତକାଲି ସମସ୍ତେ ତାଙ୍କୁ ପିଲା ବୋଲି କହିଥିଲେ। ଆଜି ପ୍ରଧାନମନ୍ତ୍ରୀଙ୍କ ସ୍କୁଲ ଥିଲା, ଯେଉଁଠାରେ ପିଲାମାନଙ୍କୁ ସଫଳ ହେବାକୁ କୁହାଯାଇଥିଲା। ଯଦି ରାହୁଲ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ସ୍କୁଲକୁ ଯାଆନ୍ତି, ତେବେ ସେ ଜୀବନରେ ସଫଳ ହେବେ।"

ଗୁରୁବାର, ଲୋକସଭା ଏବଂ ରାଜ୍ୟସଭା ଉଭୟରେ ହଙ୍ଗାମା ମଧ୍ୟରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଗୃହୀତ ହୋଇଥିଲା। ୨୦୦୪ ପରେ ଏହା ପ୍ରଥମଥର ଥିଲା ଯେତେବେଳେ ପ୍ରଧାନମନ୍ତ୍ରୀଙ୍କ ଭାଷଣ ବିନା ଲୋକସଭାରେ ପ୍ରସ୍ତାବ ଗୃହୀତ ହୋଇଥିଲା। ରାଜ୍ୟସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଷଣ ପରେ ଏହି ପ୍ରସ୍ତାବ ଗୃହୀତ ହୋଇଥିଲା।

## ଆତ୍ମଘାତୀ ବିସ୍ଫୋରଣରେ ୩୧ ମୃତ

**ଇସଲାମାବାଦ,୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପାକିସ୍ତାନର ରାଜଧାନୀ ଇସଲାମାବାଦର ଏକ ମସଜିଦରେ ଶୁକ୍ରବାର ଅପରାହ୍ନରେ ଆତ୍ମଘାତୀ ବିସ୍ଫୋରଣରେ ୩୧ ଜଣ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୬୯ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଅନେକଙ୍କ ଅବସ୍ଥା ଗୁରୁତର ରହିଛି।

ଇସଲାମାବାଦର ଶେଜାଦ ସହର ଅଞ୍ଚଳରେ ଥିବା ଏହି ମସଜିଦରେ ନମାଜ ପାଠ ଚାଲିଥିବା ବେଳେ ମୁଖ୍ୟ ଦ୍ୱାର ନିକଟରେ ଘଟିଥିଲା ଏହି ବିସ୍ଫୋରଣ। 'ଦ ଟାଇମ୍ସ ଅଫ ଇସଲାମାବାଦ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ମସଜିଦର ମୁଖ୍ୟ ଦ୍ୱାର ନିକଟରେ ଆକ୍ରମଣକାରୀଙ୍କୁ ଅଟକାଇଥିଲେ



ସୁରକ୍ଷା କର୍ମଚାରୀ। ସେମାନେ ତାଙ୍କୁ ନମାଜ ପାଠ ଚାଲିଥିବା ମୁଖ୍ୟ ହଲ୍‌କୁ ଛାଡିବାକୁ ଅନୁମତି ଦେଇ ନଥିଲେ। ଆଉ ଏହା ପରେ ହୋଇଥିଲା ଆତ୍ମଘାତୀ ବିସ୍ଫୋରଣ। ଆକ୍ରମଣକାରୀ ନିଜକୁ ଉଡାଇ ଦେଇଥିଲେ।

ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ମସଜିଦ କ୍ଷତିଗ୍ରସ୍ତ ହେବା ସହିତ ଆଖପାଖରେ ଥିବା ଘର ଓ କୋଠାଗୁଡିକ ମଧ୍ୟ ଦୋହଲି ଯାଇଥିଲା। ଆଖପାଖ ଘରର କାଚ ଝରକା ଭାଙ୍ଗି ଯାଇଛି। ଅନେକ ମୃତକଙ୍କ ଶରୀର ଖଣ୍ଡଖଣ୍ଡ ହୋଇ ଏଣେତେଣେ ପଡିଥିବା ଦେଖିବାକୁ ମିଳିଥିଲା।

ଏହି ଘଟଣା ପରେ ଇସଲାମାବାଦରେ ଜରୁରୀ ପରିସ୍ଥିତି ଜାରି ହୋଇଛି। ଘଟଣାସ୍ଥଳରେ ପୁଲିସ ସହିତ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଆହତମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନା ନିଆଯାଇଥିଲା। ସେମାନଙ୍କୁ ପାକିସ୍ତାନ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନସେସ୍ ଓ ପଲରକ୍ଲିନିକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହା ପୂର୍ବରୁ ତିନି ମାସ ତଳେ ୨୦୨୫ ନଭେମ୍ବର ୧୧ ତାରିଖରେ ଇସଲାମାବାଦରେ **(ଶେଷ ପୃଷ୍ଠା ଦେଖନ୍ତୁ)**

## ମହାନଦୀକୁ ନେଇ ଶାସକ-ବିରୋଧୀ ମୁହାଁମୁହିଁ

### ସରକାର କେବଳ ବ୍ଲେମ୍ ଗେମ୍ ଖେଳୁଛନ୍ତି: ବିଜେଡି

**ଭୁବନେଶ୍ୱର,୬।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ମହାନଦୀ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ କରିଛି ବିଜେଡି। ସାମ୍ବାଦିକ ସମ୍ମିଳନୀ କରି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ଓଡ଼ିଶାର ନ୍ୟାର୍ଯ୍ୟ ପାଇଁ ସରକାର ଯେଉଁ କାର୍ଯ୍ୟକ୍ରମ କରୁଛନ୍ତି ସେଥିରେ ସଂଶୟ ସୃଷ୍ଟି କରିଛି। ସରକାର କେବଳ ବ୍ଲେମ୍ ଗେମ୍ ଖେଳୁଛନ୍ତି। ନିଜେ ସରକାର ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ଅଛନ୍ତି। ରାଜ୍ୟର ହକ୍ ପାଇଁ ୨୦୧୬ ମସିହା ସେପ୍ଟେମ୍ବର ୩୦ ତାରିଖରେ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଉମା ଭାରତୀ ସେତେବେଳେ ଜଳ ସଂପଦ ମନ୍ତ୍ରୀ ଥିଲେ। ସେତେବେଳେ ନବୀନ ବାବୁ କାମ ବନ୍ଦ କରିବାକୁ କହିଥିଲେ। ଛତିଶଗଡ଼ର ସେତେବେଳର ମୁଖ୍ୟମନ୍ତ୍ରୀ ରମଣ ସିଂ ମନା କଲେ। ଉମା **(ଶେଷ ପୃଷ୍ଠା ଦେଖନ୍ତୁ)**

### ଆଲୋଚନା ପାଇଁ ଆଗକୁ ଆସ: ବିଜେପି

**ଭୁବନେଶ୍ୱର,୬।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ମହାନଦୀ ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀଙ୍କ କଡା ଜବାବ। ବିଧାନସଭାରେ ବିତର୍କ ପାଇଁ କଲେ ଆହ୍ୱାନ। କହିଲେ ୨୪ ବର୍ଷରେ ମହାନଦୀ ପାଇଁ କଣ କରିଛନ୍ତି ଶ୍ୱେତ ପତ୍ର ପ୍ରକାଶ କରୁ ବିଜେଡି। ବିଧାନସଭାରେ ବିଜେଡିର ଜଳ ସମ୍ପଦ ମନ୍ତ୍ରୀଙ୍କ ଲିଖିତ ବିବୃତି ମହାନଦୀ କମିଶନରେ କଣ୍ଟା ବାଡେଇ ଦେଇଛି।

ଛତିଶଗଡ ଯେତେ ବ୍ୟାରେଜ କଲେ ବି କୌଣସି ପ୍ରଭାବ ପଡିବନି ବୋଲି କହିଥିଲେ ବିଜେଡିର ଜଳ ସମ୍ପଦ ମନ୍ତ୍ରୀ। ମନ୍ତ୍ରୀଙ୍କ ବିଧାନସଭା ରେକର୍ଡ ବୟାନକୁ ଟ୍ରିବ୍ୟୁନାଲରେ ଉପସ୍ଥାପନା କରିଛି ଛତିଶଗଡ। ଆମେ ବ୍ଲେମ୍ ଗେମ୍ ଖେଳୁ ନାହୁଁ। ୨୪ ବର୍ଷରେ ବିଜେଡି କଣ କରିଛି ଲୋକେ ଜାଣିବା ଦରକାର। ସତସାହସ ଥିଲେ ବିଧାନସଭାରେ ବିତର୍କକୁ ଆସନ୍ତୁ। ବିଜେଡି ବେଳେ **(ଶେଷ ପୃଷ୍ଠା ଦେଖନ୍ତୁ)**

## ୫ ଦିନରେ ୧୫ ହଜାର କେଜି ଗଞ୍ଜେଇ ଜବତ

**ବୌଦ୍ଧ,୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବୌଦ୍ଧଜିଲ୍ଲା ପୁଲିସ ବଡ ସଫଳତା ମିଳିଛି। ପୁଲିସ ପକ୍ଷରୁ ଗତ ୫ ଦିନ ମଧ୍ୟରେ ବିଭିନ୍ନ ଥାନା ଅଂଚଳରେ ଚଢ଼ାଉ କରାଯାଇ ୧୫୦୪୦ କେଜି ଗଂଜେଇ ଜବତ କରାଯାଇଥିବା ବେଳେ ୩ଟି ୩ ଚକିଆ ଯାନ ଜବତ କରାଯାଇଛି। ଏହି ମାମଲାରେ ପୁଲିସ ୩ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବୌଦ୍ଧ ଆରକ୍ଷୀ ଅଧିକ୍ଷକ ରାହୁଲ ଗୋୟଲ ଏକ ସାମ୍ବାଦିକ ସମ୍ମିଳନିରେ ପ୍ରକାଶ କରିଛି।

ପୁଲିସ ଗତ ଗତ ୩୧ ତାରିଖରୁ ୫ ତାରିଖ ମଧ୍ୟରେ ବୌଦ୍ଧ ଥାନା, ମନମୁଣ୍ଡା ତାନା, କାମାଳ ଥାନା, ଘାପଡା ଥାନା, ବାଉଁଶୁଣୀ ଥାନା ଅଂଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା । ଏହିସବୁ ଅଂଚଳରୁ ୧୫ ଟନରୁ ଉର୍ଦ୍ଧ୍ୱ ଗଂଜେଇ ଜବତ କରାଯାଇଥିବା ବେଳେ ୧ଟି ଟାଟା ପିକପ୍, ୧ଟି ଟ୍ରକ, ୧ଟି ଇନୋଭା ଏବଂ ୨ଟି ବାଇକ କୁ ଜବତ କରିଯାଇଛି। ଜବତ ଗଂଜେଇର ଆନୁମାନିକ ମୂଲ୍ୟ ୧୫ କୋଟିରୁ ହେବ ବୋଲି ଅନୁମାନ କରାଯାଇଛି। ଏହି ମାମଲାରେ ୪ ଜଣକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା **(ଶେଷ ପୃଷ୍ଠା ଦେଖନ୍ତୁ)**

## ରାଜଧାନୀରୁ ପୁଣି ଜଣେ ନକଲି ଡାକ୍ତର ଗିରଫ

**ଭୁବନେଶ୍ୱର,୬।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଜକୁ ଡାକ୍ତର ଦର୍ଶାଇ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ନକଲି ଡାକ୍ତର ଗିରଫ। ନକଲି ଡାକ୍ତର ସରୋଜ ମିଶ୍ର ଓରଫ ଭବାନୀ ସିଦ୍ଧାର୍ଥ ଶଙ୍କରକୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ।

ଅଭିଯୋଗ ଅନୁସାରେ ନିଜକୁ ଡାକ୍ତର ଦର୍ଶାଇ ଘରୋଇ ମେଡିକାଲ କଲେଜର ଜଣେ ମହିଳା ମେଡିକାଲ ଅଫିସରଙ୍କ ସହ ଅଭିଯୁକ୍ତର ମେଟ୍ରିମୋନିଆଲ ସାଇଟରେ ସମ୍ପର୍କ ହୋଇଥିଲା। ନିଜକୁ ପୁଣେରେ ଡାକ୍ତର ଥିବା କହି ଅଭିଯୋଗକାରିଣୀଙ୍କ ପରିବାର ଲୋକଙ୍କୁ ମଧ୍ୟ ବିଶ୍ୱାସ ଜନ୍ମାଇଥିଲା। ପରେ ନକଲି ଡାକ୍ତର ସରୋଜ ନିଜ ସାଙ୍ଗର ମାଆଙ୍କ ଅନ୍ତିମ ସଂସ୍କାର ପାଇଁ ଦେଢ଼ ଲକ୍ଷ ଟଙ୍କା ମାଗିଥିଲା। ଅଭିଯୋଗକାରିଣୀ ଫୋନପେ ଜରିଆରେ ତିନୋଟି କିସ୍ତିରେ ୧ଲକ୍ଷ ୩୦ହଜାର ଟଙ୍କା ଦେଇଥିଲେ। ଅଭିଯୋଗକାରିଣୀ ଦେଇଥିବା ଟଙ୍କା ମାଗିବାରୁ ଅଭିଯୁକ୍ତ ତାଙ୍କୁ ହତ୍ୟା ଧମକ ଦେଇଥିଲା ସରୋଜ। ଏନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ ହେବା ପରେ ତଦନ୍ତ କରି ନକଲି ଡାକ୍ତରକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ନାଁରେ ପୂର୍ବରୁ ଅନେକ ମାମଲା ଥିବା ତଦନ୍ତରୁ ଜାଣିବାକୁ ପାଇଛି ପୁଲିସ।

## ୩୦ ସପ୍ତାହର ଗର୍ଭାବସ୍ଥା ସମାପ୍ତ କରିବାକୁ ଅନୁମତି

**ନୂଆଦିଲ୍ଲୀ,୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସୁପ୍ରିମକୋର୍ଟ ଶୁକ୍ରବାର ଜଣେ ୧୮ ବର୍ଷ ବୟସ୍କା କିଶୋରୀଙ୍କୁ ୩୦ ସପ୍ତାହର ଗର୍ଭାବସ୍ଥାକୁ ସମାପ୍ତ କରିବା ଲାଗି ଅନୁମତି ଦେଇଛନ୍ତି। କହିଛନ୍ତି କୌଣସି ମହିଳାଙ୍କୁ ତାଙ୍କ ଇଚ୍ଛା ବିରୋଧରେ ଗର୍ଭାବସ୍ଥା ଜାରି ରଖିବାକୁ ବାଧ କରାଯାଇ ପାରିବନି। ତେବେ ଶୀର୍ଷ ନ୍ୟାୟାଳୟ ଏହି ମାମଲାରେ ବମ୍ବେ ହାଇକୋର୍ଟଙ୍କ ସେହି ରାୟକୁ ବାତିଲ କରିଦେଇଛନ୍ତି ଯେଉଁଥିରେ 'ଗର୍ଭାବସ୍ଥାର ଅନ୍ତିମ ପର୍ଯ୍ୟାୟରେ ଗର୍ଭପାତକୁ ଭ୍ରୁଣ ହତ୍ୟା' କହିଥିଲେ।

ସୁପ୍ରିମକୋର୍ଟଙ୍କ ବିଚାରପତି ଜଷ୍ଟିସ୍ ବି.ଭି ନାଗରତ୍ନାଙ୍କ ଅଧକ୍ଷତାରେ ଗଠିତ ସୁପ୍ରିମକୋର୍ଟଙ୍କ ପୀଠ କହିଛନ୍ତି ଯେ ଜଣେ ମହିଳାଙ୍କ ପ୍ରଜନନ ସମ୍ପର୍କିତ ସ୍ୱାୟତ୍ତତା ଜନ୍ମଗ୍ରହଣ କରିନଥିବା ପିଲାର ଅଧିକାର ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଲାଇଭ ଲ ଅନୁସାରେ ସୁପ୍ରିମକୋର୍ଟ ପ୍ରଜନନ ସ୍ୱାୟତ୍ତତା ଉପରେ ଗୁରୁତ୍ୱ ଦେଇ କହିଛନ୍ତି ଯେ 'ଯଦି କୌଣସି ମହିଳା ନିଜର ଗର୍ଭାବସ୍ଥାକୁ ସମ୍ପୂର୍ଣ୍ଣ କରିବାକୁ ଚାହୁଁ ନଥାନ୍ତି ତେବେ କୋର୍ଟ ତାଙ୍କୁ ତାହା କରିବାକୁ ବାଧ କରିପାରିବନି'। ତେବେ ବମ୍ବେ ହାଇକୋର୍ଟ ଆଦେଶରେ ଚିକିତ୍ସକୀୟ ଗର୍ଭପାତ (ଏମଟିପି) ନିମନ୍ତେ ଅନୁମତି ଦେବାକୁ ମନା କରିଦେଇଥିଲେ।

ହାଇକୋର୍ଟ କିଶୋରୀଙ୍କୁ ଗର୍ଭାବସ୍ଥା ଜାରି ରଖିବାକୁ ପରାମର୍ଶ ଦେଇଥିଲେ, ଏଥିରେ ଜନ୍ମିତ ଶିଶୁକୁ ପୋଷ୍ୟ ଦେବାର ବିକଳ୍ପ ମଧ୍ୟ ସାମିଲ ଥିଲା। ଗର୍ଭାବସ୍ଥାର ଚିକିତ୍ସକୀୟ ସମାପନ (ଏମଟିପି) ସମ୍ପର୍କିତ ଭାରତୀୟ ଆଇନ ଅନୁସାରେ ଗର୍ଭବତୀ ମହିଳା ଗର୍ଭଧାରଣର ୨୦ ସପ୍ତାହ ମଧ୍ୟରେ ଗର୍ଭପାତ ନିଷ୍ପତ୍ତି ନେଇ ପାରିବେ। ତେବେ ୨୪ ସପ୍ତାହର ହୋଇ ଗଲେ ଏଥିପାଇଁ ଚିକିତ୍ସା ବୋର୍ଡର ପରାମର୍ଶ ନେବା ଆବଶ୍ୟକ ହୋଇଥାଏ। ୨୪ ସପ୍ତାହ ପରେ କେବଳ ନ୍ୟାୟାଳୟ ହିଁ ଏ ନେଇ ଅନୁମତି ଦେଇ ପାରନ୍ତି।

ତେବେ କିଶୋରୀ ୧୭ ବର୍ଷର ହୋଇଥିବା ବେଳେ ଗର୍ଭଧାରଣ କରିଥିଲେ। ଗର୍ଭାବସ୍ଥା ଏବେ ୩୦ ସପ୍ତାହରେ ପହଞ୍ଚି ସାରିଲାଣି ଓ କିଶୋରୀଙ୍କ ବୟସ ଏବେ ୧୮ ବର୍ଷ ୪ ମାସ। ସୁପ୍ରିମକୋର୍ଟ କହିଛନ୍ତି ଯେ କିଶୋରୀ ଜଣେ ବନ୍ଧୁଙ୍କ ସହିତ ସମ୍ପର୍କରୁ ଗର୍ଭବତୀ ହୋଇଛନ୍ତି ଓ ଗର୍ଭାବସ୍ଥା ଜାରି ରହିବା ଯୋଗୁ କିଶୋରୀଙ୍କୁ ଶାରୀରିକ ଓ ମାନସିକ ଉଭୟ ଆଘାତ ପହଞ୍ଚିବ। ତେବେ ଉଚ୍ଚନ୍ୟାୟାଳୟଙ୍କ ମତ ଥିଲା ସେ ପିଲାକୁ ଜନ୍ମ ଦେଇ ପାରନ୍ତି ଓ ତାକୁ ପୋଷ୍ୟ ବି ଦେଇ ପାରନ୍ତି। ସୁପ୍ରିମକୋର୍ଟ ବେଞ୍ଚ ମେଡିକାଲ ବୋର୍ଡର **(ଶେଷ ପୃଷ୍ଠା ଦେଖନ୍ତୁ)**

# ବିଦେଶୀ ନାଁରେ ଧମକ: କିଏ ଦେଉଛି ସାହସ ?

**ଭୁବନେଶ୍ୱର,୬।୨ : ତଥ୍ୟ**

ଅନଧିକୃତ ଭାବେ ବିନା ପାସ୍‌ପୋର୍ଟ ଓ ଭିସାରେ ବିଦେଶୀମାନେ ଭାରତରେ ରହିବା ବେଆଇନ୍ କାର୍ଯ୍ୟ। ଏଥିପାଇଁ ଆଇନ୍‌ରେ କଡ଼ା ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ନିକଟରେ ଏଭଳି କେତେକ ବିଦେଶୀ ନାଗରିକଙ୍କୁ ଆଇନ୍ ଅଦାଲତ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ତେବେ ଏଭଳି ବେଆଇନ୍ ବିଦେଶୀ ନାଗରିକଙ୍କୁ ଦେଶରୁ ତଡ଼ିବା ପାଇଁ ଆଇନ୍ ବ୍ୟବସ୍ଥାରେ ବ୍ୟାପକ କ୍ଷେତ୍ର ଥିଲେ ମଧ୍ୟ ଏବେ କେତେକ ଅଞ୍ଚଳରେ ବିଦେଶୀ ନାଁ କହି କିଛି ଅସାଧୁ ବ୍ୟକ୍ତି ବ୍ୟାପକ ଚାନ୍ଦା ଆଦାୟ କରୁଥିବା ଘେନି ଗୁରୁତର ଅଭିଯୋଗମାନ ଆସୁଛି।

ନିର୍ବାଚନ କମିଶନ ଏସ୍‌ଆଇଆର ମାଧ୍ୟମରେ ବିଭିନ୍ନ ରାଜ୍ୟରେ ବିଦେଶୀ ନାଗରିକମାନଙ୍କୁ ଚିହ୍ନଟ କରି ସେମାନଙ୍କ ନାମ ଆମ ଦେଶର ଭୋଟର ତାଲିକାରୁ ବାଦ୍ ଦେବାରେ ଲାଗିଛନ୍ତି। ଓଡ଼ିଶାରେ ବି ଚଳିତବର୍ଷ ଏସ୍‌ଆଇଆର୍ ସହିତ ଜନଗଣନା ଓ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଚାଲୁଛି। ଏ ପରିପ୍ରେକ୍ଷୀରେ ଯଦି କୌଣସି ସଚେତନ ନାଗରିକଙ୍କ ଦୃଷ୍ଟିକୁ ବେଆଇନ୍ ଭାବେ ବସବାସ କରୁଥିବା ବିଦେଶୀ ନାଗରିକଙ୍କ ସଂପର୍କରେ ତଥ୍ୟ ମିଳୁଛି ତେବେ ସେମାନେ ଆଇନ୍‌କୁ ହାତକୁ ନନେଇ ଏ ସଂକ୍ରାନ୍ତରେ ପୁଲିସ ଓ ଜିଲ୍ଲା ପ୍ରଶାସନକୁ ଅବହିତ କରିବା ଆବଶ୍ୟକ ବୋଲି ବିଧିବିଶେଷଜ୍ଞମାନେ କହୁଛନ୍ତି।

ଖୋଦ୍ ରାଜଧାନୀ ଭୁବନେଶ୍ୱର ସମେତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, କଟକ ଆଦି ଜିଲ୍ଲାରେ ବହୁ ସଂଖ୍ୟକ ବିଦେଶୀ ବ୍ୟକ୍ତି ରହିଥିବା ଘେନି ଅଭିଯୋଗମାନ ମିଳୁଛି। କେବଳ ସେତିକି ନୁହେଁ, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଗଞ୍ଜାମ, ଅନୁଗୁଳ, ଢେଙ୍କାନାଳ ଆଦି ଜିଲ୍ଲାରେ ବିଦେଶୀ ନାଗରିକ ବହୁ ସଂଖ୍ୟାରେ ଥିବା ଘେନି ଶୁଣିବାକୁ ମିଳୁଛି।

ଏବେ ସାମାଜିକ ଗଣମାଧ୍ୟମରେ ବାରମ୍ବାର ଏ ସଂକ୍ରାନ୍ତୀୟ ଭିଡିଓମାନ ପ୍ରସାରିତ ହେଉଛି। କେତେକ ବ୍ୟକ୍ତି ରାସ୍ତାଘାଟରେ ଏମିତିକି କିଛି ଅଣ ଓଡ଼ିଆ ଲୋକ ରହୁଥିବା ଘରକୁ ଯାଇ ସେମାନଙ୍କୁ ସହର ଛାଡ଼ି ପଳାଇବା ପାଇଁ ଚେତାବନୀ ଦେଉଥିବା ଏଥିରେ ଦେଖାଯାଉଛି। ଲକ୍ଷ ଲକ୍ଷ ଓଡ଼ିଆ ଅନ୍ୟ ରାଜ୍ୟରେ କର୍ତ୍ତବ୍ୟରତ ଅଛନ୍ତି। ଓଡ଼ିଶାରେ ଯଦି ଅଣଓଡ଼ିଆଙ୍କୁ ତଡ଼ିବା ପାଇଁ ଏଭଳି ଉଦ୍ୟମ ହୁଏ ତେବେ ଅନ୍ୟ ରାଜ୍ୟରେ ଥିବା ଓଡ଼ିଆ ପରିବାରଗୁଡ଼ିକ ଉପରେ ତାହାର ପ୍ରତିକୂଳ ପ୍ରଭାବ ପଡ଼ିବ ବୋଲି ଚିନ୍ତାଶୀଳ ବ୍ୟକ୍ତିମାନେ ମତବ୍ୟକ୍ତ କରୁଛନ୍ତି। ଏହାକୁ ଆଖି ଆଗରେ ରଖି ଯେଉଁମାନେ ପ୍ରାଦେଶିକତା ଭିତ୍ତିରେ ଖରାପ ବାତାବରଣ ସୃଷ୍ଟି କରୁଛନ୍ତି ସେମାନଙ୍କ ବିରୋଧରେ ବି ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ଦାବି ହେଉଛି।

ବିଶେଷକରି ଓଡ଼ିଶାର ୪୦୦ କିଲୋମିଟରରୁ ଅଧିକ ସମୁଦ୍ର ଉପକୂଳ ମୁକୁଳା ପଡ଼ିଥିବାବେଳେ ସାମୁଦ୍ରିକ ଥାନା ଓ ଉପକୂଳ ରକ୍ଷା ଦାୟିତ୍ୱରେ ଥିବା ସଂସ୍ଥାଗୁଡ଼ିକ ଅନୁପ୍ରବେଶକାରୀ ବିଦେଶୀ ନାଗରିକମାନଙ୍କୁ ଧରିବା କ୍ଷେତ୍ରରେ ସେମାନଙ୍କ ଦାୟିତ୍ୱ ଠିକଣା ଭାବେ ନିର୍ବାହ କରିବା ଆବଶ୍ୟକ। ଏହାଛଡ଼ା ରେଳ ଓ ବସ୍ ଯୋଗେ ବି ବିଦେଶୀ ନାଗରିକମାନେ ଅନାୟସରେ ଓଡ଼ିଶା ଆସି ବେପାର ବଣିଜ କରିବା ସହିତ ସରକାରୀ ଜାଗା ଜବରଦଖଲ କରି ବସ୍ତି ବଢ଼ାଉଛନ୍ତି। ଏହାକୁ ପ୍ରାଥମିକ ସ୍ତରରେ ନିୟନ୍ତ୍ରଣ କରାଯାଇପାରିଲେ ବହୁ ସମସ୍ୟାର ସମାଧାନ ହୋଇପାରନ୍ତା। ଆଇନ୍‌ଶୃଙ୍ଖଳା ବ୍ୟବସ୍ଥା ଓ ଜାତୀୟ ନିରାପତ୍ତା ଦୃଷ୍ଟିରୁ ବିଦେଶୀ ନାଗରିକଙ୍କୁ ଚିହ୍ନଟ କରି ବିଦା କରିବାର ଦାୟିତ୍ୱ ସରକାରଙ୍କର ଥିବାବେଳେ ବ୍ୟକ୍ତି ବିଶେଷ ଏ କ୍ଷେତ୍ରରେ ସରକାରୀ କଳକୁ ସୂଚନା ଦେବା ପରିବର୍ତ୍ତେ ନିଜେ ଆଇନ୍ ବ୍ୟବସ୍ଥାକୁ ହାତକୁ ନେବା ବିପଜ୍ଜନକ ବୋଲି ଅବସରପ୍ରାପ୍ତ ପୁଲିସ ଅଧିକାରୀ ଓ ଆଇନ୍ ବିଶାରଦମାନେ ମତବ୍ୟକ୍ତ କରୁଛନ୍ତି। ଏବେ ଓଡ଼ିଶାରେ କେତେକ ସଂଖ୍ୟକ ବିଦେଶୀ ନାଗରିକ ଅଛନ୍ତି ତାହାର ପ୍ରକୃତ ତଥ୍ୟ କିନ୍ତୁ ଜଣାପଡୁନାହିଁ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୭ ଫେବୃଆରୀ ୨୦୨୬ । ଶନିବାର




# ଡ୍ୟାନ୍ସ ଗ୍ରୁପ୍‌ର କଳାକାରଙ୍କୁ ଆକ୍ରମଣ

**ଆଠଗଡ: ଏକ୍ସପ୍ରେସ ନ୍ୟୁଜ୍**

ଡ୍ୟାନ୍ସ ଗ୍ରୁପ୍‌ର କଳାକାରଙ୍କ ଉପରେ ଆକ୍ରମଣ ଓ ଲୁଟ୍ ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କଲା ତିଗିରିଆ ପୋଲିସ। ତିଗିରିଆ ଥାନା ଅନ୍ତର୍ଗତ ବଡନାଉପୁଟରେ ରେମୋ ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନଙ୍କ ଉପରେ ଆକ୍ରମଣ ହୋଇଥିଲା । ଗିରଫ ଦୁଇ ଅଭିଯୁକ୍ତ ହେଲେ ବାଙ୍କି ଥାନା ଅନ୍ତର୍ଗତ ବାଉଁଶପୁଟ ଗ୍ରାମର ଜୀବନ ସେଠୀ ଓ ପାଳପୁଟ ଗ୍ରାମର ଦୀପୁ ରଞ୍ଜନ ପରିଡା।

ସୂଚନାଯୋଗ୍ୟ ଯେ, କଟକ ଜିଲ୍ଲା ତିଗିରିଆ ଥାନା ଅନ୍ତର୍ଗତ ଶୁଣ୍ଡିପାଳ ଗ୍ରାମରେ ଗତ ଦୁଇ ଦିନ ତଳେ ଅର୍ଥାତ୍ ୩ ତାରିଖ ଦିନ ସକାଳେ ଡ୍ୟାନ୍ସ ଗ୍ରୁପ୍‌ର ସଦସ୍ୟମାନେ ପ୍ରୋଗ୍ରାମ ସାରି ଘରକୁ ଫେରୁଥିଲେ। ୩ଟି ବାଇକ୍‌ରେ ୬ରୁ ଉର୍ଦ୍ଧ୍ୱ ଯୁବକ ଆସି ବଡନାଉପୁଟ ନିକଟରେ ମଝି ରାସ୍ତାରେ ଗାଡି ଅଟକାଇ ଗ୍ରୁପ୍‌ର ଝିଅମାନଙ୍କୁ ଅସଦାଚରଣ କରିବା ସହିତ ସମସ୍ତ ସଦସ୍ୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହାସହ ୩୦ ହଜାର ଟଙ୍କା, ସୁନା ଚେନ୍ ଓ ଅନ୍ୟ ସାମଗ୍ରୀ ଲୁଟ୍ କରି ନେଇଥିବା ତିଗିରିଆ ଥାନାରେ ଅଭିଯୋଗ ହୋଇଥିଲା। ମରଣାନ୍ତକ ଆକ୍ରମଣ ସମୟର ଭିଜୁଆଲ ଭାଇରାଲ୍ ମଧ୍ୟ ହୋଇଥିଲା। ତେବେ ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ କଳାକାର ମହାସଂଘର ୨୦ରୁ ଉର୍ଦ୍ଧ୍ୱ ସଦସ୍ୟ ତିଗିରିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଦୁଇ ଅଭିଯୁକ୍ତଙ୍କୁ ତାଙ୍କ ନିଜ ଗ୍ରାମରେ ଚଢ଼ାଉ କରି ଗିରଫ କରିବା ସହ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଇପସିତା ପ୍ରିୟଦର୍ଶିନୀ ସୂଚନା ଦେଇଛନ୍ତି।

## ରାସ୍ତା ସଂପ୍ରସାରଣ ଲାଗି ଜବରଦଖଲ ଉଚ୍ଛେଦ



**ଖଣ୍ଡପଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଖଣ୍ଡପଡ଼ାରୁ ଫତେଗଡ ଗ୍ରାମକୁ ସଂଯୋଗ କରୁଥିବା ପୂର୍ତ୍ତବିଭାଗ ମୁଖ୍ୟ ରାସ୍ତାର ସଂପ୍ରସାରଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱସ୍ଥ ସରକାରୀ ଜାଗାରୁ ଜବରଦଖଲକାରୀଙ୍କୁ ହଟାଇବା ନିମନ୍ତେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ଅଭିଯାନ ଜାରି ରହିଛି। ଖଣ୍ଡପଡ଼ା ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀଙ୍କ ଉପସ୍ଥିତିରେ ରାସ୍ତା ପାର୍ଶ୍ୱସ୍ଥିତ ସରକାରୀ ଜାଗାରେ ଗଢି ଉଠିଥିବା ବାସଗୃହ ଓ ଦୋକାନ ଗୃହ ଗୁଡିକ ଗୁରୁବାର ଭଙ୍ଗା ଯାଇଥିଲା। ଖଣ୍ଡପଡ଼ା ପୂର୍ତ୍ତବିଭାଗ କର୍ତ୍ତୃପକ୍ଷ, ଏନଏସି କର୍ତ୍ତୃପକ୍ଷ ଓ ପୋଲିସ ପ୍ରଶାସନ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ ଅଭିଯାନ ପରେ ଖଣ୍ଡପଡ଼ା ସହରାଞ୍ଚଳର ବିଭିନ୍ନ ସ୍ଥାନରେ ସରକାରୀ ଜାଗା ଜବରଦଖଲ କରି ସ୍ଥାୟୀ ବାସଗୃହ ନିର୍ମାଣ କରିଥିବା ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଥିବା ଜଣାପଡିଛି। ଏହାପରେ ଖଳିସାହି ବଜାରର ଉଭୟ ପାର୍ଶ୍ୱରୁ ରାସ୍ତା ସଂପ୍ରସାରଣ ନେଇ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହେବ ବୋଲି ତହସିଲ ପ୍ରଶାସନ ସୂତ୍ରରୁ ଜଣାପଡିଛି।

## ଆଶାକର୍ମୀ ସଂଘ ପକ୍ଷରୁ ବିକ୍ଷୋଭ

**କୁଜଙ୍ଗ: ଏକ୍ସପ୍ରେସ ନ୍ୟୁଜ୍**

ଏଆଇଟିୟୁସି ଅନୁବନ୍ଧିତ ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ କୁଜଙ୍ଗ ଶାଖା ପକ୍ଷରୁ ସେମାନଙ୍କ ପ୍ରତି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀଙ୍କ ସମେତ ଏଏନ୍‌ଏମ, ସିଏଚ୍ ଓ ପ୍ରମୁଖଙ୍କ ଦୁର୍ବ୍ୟବହାର ପ୍ରଦର୍ଶନ ଏବଂ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଅନୁପସ୍ଥିତ ପ୍ରଭୃତି ୧୪ ଦଫା ସମ୍ବଳିତ ଦାବିକୁ ନେଇ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶତାଧିକ ଆଶାକର୍ମୀ ଲୋକନାଥ ଭବନରୁ ବାହାରି ବଜାର ପରିକ୍ରମା କରି କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ପହଞ୍ଚିଥିଲେ। ସେଠାରେ ଶାଖା ସଭାନେତ୍ରୀ ଜୟନ୍ତୀ ଗୋଛାୟତଙ୍କ ଅଧକ୍ଷତାରେ ଆୟୋଜିତ ବିକ୍ଷୋଭ ସମାବେଶ ଓ ପ୍ରତିବାଦ ସଭାରେ ଏଆଇଟିଉସି ଜିଲ୍ଲା ସମ୍ପାଦକ ସୁବାସ ମହାପାତ୍ର ଯୋଗଦେଇ ଆଶା କର୍ମୀମାନେ ଯେତିକି ପରିଶ୍ରମ କରୁଛନ୍ତି ସେହି ଅନୁପାତରେ ପାରିଶ୍ରମିକ ମିଳୁନି ବୋଲି କହିଥିଲେ। ତଥାପି ସେମାନେ ନିରନ୍ତର ଭାବେ ସେବା ଯୋଗାଇ ଦେଉଛନ୍ତି। ସେ ଦାବି କରିଥିଲେ ସେମାନଙ୍କୁ ରାଜ୍ୟ ଅନୁଦାନ ଓ ମାସିକ ପ୍ରୋତ୍ସାହନ ରାଶି ପ୍ରତିମାସ ୧୦ ତାରିଖରେ ପ୍ରଦାନ କରାଯାଉ। ସେମାନଙ୍କ ମାସିକ ଦରମା ସର୍ବନିମ୍ନ ୨୬ ହଜାର ଟଙ୍କା କରାଯିବା, ଅବସର ପରେ ମାସିକ ୧୦ ହଜାର ଟଙ୍କା ଭତ୍ତା ପ୍ରଦାନ, ସ୍ୱତନ୍ତ୍ର ଭାବେ ସ୍ତ୍ରୀ ଓ ପ୍ରସୂତି ଓ୍ୱାର୍ଡ ବ୍ୟବସ୍ଥା କରିବା, ଅବସର ବୟସ ୬୨ ପରିବର୍ତ୍ତେ ୬୫ ବର୍ଷକୁ ବୃଦ୍ଧି କରିବା, ୧ ହଜାରରୁ ଅଧିକ ଜନସଂଖ୍ୟା ଥିବା ଅଞ୍ଚଳରେ ନୂତନ ଆଶା କର୍ମୀ ନିଯୁକ୍ତି କରିବା ପ୍ରଭୃତି ଦାବି କରିଥିଲେ। ଏହି ସମାବେଶରେ ଉତ୍କଳ ମହିଳା ସମିତିର ରାଜ୍ୟ ସମ୍ପାଦିକା ଜିନ୍ମୟୀ ସାହାଣୀ ଯୋଗଦେଇ ଅଭିଯୋଗ କରିଥିଲେ ଯେ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ଏଏନ୍‌ଏମ, ସିଏଚ୍ ଓ ପ୍ରମୁଖ ଆଶାକର୍ମୀମାନଙ୍କୁ ହିନ ମନ୍ୟତା ଓ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ପ୍ରକୃତରେ ଏଭଳି ଅଭିଯୋଗ ଯଦି ସତ୍ୟ ହୋଇଥାଏ ଏହାର ତଦନ୍ତ ହେବା ଆବଶ୍ୟକ। ଅନ୍ୟପଟେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ନିଯୁକ୍ତ ଥିଲେବି ସେ ନିୟମିତ ଡାକ୍ତରଖାନା ଆସୁନଥିବା ଅଭିଯୋଗ କରିଥିଲେ। ଯାହାକି ପ୍ରସୂତିମାନେ ଚିକିତ୍ସା ସୁବିଧାରୁ ବଞ୍ଚିତ ହେବା ସହ ଖର୍ଚ୍ଚାନ୍ତ ହୋଇ ସୁଦୂର ଜଗତସିଂହପୁର ବା ଘରୋଇ ଚିକିତ୍ସାଳୟକୁ ନେବାକୁ ପଡୁଛି। ବଜାର ପଟରୁ ଡାକ୍ତରଖାନାର ମୁଖ୍ୟ ଫାଟକକୁ କାହିଁକି ତାଲା ପକାଯାଇଛି ସେ ନେଇ ସୁବାସ ମହାପାତ୍ର ପ୍ରଶ୍ନ କରିଥିଲେ। ମୁଖ୍ୟ ଫାଟକ ତାଲା ବନ୍ଦ ହୋଇ ରହିବା ଫଳରେ ଆମ୍ବୁଲାନ୍ସ ପ୍ରବେଶ କରି ପାରୁ ନାହିଁ। ସାଧାରଣରେ ଆଲୋଚନା ହେଉଛି ଡାକ୍ତରଖାନା ପରିସରରେ ଜଣେ କେହି ନିୟମିତ ଭାବେ ବସି ରହି ବିଭିନ୍ନ ବେନାମୀ କମ୍ପାନୀ ଔଷଧ ଲେଖିବା ପାଇଁ ଡାକ୍ତରମାନଙ୍କୁ ପ୍ରଭାବିତ କରିବା ସହ ପ୍ରୋତ୍ସାହନ ଦେଉଛି। କେତେକ ନିର୍ଦ୍ଦିଷ୍ଟ ଔଷଧ ଦୋକାନୀ ଏହି ସବୁ ଔଷଧ ବିକ୍ରି କରୁଛନ୍ତି। ପ୍ରାୟତଃ ମୁଖ୍ୟ ଫାଟକ ବାହାରେ ଥିବା ଔଷଧ ଦୋକାନରେ ଏସବୁ ଔଷଧ ମିଳେନି। ତେଣୁ ରୋଗୀମାନେ ମୁଖ୍ୟ ଫାଟକ ଦେଇ ବାହାରିଲେ କାଳେ ଅନ୍ୟ ଔଷଧ ଦୋକାନୀ କହିଦେବ ଏ ଭଲ କମ୍ପାନୀ ଔଷଧ ନୁହଁ ସେହି ଭୟରେ ଡାକ୍ତରମାନେ ମନ୍ତ୍ରଣା କରି ବନ୍ଦ କରିଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷୀକା ଡାକ୍ତର ଚେତନା ପୁରୋହିତଙ୍କ ମତାମତ ନେବା ପାଇଁ ବାରମ୍ବାର ତାଙ୍କ ମୋବାଇଲକୁ କଲ କରିଥିଲେ ବି ସେ ଉଠାଇ ନଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାସନ୍ତୀ ବାରିକ, ପିନାରାଣୀ ନାୟକ, ମମତା ଦାସ, ଟିକିନାବାଳା ପରିଡା, ପୁଷ୍ପଲତା ପାଣି, ରଶ୍ମୀ ପରିଡା, ପ୍ରମିଳା ମଲ୍ଲିକ, ବାସନ୍ତୀ ସ୍ୱାଇଁ, ବବିତା ପରିଡା, ସରସ୍ୱତୀ ତରାଇ, ହିଜାରାଣୀ ସ୍ୱାଇଁ, ରୁନୁବାଳା ବେଉରା, ଜୁଲିନା ଜେନା, ସନ୍ଧ୍ୟାରାଣୀ ମହାପାତ୍ର, ପୁଷ୍ପଲତା ସାହୁ, ମଞ୍ଜୁଲତା ସେଠୀ, ଜୟନ୍ତୀ ଗୋଛାୟତ, ଲୋଭାରାଣୀ ଦାସ, କାଞ୍ଚନବାଳା ଖଟୁଆ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।



## ସୁବ୍ରତଙ୍କୁ ବିଜେଡ଼ିର ସାଙ୍ଗଠନିକ ଦାୟିତ୍ୱ

**ନିମାପଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ନିମାପଡ଼ାରେ ବିଜୁ ଜନତା ଦଳ ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ିଥିବା ବେଳେ ଦଳକୁ ସଜାଡି, ସଂଗଠନକୁ ପୁନଶ୍ଚ ସୁଦୃଢ କରିବା ନିମନ୍ତେ ରାଜ୍ୟ ନେତୃତ୍ୱ ଦକ୍ଷ ନେତା ସୁବ୍ରତ ଛାଟୋଇଙ୍କୁ ସାଙ୍ଗଠନିକ ଦାୟିତ୍ୱ ଅର୍ପଣ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ବିଜେଡ଼ିର ସ୍ଥିତି ଅତ୍ୟନ୍ତ ନୈରାଶଜନକ ହୋଇଥିବା ବେଳେ ନିମାପଡ଼ା ସମ୍ପୂର୍ଣ୍ଣ ମୁରବୀଶୂନ୍ୟ ହୋଇପଡିଛି। ଦଳରେ ନେତା ସଙ୍କଟ ଦେଖା ଦେଇଥିବାବେଳେ ଗୁରୁବାର ଅପରାହ୍ନରେ ଶଙ୍ଖଭବନ ଠାରେ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳରନେତା ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟର ବରିଷ୍ଠ ନେତୃତ୍ୱମାନଙ୍କ ଉପସ୍ଥିତିରେ ସଭାପତି ନବୀନଙ୍କ ନିର୍ଦ୍ଦେଶକ୍ରମେ ଗୋପ ନିମାପଡ଼ା ନିର୍ବାଚନ ମଣ୍ଡଳୀର ସାଂଗଠାନିକ ଦାୟିତ୍ୱ ସୁବ୍ରତ ଛାଟୋଇଙ୍କୁ ପ୍ରଦାନ କରାଯାଇଥିଲା। ବୈଠକରେ ଜିଲ୍ଲା ଓ ରାଜ୍ୟ ପ୍ରମୁଖ ନେତୃତ୍ୱ ଏବଂ ନିମାପଡ଼ା ଗୋପର ବରିଷ୍ଠ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ୨୪ ନିର୍ବାଚନ ସମୟରେ ନିଜେ ପ୍ରାର୍ଥୀ ନହୋଇ ମଧ୍ୟ ସୁବ୍ରତ ନିମାପଡ଼ା ବିଜେଡ଼ିର ମଙ୍ଗ ଧରି, ସଂଗଠନକୁ ଆଶାତୀତ ସୁଦୃଢ କରି ଦଳକୁ ବିଜୟୀ କରିପାରି ନଥିଲେ ସୁଦ୍ଧା ବିଜୟର ନିକଟବର୍ତ୍ତୀ କରାଇ ନିଜ ଦକ୍ଷତାର ପରିଚୟ ଦେଇଥିଲେ। ୨୦୨୭ ପଞ୍ଚାୟତ ନିର୍ବାଚନ ଆସନ୍ନ ପ୍ରାୟ। ମୁରବିଶୁନ୍ୟ ହୋଇ ପଡ଼ିଥିବା ବିଜୁ ଜନତା ଦଳ ସୁବ୍ରତଙ୍କ ନେତୃତ୍ୱରେ ବାଜିମାତ୍ କରୁଛି ନା ପୁନଶ୍ଚ ଭୁଶୁଡୁଛି ଦେଖିବାକୁ ବାକି ରହିଲା।



## ଜିଲ୍ଲା ଦାବି ନେଇ ଆଠଗଡ ବନ୍ଦ ସଫଳ

**ଆଠଗଡ: ଏକ୍ସପ୍ରେସ ନ୍ୟୁଜ୍**

ଆଠଗଡ ଉପଖଣ୍ଡକୁ ଜିଲ୍ଲା ଦାବି ନେଇ ଆଠଗଡ ଜିଲ୍ଲା କ୍ରିୟା ଅନୁଷ୍ଠାନ କମିଟି ପକ୍ଷରୁ ଦିଆଯାଇ ଥିବା ଆଠଗଡ ବନ୍ଦ ଡାକରାକୁ ଅଭୁତପୂର୍ବ ସଫଳତା ମିଳିବାର ଦେଖିବାକୁ ମିଳିଛି। ଏହି ୧୨ ଘଣ୍ଟିଆ ବନ୍ଦ ଆଠଗଡ ପୁରା ଠପ୍ ହେଇଯାଇଛି। ବନ୍ଦକୁ ସମର୍ଥନ କରି ସହରର ସମସ୍ତ ଦୋକାନ ବଜାର ସମେତ ବ୍ୟବସାୟୀକ ପ୍ରତିଷ୍ଠାନମାନ ବନ୍ଦ ରହିଥିଲା। ଏହାସହିତ ସମସ୍ତ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନମାନ ମଧ୍ୟ ଏକ ପ୍ରକାର ବନ୍ଦ ଥିବାର ଦେଖିବାକୁ ମିଳିଥିଲା। ବନ୍ଦରୁ କେବଳ ଜରୁରୀ କାଳୀନ ସେବାକୁ ଏହି ବନ୍ଦରୁ ଅବ୍ୟାହତ ଦିଆଯାଇଥିଲା। ଏହି ବନ୍ଦକୁ ସମର୍ଥନ କରି କୌଣସି ବ୍ୟକ୍ତି ବିଶେଷ ସରକାରୀ କାର୍ଯ୍ୟରେ ସରକାରୀ ଦପ୍ତରକୁ ଆସିନଥିଲେ। ସେହିଭଳି ବିଦ୍ୟାଳୟମାନଙ୍କୁ ଛାତ୍ରାଛାତ୍ରୀମାନେ ମଧ୍ୟ ଆସି ନଥିଲେ। ଏହାସହିତ ସମସ୍ତ ଗାଡି ଚାଳାଚଳ ମଧ୍ୟ ସଂପୂର୍ଣ୍ଣ ଭାବରେ ବନ୍ଦ ରହିଥିଲା। କ୍ରିୟା ଅନୁଷ୍ଠାନ କମିଟି ସଭାପତି ବରିଷ୍ଠ ଅଧିବକ୍ତା ଫଣି ଭୂଷଣ ରଥ, ଗଡଜାତ ପରିକ୍ରମାର ସଭାପତି ତଥା କମିଟି ଉପଦେଷ୍ଟା ବରିଷ୍ଠ ଅଧିବକ୍ତା ପ୍ରାଣକୃଷ୍ଣ ଦାଶ ଏବଂ କମିଟି ଆବାହକ ବରିଷ୍ଠ ସାମ୍ବାଦିକ ଲାଲଟେନ୍ଦୁ ସେନାପତିଙ୍କ ନେତୃତ୍ୱରେ ବହୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବି ଏବଂ ଅବସର ପ୍ରାପ୍ତ ସେନା, ବ୍ୟବସାୟୀମାନେ ଚାନ୍ଦବାଲି ଛକ ନିକଟରେ ୬୫ ନଂ ରାଜପଥକୁ ଅବରୋଧ କରି ବସି ରହିଥିଲେ। ଏହି ବନ୍ଦକୁ ସମର୍ଥନ ଜଣାଇ ବରିଷ୍ଠ କଂଗ୍ରେସ କର୍ମୀ ଘଟଣାସ୍ଥଳରେ ପହଁଚି ବନ୍ଦକୁ ନୈତିକ ସମର୍ଥନ ଦେଇ ଆଠଗଡ ଜିଲ୍ଲା ହେବାର ଆବଶ୍ୟକତା ପାଇଁ ତଥ୍ୟ ରଖିଥିଲେ। ସେହିଭଳି ଭାଜପା ନେତା ଅଭୟ କୁମାର ବାରିକ ବନ୍ଦକୁ ସମର୍ଥନ ଦେବା ଏକ ପ୍ରେସ ବାର୍ତ୍ତା ଦେଇଥିବା ବେଳେ ସାଂସଦ ପ୍ରତିନିଧି ସରୋଜ ଦାସଙ୍କୁ ବନ୍ଦ ସ୍ଥଳିରେ ଯୋଗ ଦେଇଥିଲେ।

## ନାବାଳକଙ୍କ ଝୁଲନ୍ତା ମୃତଦେହ

**କଣ୍ଟାବାଞ୍ଜି: ଏକ୍ସପ୍ରେସ ନ୍ୟୁଜ୍**

ଉଦ୍ଧାର ହେଲା ନାବାଳକଙ୍କ ଝୁଲନ୍ତା ମୃତଦେହ। ଘର ପାଖ ଗଛରେ ଝୁଲୁଥିଲା ମୃତଦେହ। ମୃତଦେହ ଉଦ୍ଧାର ପରେ ପରିବାର ଲୋକ ଆଣିଲେ ହତ୍ୟା ଅଭିଯୋଗ। ମୃତକ ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନୂଆପଡ଼ାରେ ରହୁଥିବା ହରି ବଛାଙ୍କ ନାବାଳକ ପୁଅ ବୋଲି ଜଣାପଡିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରୁଛି। ସୂଚନାଯୋଗ୍ୟ ଯେ, ହରି ବଛାଙ୍କ ନାବାଳକ ପୁଅ ପାଠ ଛାଡି ବୁଲା ବୁଲି କରିବା ସହ କିଛି କାମ କରି ଘର ଚଳେଇବାରେ ସାହାଯ୍ୟ କରୁଥିଲେ। ଗୁରୁବାର ସେ କାମ କରିବାକୁ ଯାଉଛି ବୋଲି ଘର ଲୋକଙ୍କୁ କହି ଘରୁ ଯାଇଥିଲା। ରାତିରେ ଘରକୁ ଫେରିନଥିବା ବେଳେ ଘର ଲୋକ ତାଙ୍କୁ ଫୋନ୍ କରିଥିଲେ। ହେଲେ ସେ ଆଉ ଫୋନ୍ ଉଠାଇନଥିଲେ। ଶୁକ୍ରବାର ସକାଳୁ ହରି ବଛାଙ୍କ ଘର ପାଖ ଏକ ଗଛରେ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। କାଳେ ପୁଅ ବଞ୍ଚିଥିବ ବୋଲି ଭାବି ଘର ଲୋକ ଗଛରୁ ଶବକୁ ଓହ୍ଲାଇ ଦେଇଥିଲେ। କିନ୍ତୁ ସେତେବେଳକୁ ପୁଅର ଜୀବନ ଚାଲିଯାଇଥିଲା। କିଏ ହତ୍ୟା କରିଦେଇ ଗଛରେ ଝୁଲାଇଦେଇଥିବା ମୃତ ନାବାଳକଙ୍କ ବାପା ହରି ବଛା ଅଭିଯୋଗ କରିଛନ୍ତି।

## ଚୋରା ମଦ ବିକ୍ରିକୁ ନେଇ ତାତିଲେ ମହିଳା




**ଧର୍ମଶାଳା: ଏକ୍ସପ୍ରେସ ନ୍ୟୁଜ୍**

ଜାରକାରେ ଚୋରା ମଦ ବିକ୍ରି ବନ୍ଦ କରିବାକୁ ମହିଳାଙ୍କ ଦାବି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଚୋରା ମଦ ବିକ୍ରି ବନ୍ଦ ଚେତାବନୀ ପରେ ଜାରକା ବଜାରରେ ପ୍ରଥମ କରି ଏହାର ପ୍ରଭାବ ଦେଖିବାକୁ ମିଳିଛି। ସ୍ଥାନୀୟ ଜାରକା ଶବର ସାହିର ମହିଳାମାନେ ବିଧାୟକ ଶ୍ରୀ ସାହୁଙ୍କ ସହିତ ସ୍ୱର ମିଳେଇଛନ୍ତି। ମହିଳାମାନେ ବ୍ଲକ କାର୍ଯ୍ୟାଳୟ ସାମ୍ନା ନିଜ ସାହିରୁ ଏକ ଶୋଭାଯାତ୍ରାରେ ବାହାରି ମଦ ବିରୋଧରେ ସ୍ଲୋଗାନ ଦେଇ ବଜାର ପରିକ୍ରମା କରି ଜାରକା ଜାମୁବଣିଆସ୍ଥିତ ଧର୍ମଶାଳା ଅବକାରୀ ଥାନା ସମ୍ମୁଖରେ ପହଞ୍ଚିଥିଲେ। ଗାଁରେ ଚୋରା ମଦ ବିକ୍ରି ବନ୍ଦ କରାଯାଉ ବୋଲି ମହିଳାମାନେ ସେଠାରେ ଘଣ୍ଟାଏ ଧରି ନାରା ବାଜି କରିଥିଲେ। ଗାଁରେ ଦିନରାତି ଚୋରା ମଦ ବିକ୍ରି ଯୋଗୁଁ ମହିଳାମାନଙ୍କ ପୁଅ ଓ ସ୍ୱାମୀମାନେ ନିଶାଗ୍ରସ୍ତ ହୋଇ କିଛି କାମଦାମ କରୁନାହାନ୍ତି। ଏପରିକି ମଦ ପିଇବାକୁ ଘରେ ଟଙ୍କା ପାଇଁ ମାରଧର କରୁଛନ୍ତି। ଫଳରେ ପରିବାରରେ ଅଶାନ୍ତି ଉପୁଜିଛି ବୋଲି ଅଭିଯୋଗ କରିଛନ୍ତି। ଅବକାରୀ ଥାନାଠାରୁ ୨୦୦ ମିଟର ଦୂରରେ ଚୋରା ମଦ ବିକ୍ରି ହେଉଥିଲେ ହେଁ କାହିଁକି ଚଢ଼ାଉ କରାଯାଇନାହିଁ ବୋଲି ମହିଳାମାନେ କର୍ମଚାରୀଙ୍କୁ ପ୍ରଶ୍ନ କରିଥିଲେ। ଅବକାରୀ ଥାନାର କର୍ମଚାରୀ ପହଞ୍ଚି ମହିଳାଙ୍କ ନିକଟରୁ ଦାବିପତ୍ର ଗ୍ରହଣ କରିଥିଲେ।

### ବାଣିଜ୍ୟ

## ରେପୋ ରେଟ ଅପରିବର୍ତ୍ତିତ

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଶୁକ୍ରବାର ଘୋଷଣା କରିଛନ୍ତି ଯେ, ମୁଦ୍ରା ନୀତି କମିଟି (ଏମପିସି) ଏକ ନିରପେକ୍ଷ ନୀତି ମନୋଭାବ ବଜାୟ ରଖି ନୀତି ରେପୋ ହାରକୁ ୫.୨୫ ପ୍ରତିଶତରେ ଅପରିବର୍ତ୍ତିତ ରଖିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନେଇଛି। ନୀତି ନିଷ୍ପତ୍ତି ଘୋଷଣା କରି ଗଭର୍ଣ୍ଣର କହିଛନ୍ତି ଯେ, ବିକଶିତ ମାକ୍ରୋ ଅର୍ଥନୈତିକ ପରିସ୍ଥିତି ଏବଂ ସାମଗ୍ରିକ ଅର୍ଥନୈତିକ ଦୃଷ୍ଟିକୋଣର ବିସ୍ତୃତ ମୂଲ୍ୟାଙ୍କନ ପରେ ଏମପିସି ଏହି ନିଷ୍କର୍ଷରେ ପହଞ୍ଚିଛି। ଗତ ନୀତି ବୈଠକ ପରଠାରୁ, ବାହ୍ୟ ଚ୍ୟାଲେଞ୍ଜଗୁଡ଼ିକ ତୀବ୍ର ହୋଇଛି। ତଥାପି, ବାଣିଜ୍ୟ ଚୁକ୍ତିର ସଫଳ ସମାପ୍ତି ଅର୍ଥନୈତିକ ଦୃଷ୍ଟିକୋଣ ପାଇଁ ଶୁଭ ସୂଚକ। ସାମଗ୍ରିକ ଭାବରେ, ଘରୋଇ ମୁଦ୍ରାସ୍ଫୀତି ଏବଂ ଅଭିବୃଦ୍ଧି ପାଇଁ ଦୃଷ୍ଟିକୋଣ ନିକଟ ଭବିଷ୍ୟତରେ ସକାରାତ୍ମକ ରହିଛି। ଗତ ନୀତି ବୈଠକ ପରଠାରୁ ବାହ୍ୟ ଚ୍ୟାଲେଞ୍ଜଗୁଡ଼ିକ ତୀବ୍ର ହୋଇଛି। ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ସାମ୍ପ୍ରତିକ ବାଣିଜ୍ୟ ଚୁକ୍ତିର ସଫଳ ସମାପ୍ତି ଅର୍ଥନୈତିକ ଦୃଷ୍ଟିକୋଣ ପାଇଁ ଶୁଭ ସୂଚକ। ଘରୋଇ ମୁଦ୍ରାସ୍ଫୀତି ଏବଂ ଅଭିବୃଦ୍ଧି ପାଇଁ ଦୃଷ୍ଟିକୋଣ ନିକଟ ଭବିଷ୍ୟତରେ ସକାରାତ୍ମକ ରହିଛି। ରେପୋ ହାର ଅପରିବର୍ତ୍ତିତ ହେବା ସହିତ, ସ୍ଥାୟୀ ଜମା ସୁବିଧା (ଏସଡିଏଫ୍) ହାର ୫ ପ୍ରତିଶତରେ ରହିଛି, ଯେତେବେଳେ ସୀମାଗତ ସ୍ଥାୟୀ ସୁବିଧା (ଏମ୍‌ଏସ୍‌ଏଫ୍) ହାର ଏବଂ ବ୍ୟାଙ୍କ ହାର ୫.୫ ପ୍ରତିଶତରେ ରହିଛି। ଏମପିସିର ନିଷ୍ପତ୍ତି ବିଶ୍ୱ ଅନିଶ୍ଚିତତା ବିରୁଦ୍ଧରେ ଘରୋଇ ଅର୍ଥନୈତିକ ପରିସ୍ଥିତିର ସତର୍କ ସନ୍ତୁଳନକୁ ପ୍ରତିଫଳିତ କରେ। ଦେଶରେ ଅଭିବୃଦ୍ଧି ଏବଂ ମୁଦ୍ରାସ୍ଫୀତି ଧାରା ସହାୟକ ରହିଛି। କିନ୍ତୁ ବିଶ୍ୱ ବିକାଶ ଏବଂ ପ୍ରମୁଖ ଅର୍ଥନୀତିରୁ ପରିବର୍ତ୍ତନଶୀଳ ମୁଦ୍ରା ନୀତି ସଙ୍କେତକୁ ଦୃଷ୍ଟିରେ ରଖି କମିଟି ସତର୍କ ରହିଛି।

ବିଶ୍ୱ ସ୍ତରରେ, ଫେବୃଆରୀ ୨୦୨୬ରେ ପ୍ରମୁଖ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର ମୁଦ୍ରା ନୀତି ନିଷ୍ପତ୍ତିରେ ଏକ ସ୍ପଷ୍ଟ ପାର୍ଥକ୍ୟ ପରିଲକ୍ଷିତ ହୋଇଥିଲା। ୨୦୨୫ ସମୟରେ ହାର ହ୍ରାସ ପରେ, ଆମେରିକା ଫେଡେରାଲ ରିଜର୍ଭ ଏବଂ ବ୍ୟାଙ୍କ ଅଫ୍ ଇଂଲଣ୍ଡ ସେମାନଙ୍କର ସର୍ବଶେଷ ନୀତି ବୈଠକରେ ସେମାନଙ୍କର ସୁଧ ହାରକୁ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଥିଲେ। ବିପରୀତରେ, ଅଷ୍ଟ୍ରେଲିଆ ରିଜର୍ଭ ବ୍ୟାଙ୍କ ଦୁଇ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ସୁଧ ହାର ବୃଦ୍ଧି ଘୋଷଣା କରି ଆର୍ଥିକ ବଜାରକୁ ଆଶ୍ଚର୍ଯ୍ୟ କରିଛି, ଯାହା ଏହାର ନୀତି ଦୃଷ୍ଟିକୋଣରେ ପରିବର୍ତ୍ତନର ସଙ୍କେତ ଦେଉଛି। ମୁଦ୍ରାସ୍ଫୀତି କ୍ଷେତ୍ରରେ, ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ସଦ୍ୟତମ ତଥ୍ୟ ଦର୍ଶାଉଛି ଯେ ଡିସେମ୍ବର ୨୦୨୫ ପାଇଁ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଉପରେ ଆଧାରିତ ବର୍ଷ-ବର୍ଷ ମୁଦ୍ରାସ୍ଫୀତି ଡିସେମ୍ବର ୨୦୨୪ ତୁଳନାରେ ଅସ୍ଥାୟୀ ଭାବରେ ୧.୩୩ ପ୍ରତିଶତ ଥିଲା।

ନିମ୍ନ ମୁଦ୍ରାସ୍ଫୀତି ସଂଖ୍ୟା ନୀତି ନିର୍ମାତାମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରେ। ଯଦିଓ ସେମାନେ ବିଶ୍ୱ ବିକାଶରୁ ସମ୍ଭାବ୍ୟ ବିପଦ ଉପରେ ନଜର ରଖନ୍ତି। ଆରବିଆଇ ପୁନରାବୃତ୍ତି କରିଛି ଯେ ଏହାର ଭବିଷ୍ୟତ ନୀତିଗତ କାର୍ଯ୍ୟଗୁଡ଼ିକ ଆସୁଥିବା ତଥ୍ୟ ଏବଂ ବିକଶିତ ହେଉଥିବା ସାମଗ୍ରିକ ଅର୍ଥନୈତିକ ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ହେବ, ଅର୍ଥନୈତିକ ଅଭିବୃଦ୍ଧିକୁ ସମର୍ଥନ କରିବା ସହିତ ମୂଲ୍ୟ ସ୍ଥିରତା ବଜାୟ ରଖିବା ଉପରେ ଧ୍ୟାନ ଦିଆଯିବ।



## ଶିକ୍ଷକ ନିଯୁକ୍ତି ଦାବିରେ ଗ୍ରାମବାସୀଙ୍କ ଧାରଣା

**ରେଢ଼ାଖୋଲ: ଏକ୍ସପ୍ରେସ ନ୍ୟୁଜ୍**

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହର ବିକାଶ ଦିଗରେ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏପରିକି ପାଠ ପଢା, ବହିପତ୍ର, ମଧ୍ୟାହ୍ନ ଭୋଜନ ଓ ଗୁଣାତ୍ମକ ଶିକ୍ଷା ଆଦିର ବିକାଶ ପାଇଁ ସରକାରୀ କୋଟି ଟଙ୍କା ବିନିଯୋଗ କରୁଥିବା ବେଳେ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଲୁହାପଙ୍କ ପ୍ରାଥମିକ ବିଦ୍ୟାଳୟରେ ସମ୍ପ୍ରତି ଆବଶ୍ୟକ ଶିକ୍ଷକ ଅଭାବ ଲାଗି ରହିଛି। ଫଳରେ ଛାତ୍ରଛାତ୍ରୀମାନେ ଶିକ୍ଷା ଦାନ କ୍ଷେତ୍ରରେ ଘୋର ସମସ୍ୟା ଦେଖା ଦେଇଛି। ଏ ସମସ୍ୟାର ସମାଧାନ କରି ଆବଶ୍ୟକ ଶିକ୍ଷକ ଯୋଗାଇ ଦେବାକୁ ଗ୍ରାମବାସୀ ଓ ଅଭିଭାବକମାନେ ଗତ ତା ୧୯.୧୨.୨୦୨୫ରିଖରେ ଗ୍ରାମବାସୀ ଓ ଅବିଭାବକମାନେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହାନ୍ତଙ୍କ ଦ୍ୱାରସ୍ଥ ହୋଇ ଏକ ଲିଖିତ ଦାବିପତ୍ର ପ୍ରଦାନ କରି ଥିଲେ। ଏପରିକି ଦାବି ପୂରଣ ନ ହେଲେ ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିବାକୁ ଗ୍ରାମବାସୀ ଓ ଅବିଭାବକମାନେ ସେତିକି ବେଳେ ଚେତାବନୀ ଦେଇ ଥିଲେ। ହେଲେ ପ୍ରଶାସନ ପକ୍ଷରୁ ଶୀଘ୍ର ଶିକ୍ଷକ ପଦବୀ ପୂରଣ କରାଯିବ ବୋଲି ଶିକ୍ଷା ବିଭାଗ ଓ ପ୍ରଶାସନ ପ୍ରକାଶ କରିଥିଲେ। ମାତ୍ର ଦାବିପତ୍ର ପ୍ରଦାନର ଦୀର୍ଘ ୪୮ ଦିନ ବିତି ଯିବା ପରେ ମଧ୍ୟ କୌଣସି ଶିକ୍ଷକ ନିଯୁକ୍ତି ଦିଆଗଲା ନାହିଁ। ଫଳରେ ଦିନକୁ ଦିନ ପିଲାଙ୍କ ପାଠ ପଢାରେ ଅଧିକ ସମସ୍ୟା ଦେଖା ଦେଇ ଥିଲା। ଯାହାକୁ ନେଇ ପିଲାଙ୍କ ଭବିଷ୍ୟତ ମାଟି ହେବାକୁ ବସି ଥିବା ନେଇ ଅବିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଲା। ଏହାକୁ ନେଇ ଗୁରୁବାର ଲୁହାପଙ୍କ ଗ୍ରାମବାସୀ ଓ ଅବିଭାବକମାନେ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦାବି ନେଇ ବିଦ୍ୟାଳୟ ମୁଖ୍ୟ ଫାଟକରେ ସକାଳ ୧୦ଟାରୁ ୧୧.୪୦ ପର୍ଯ୍ୟନ୍ତ ତାଲା ପକାଇ ଅବିଭାବକ, ଗ୍ରାମବାସୀ ଛାତ୍ରଛାତ୍ରୀମାନଙ୍କୁ ନେଇ ଧାରଣା ଦେଇ ଥିଲେ। ଖବର ପାଇ ରେଢ଼ାଖୋଲ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ରଞ୍ଜିତ ଭୋଇ ବିଦ୍ୟାଳୟରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଥିଲେ। ଆସନ୍ତା ୭ ଦିନ ଭିତରେ ଆବଶ୍ୟକ ଶିକ୍ଷକ ଯୋଗାଇ ଦେବାକୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ବିଦ୍ୟାଳୟ ମୁଖ୍ୟ ଫାଟକରୁ ଅବିଭାବକ ଓ ଗ୍ରାମବାସୀମାନେ ବିଦ୍ୟାଳୟ ମୁଖ୍ୟ ଫାଟକରୁ ତାଲା ଖୋଲି ଥିଲା। ଯଦି ୭ ଦିନ ମଧ୍ୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି କରା ନ ଯାଏ ତା ହେଲେ ଅଷ୍ଟମ ଦିନରେ ପୁଣି ବିଦ୍ୟାଳୟ ମୁଖ୍ୟ ଫାଟକରେ ଅବିଭାବକ ଓ ଗ୍ରାମବାସୀ ତାଲା ପକାଇ ଆନ୍ଦୋଳନ ତୀବ୍ରତର କରିବାକୁ ଚେତାବନୀ ଦେଇଛନ୍ତି।

ଉଲ୍ଲେଖ ଯୋଗ୍ୟ ଯେ, ବିଦ୍ୟାଳୟରେ ଏବେ ଶିଶୁ ବାଟିକାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୬ଟି ଶ୍ରେଣୀରେ ୬୩ଜଣ ଛାତ୍ରଛାତ୍ରୀ ପାଠ ପଢୁ ଅଛନ୍ତି। ବିଦ୍ୟାଳୟରେ ପୂର୍ବରୁ ୩ଜଣ ଶିକ୍ଷକ ପାଠ ପଢାଉ ଥିଲେ। ଗତ ୨୦୨୩ ଜାନୁଆରୀ ମାସରେ ଜଣେ ଶିକ୍ଷକ ଅବସର ଗ୍ରହଣ କରିବା ପରେ ତାଙ୍କ ସ୍ଥାନରେ ଆଉ କୌଣସି ଶିକ୍ଷକଙ୍କୁ ନିଯୁକ୍ତି କରାଯାଇ ନାହିଁ। ଫଳରେ ଉକ୍ତ ଦିନ ଠାରୁ ୨ଜଣ ଶିକ୍ଷକ ୬ଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରୁଛନ୍ତି। ଅନେକ ସମୟରେ ପ୍ରଧାନ ଶିକ୍ଷକ ବିଭିନ୍ନ ସରକାରୀ କାର୍ଯ୍ୟ ସହିତ ମଧ୍ୟାହ୍ନ ଭୋଜନ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ମାତ୍ର ଜଣେ ଶିକ୍ଷକଙ୍କୁ ନେଇ ୬ଟି ଶ୍ରେଣୀ ଛାତ୍ରଛାତ୍ରଙ୍କୁ ପାଠ ପଢାଇବାକୁ ପଡୁଛି। ଫଳରେ ଶିକ୍ଷାଦାନ କ୍ଷେତ୍ରରେ ଘୋର ସମସ୍ୟା ଦେଖା ଦେଇଛି। ଯାହାକୁ ନେଇ ଗ୍ରାମବାସୀ ବିଦ୍ୟାଳୟ ମୁଖ୍ୟ ଫାଟକରେ ଗ୍ରାମବାସୀ ଓ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରି ତାଲା ପକାଇ ଛାତ୍ରଛାତ୍ରୀଙ୍କୁ ନେଇ ତାଲା ପକାଇ ଧାରଣା ଦେଇ ଥିଲେ।




## ଡେଟିଂକୁ ନେଇ ମୁହଁ ଖୋଲିଲେ ତଲୱିନ୍ଦର

### ସିନେମାଫିନେମା ଟିଭିଫିଭି

ପଞ୍ଜାବୀ ଗାୟକ ତଲବିନ୍ଦର ସିଂ ସିଦ୍ଧୁ। ଯାହାଙ୍କୁ କେବଳ ତଲୱିନ୍ଦର ନାମରେ ଜଣାଶୁଣା। ଅଭିନେତା ଦିଶା ପଟାନିଙ୍କ ସହ ତାଙ୍କ ସମ୍ପର୍କ ପାଇଁ ଚର୍ଚ୍ଚାରେ ରହିଛନ୍ତି। ଏହି ଚର୍ଚ୍ଚାର ବିଷୟ ହୋଇଥିବା କପଲ କ୍ରିତି ସାନନଙ୍କ ଭଉଣୀ ନୁପୁର ସାନନ ଏବଂ ଷ୍ଟେବିନ ବେନଙ୍କ ବିବାହରେ ଯୋଗ ଦେଇ ଲାଇମ୍ ଲାଇଟକୁ ଆସିଥିଲେ। ବିବାହ ସମୟରେ ଏହି କପଲଙ୍କୁ ଏକାଠି ଏକ କାରରେ ଯାଉଥିବାର ଦେଖାଯାଇଥିଲା। ସେବେଠାରୁ ସେମାନେ ଡେଟିଂ ଖବରକୁ ନେଇ ଚର୍ଚ୍ଚା ଜୋର ଧରିଛି। କିନ୍ତୁ ବର୍ତ୍ତମାନ ଦିଶାଙ୍କ ସହ ତାଙ୍କ ସମ୍ପର୍କକୁ ନେଇ ଚାଲିଥିବା ଚର୍ଚ୍ଚା ଉପରେ ତଲୱିନ୍ଦର ମୁହଁ ଖୋଲିଛନ୍ତି।

ଏକ ସାକ୍ଷାତକାରରେ ଗାୟକଙ୍କୁ ଦିଶାଙ୍କ ସହ ତାଙ୍କ ସମ୍ପର୍କ ବିଷୟରେ ପଚରାଯାଇଥିଲା। ପ୍ରଶ୍ନ ଥିଲା, 'ତୁମେ ଦିଶାଙ୍କ ସହ ସମ୍ପର୍କରେ ଅଛ କି ନାହିଁ?' ତଲୱିନ୍ଦର ଉତ୍ତର ଦେଇଥିଲେ, 'ଆମେ ବିବାହ ପୂର୍ବରୁ କେବଳ ପରସ୍ପରକୁ ଜାଣିଥିଲୁ। ଏହି ସମସ୍ତ ଧ୍ୟାନ ଆମ ପାଇଁ ଅପ୍ରତ୍ୟାଶିତ ଥିଲା। ଆମେ ଚାପ କିମ୍ବା ଗୁଜବର ବଶବର୍ତ୍ତୀ ହେବାକୁ ଚାହୁଁନାହୁଁ। ଆମେ ଏବେ ବି ନିଜକୁ ବୁଝିବାକୁ ଚେଷ୍ଟା କରୁଛୁ। ମୁଁ ଏହାକୁ ଏତିକିରେ ଛାଡି ଦେବାକୁ ଚାହେଁ କାରଣ ଯଦି ସେମାନେ ଗୁଜବ ପ୍ରସାର କରିବାକୁ ଚେଷ୍ଟା କରନ୍ତି। ତେବେ ମୁଁ ସେମାନଙ୍କୁ ଗୁଜବ ହେବାକୁ ଦେବି।

ଯେତେବେଳେ ପଚରାଗଲା ଯେ ସେ ଏବେ ପ୍ରେମ ଏବଂ ସମ୍ପର୍କ ବିଷୟରେ ଚିନ୍ତା କରନ୍ତି କି, ଗାୟକ ଉତ୍ତର ଦେଇଥିଲେ, ମୁଁ ପ୍ରତିଦିନ ପ୍ରେମରେ ପଡୁଛି, ମୁଁ ଏବେ ବି ପଡୁଛି। ଯଦିଓ ସେ ସ୍ପଷ୍ଟ ଭାବରେ ଦିଶାଙ୍କ ନାମ ନେଇ ନଥିଲେ, ତାଙ୍କ ବୟାନ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ବିଷୟରେ କଳ୍ପନାଜଳ୍ପନାକୁ ଆହୁରି ତ୍ୱରାନ୍ୱିତ କରିଛି।



ରାଜ୍ୟ

# ଶ୍ରେଣୀଗୃହ ବିପଦସଙ୍କୁଳ, ଗଛତଳେ ପଢୁଛନ୍ତି ପିଲା





**୬।୨ : ଏକ୍ସପ୍ରେସ୍ ନ୍ୟୁଜ୍**

କଳାହାଣ୍ଡି ଜିଲ୍ଲା କେସିଙ୍ଗା ଓ ନର୍ଲା ବ୍ଲକ ସୀମାନ୍ତ ଅଞ୍ଚଳରେ ଅସ୍ଥାପତି ବିଦ୍ୟାଳୟକୁ ଶିକ୍ଷା ବିଭାଗ ସମେତ ନେତା ବିଧାୟକଙ୍କ ଦୃଷ୍ଟି ଗୋଚର ହେଉ ନ ଥିବାରୁ ସ୍କୁଲ ପରିବେଶ ସମେତ ଶ୍ରେଣୀ ଗୃହ ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ଗଛ ମୂଳରେ ପାଠ ପଢ଼ାଉଛନ୍ତି । ଏହିପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି କେସିଙ୍ଗା ଓ ନର୍ଲା ବ୍ଲକ ସୀମାନ୍ତ ଅଞ୍ଚଳର କର୍ମେ ପଞ୍ଚାୟତର ସୁରପଦର ଗ୍ରାମସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ । ବହୁ ଦିନରୁ ବିପଦସଙ୍କୁଳ ଅବସ୍ଥାରେ ପଡି ରହିଛି ସମସ୍ତ ଶ୍ରେଣୀ ଗୃହ ଓ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟ । ଯେଉଁ ସବୁ ଶ୍ରେଣୀ ଗୃହ ଅଛି ତାହାର ଛାତରୁ ସିମେଣ୍ଟ ଖସିଛି । ଶିକ୍ଷକଙ୍କ ବୁଦ୍ଧିମାନ ଯୋଗୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ଓ ଜୀବନ ବଞ୍ଚାଇବା ପାଇଁ ପିଲାଙ୍କୁ ଗଛ ତଳେ ପାଠ ପଢ଼ାଉଛନ୍ତି । ଏହି ପ୍ରାଥମିକ ବିଦ୍ୟାଳୟ ୧୯୬୧ ମସିହାରେ ସ୍ଥାପିତ ହୋଇଛି । ଏହି ବିଦ୍ୟାଳୟରେ ବର୍ତ୍ତମାନ ୨୫ ଛାତ୍ରଛାତ୍ରୀ ପଢୁଥିବା ବେଳେ ୨ଜଣ ଶିକ୍ଷକ ନିଯୁକ୍ତି ହୋଇଛନ୍ତି । ଶିଶୁ ବାଟିକାରୁ ୫ମ ଶ୍ରେଣୀ ଯାଏ ଥିବା ଏହି ବିଦ୍ୟାଳୟର ସ୍ଥିତି ଅତ୍ୟନ୍ତ ଦୟନୀୟ । ରାଜ୍ୟ ସରକାର ଶିକ୍ଷାର ବିକାଶ ପାଇଁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି କିନ୍ତୁ ସୀମାନ୍ତ ଅଞ୍ଚଳରେ ସ୍ଥାପିତ ସୁରପଦର ପ୍ରାଥମିକ ବିଦ୍ୟାଳୟ ପ୍ରତି କାହାର ଦୃଷ୍ଟି ପଡୁନାହିଁ । ଖୋଦ ନର୍ଲା ବିଧାୟିକାଙ୍କ ବାସ ଭବନଠାରୁ ପ୍ରାୟ ୩ କିମି ଦୂରରେ ଏହି ପ୍ରାଥମିକ ବିଦ୍ୟାଳୟ ଅବସ୍ଥାପିତ କିନ୍ତୁ ବିଧାୟିକାଙ୍କ ମଧ ଦୃଷ୍ଟି ନାହିଁ । ଯାହାଫଳରେ ଶିକ୍ଷାଦାନରେ ବାଧା ପ୍ରାପ୍ତ ହେବା ସହ ବିପଦସଙ୍କୁଳ ଅବସ୍ଥାରେ ଥିବା ଶ୍ରେଣୀ ଗୃହ ପଡ଼ିରହିଛ । ଗ୍ରାମର ଅଭିଭାବକ ଶିକ୍ଷା କମିଟି ସଭାପତି ଓ ପ୍ରଧାନଶିକ୍ଷକ ବହୁବାର ଶିକ୍ଷା ବିଭାଗକୁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ । ଏ ସଂକ୍ରାନ୍ତରେ ଶିକ୍ଷା କମିଟି ସଭାପତି ରଜନୀକାନ୍ତ ରେଙ୍ଗୀଙ୍କୁ ପଚାରିବାରୁ ଶିକ୍ଷା ବିଭାଗର ବିଇଓ ଏବଂ ବିଡିଓଙ୍କୁ ବହୁ ଲିଖିତ ଅଭିଯୋଗ କରିଛୁ କେହି ବି ସୀମାନ୍ତ ଅଞ୍ଚଳକୁ ଦୃଷ୍ଟି ଦେଉ ନାହାନ୍ତିଛ ଯଦି ୧୫ ଦିନ ଭିତରେ ଶିକ୍ଷା ବିଭାଗ କିଛି ବିଚାର ନ କରନ୍ତି ତେବେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍କୁଲରେ ଗଣଧାରଣା ଦେଇ ତାଲା ବନ୍ଦ କରିବୁ ବୋଲି ପ୍ରକାଶ କରିଥିଲେ । ଏ ନେଇ ପ୍ରଧାନଶିକ୍ଷକ ମନୋଜ କୁମାର ଶବରଙ୍କୁ ପଚାରିବାରୁ ସବୁ ଶ୍ରେଣୀ ଗୃହ ବିପଦସଙ୍କୁଳ ଅବସ୍ଥାରେ ରହିଛି, କେତେ ବେଳେ ଛାତ ପଡ଼ିବ କେହି କହି ପାରିବେ ନାହିଁ । ତେଣୁ ଶିକ୍ଷା ବିଭାଗ ଯଥା ଶୀଘ୍ର ନୂତନ ସ୍କୁଲ ଘର ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରନ୍ତୁ ନଚେତ୍ ଖରା ବର୍ଷାରେ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ କ୍ଷେତ୍ରରେ ଅସୁବିଧା ହେବ ବୋଲି ପ୍ରକାଶ କରିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ଶନିବାର– ଷଷ୍ଠୀ |
|---|---|
| ୭.୨.୨୦୨୬ | ନକ୍ଷତ୍ର– ଚିତ୍ରା, କନ୍ୟାଚନ୍ଦ୍ର |

| | |
|---|---|
| ମେଷ | : ଧନଲାଭ ଯୋଗ ରହିଛି । |
| ବୃଷ | : ଦିନଟି ଦୁଃଖକଷ୍ଟରେ କଟିବ । |
| ମିଥୁନ | : ବୃଥାଭ୍ରମଣ କଷ୍ଟ ଦେବ । |
| କର୍କଟ | : ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଦେବ । |
| ସିଂହ | : ଶତ୍ରୁ ବୃଦ୍ଧି ପାଇବେ । |
| କନ୍ୟା | : ଭଲ କାମ କରି ଆନନ୍ଦିତ ହେବେ । |
| ତୁଳା | : ଦିନଟି ଅଶାନ୍ତି ମଧ୍ୟରେ କଟିବ । |
| ବିଛା | : ସମ୍ମାନିତ ହେବେ । |
| ଧନୁ | : ବ୍ୟବସାୟରେ ଆୟ ବୃଦ୍ଧି ପାଇବ । |
| ମକର | : ଭୟବୃଦ୍ଧି ପାଇବ । |
| କୁମ୍ଭ | : ଶରୀର ଅସୁସ୍ଥ ଲାଗିବ । |
| ମୀନ | : ଗୁରୁଜନ ଆପଣଙ୍କ ଉପରେ ପ୍ରସନ୍ନ ହେବେ । |

## ନିରାକାରପୁର ବଜାରରେ ଗଣ୍ଡଗୋଳ, ଯୁବକ ଗିରଫ

**ଖୋର୍ଦ୍ଧା, ୬।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବୁଧବାର ସନ୍ଧ୍ୟାରେ ନିରାକାରପୁର ଷ୍ଟେସନ ରାସ୍ତାରେ ଦୁଇ ଗୋଷ୍ଠୀ ମଧ୍ୟରେ ଭୟଙ୍କର ମାରପିଟ ସାଙ୍ଗକୁ ପଥର ମରାମରି ଓ ବୋତଲ ଫିଙ୍ଗାଫିଙ୍ଗି ହୋଇଥିଲେ । ଏହି ଗଣ୍ଡଗୋଳରେ ଉଭୟ ଦଳର ୩ ଜଣ ଯୁବକ ଗୁରୁତର ଆହତ ହୋଇଥିଲେ । ଘଟଣାସ୍ଥଳରେ ନିରାକାରପୁର ଥାନା ପୁଲିସ ପହଁଚି ଗଣ୍ଡଗୋଳକୁ ଆୟତ୍ତ କରିବା ସହିତ ଆହତ ଯୁବକମାନଙ୍କୁ ଉଦ୍ଧାର କାରି ଡାକ୍ତରଖାନାକୁ ପଠାଇଥିଲେ । ତେବେ ଘଟଣାରେ ଗୁରୁତର ହୋଇଥିବା ଯୁବକଙ୍କ ପତ୍ନୀ ମିତାଲି ଦଳେଇ ନିରାକାରପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ଯେ ତାଙ୍କ ସ୍ୱାମୀଙ୍କୁ କିଛି ଦୁର୍ବୃତ୍ତ ଲାଠି, ଲୁହାରଡ୍ ଏବଂ ଖଣ୍ଡାରେ ଆକ୍ରମଣ କରି ଲହୁଲୁହାଣ କରିଛନ୍ତି । ଯାହାକୁ ନେଇ ନିରାକାରପୁର ପୁଲିସ ୪୨/୨୬ରେ ଏକ ଆର୍ମ ଆକ୍ଟରେ କେସ୍ ପଞ୍ଜିକୃତ କରି ତଦନ୍ତ ଆରମ୍ଭ କରିଥିଲେ । ତଦନ୍ତ ସମୟରେ ଅଭିଯୋଗକାରୀଙ୍କ ଅଭିଯୋଗକୁ ଭିତ୍ତିକରି ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ଦେବାଶିଷ ପ୍ରଧାନ ଓରଫ ବାବୁଲକୁ ଗିରଫ କରି ଟାଙ୍ଗି କୋର୍ଟରେ ହଜାର କରିଥିବା ନିରାକାରପୁର୍ ପୁଲିସ ପକ୍ଷରୁ ମିଳିଥିବା ସୂଚନାରୁ ପ୍ରକାଶ ପାଇଛି ।

## ଗାଡି ଧକ୍କାରେ ଯୁବକ ମୃତ

**ବେତନଟୀ, ୬।୨ : ଏକ୍ସପ୍ରେସ୍ ନ୍ୟୁଜ୍**

୧୮ନଂ ଜାତୀୟ ରାଜପଥ ତୁଳସୀଚଉରା ଢାବା ଠାରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଅଜଣାଗାଡି ଧକ୍କାରେ ଜଣେ ମଟରସାଇକେଲ ମେକାନିକଙ୍କର ମୃତ୍ୟୁ ଘଟିଛି । ମୃତକ ମଟରସାଇକେଲ ମେକାନିକ ଜଣକ ହେଉଛନ୍ତି ବାରିପଦା ପୌରପାଳିକା ଅନ୍ତର୍ଗତ ବିଜୟରାମଚନ୍ଦ୍ର ପୁର ୱାର୍ଡନମ୍ବର ୧୫ ଅଞ୍ଚଳର ଶେଖ ଇଦ୍ରୀସଙ୍କ ପୁଅ ଶେଖ ଇସ୍ମାଇଲ (୨୭) । ସୂଚନା ମୁତାବକ ମଟରସାଇକେଲ ମେକାନିକ ଶେଖ ଇସ୍ମାଇଲ କୌଣସି କାମରେ ଓଆର–୧୧ସି –୮୩୦୧ ନମ୍ବର ବିଶିଷ୍ଟ ବାଇକ ଯୋଗେ ବେତନଟୀ ଆସିଥିବା ବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ବେତନଟୀ ଉପକଣ୍ଠ ତୁଳସୀଚଉରା ଢାବା ନିକଟରେ ଏକ ଅଜଣା ଗାଡି ଧକ୍କାଦେଇ ଚମ୍ପଟ ମାରିଥିଲା । ଗୁରୁତର ଅବସ୍ଥାରେ ଶେଖ ଇସ୍ମାଇଲଙ୍କୁ ପ୍ରଥମେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସାପରେ ତାଙ୍କୁ ବାରିପଦା ପି ଆର ଏମ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା ଏନେଇ ମୃତକଙ୍କ ସାନଭାଇ ଶେଖ ଅସାବଙ୍କ ଲିଖିତ ଏତଲା କ୍ରମେ ବେତନଟୀ ଥାନା ଏସଆଇ ମଦନମୋହନ ପରିଡା ୪୫ନମ୍ବରରେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି ।

## ଇଲେକ୍ଟ୍ରୋନିକ୍ସ ଦୋକାନରୁ ଚୋରି, ଚୋର ଗିରଫ

**ବ୍ୟାସନଗର, ୬।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ରୋଡ଼ ଆଦର୍ଶ ଥାନା ପୁଲିସ ଗୁରୁବାର ସ୍ଥାନୀୟ ଏକ ଦୋକାନରୁ ସୋଲାର ସାମଗ୍ରୀ ଚୋରି ଅଭିଯୋଗରେ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ ଯାଜପୁର ରୋଡ଼ ଆଦର୍ଶ ଥାନା ଅନ୍ତର୍ଗତ ଡାକବଙ୍ଗଳା ଛକରେ ଥିବା ଅଶୋକ ଇଲେକ୍ଟ୍ରୋନିକ୍ସ ଦୋକାନ ସମ୍ମୁଖରୁ ଗୁରୁବାର ସକାଳେ କେହି ଦୁର୍ବୃତ୍ତ ବିଭିନ୍ନ ସୋଲାର ସାମଗ୍ରୀ ଏକ ପେଟିରେ ଥିବା ବେଳେ ଚୋରି କରି ନେଇଥିବା ନେଇ ଦୋକାନ ମାଲିକ ସ୍ଥାନୀୟ ରସୁଲପୁର ବ୍ଲକ ଲକ୍ଷ୍ମୀନଗର ଗ୍ରାମର ହରିହର ସାହୁ ଯାଜପୁର ରୋଡ଼ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ତଦନ୍ତ କରିବା ସହିତ ଏକ ସୂତ୍ରରୁ ଖବର ପାଇ ସ୍ଥାନୀୟ ଝାଟିଆସାହି ଗ୍ରାମର ଅବିନାଶ ଯେନା ଓରଫ ହାପିକୁ ଅଟକ ରଖି ପଚରାଉଚରା କରିବାରୁ ସେ ଚୋରି କରିଥିବା ମାନିବା ପରେ ପୁଲିସ ତାକୁ ଗିରଫ କରିବା ସହିତ ତା' ନିକଟରୁ ୪ଟି ସୋଲାର ଫେନ୍ସ ଗାର୍ଡ ଏବଂ ୨ଟି ସୋଲାର ପ୍ୟାନେଲ ଜବତ କରିଛି । ତେବେ ଗୁରୁବାର ଗିରଫ ଅଭିଯୁକ୍ତ ଅବିନାଶକୁ ପୁଲିସ କୋର୍ଟ ଚାଲାଣ କରିଥିବା ଯାଜପୁର ରୋଡ଼ ଆଦର୍ଶ ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି ।

## ଟ୍ରାନ୍ସଫର୍ମର ପୋଡିଯିବାରୁ ଜଳଯୋଗାଣ ଠପ୍

**ବୁଗୁଡ଼ା, ୬।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡା ବ୍ଲକ ଅନ୍ତର୍ଗତ ଗୋଲିଆ ଗ୍ରାମରେ ଏକ ସପ୍ତାହ ହେଲା ବିଦ୍ୟୁତ ଟ୍ରାନ୍ସଫର୍ମର ପୋଡି ଯୋଗୁଁ ପମ୍ପ ହାଉସ୍ ମୋଟର ଅଚଳ ହୋଇଯାଇଛି । ଫଳରେ ଜଳ ଯୋଗାଣ ପୁରାପୁରି ଠପ୍ ହୋଇଯାଇଛି । ଲୋକେ ପାଣି ପାଇଁ ହଟହଟାର ସମ୍ମୁଖୀନ ହେଉଛନ୍ତି । ପୂର୍ବରୁ ସେତେଟା ବ୍ୟବହାରରେ ଆସୁନଥିବା କୂପ ଓ ନଳକୂପ ଗୁଡିକ ଉପରେ ଲୋକେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି । ଗାଁର କୂପ ଓ ନଳକୂପ ଗୁଡିକରେ ପାଣି ପାଇଁ ଭିଡ ଜମୁଛି । ବହୁ ବିଳମ୍ବରେ ନଳକୂପରୁ ପାଣି ହାଣ୍ଡିଏ କିମ୍ବା ବାଲଟିଏ ମିଳୁଛି । ଅଭିଯୋଗ କଲେ ମଧ କେହି କର୍ଣ୍ଣପାତ କରୁନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ଏଣୁ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପ୍ରତିକାର ବ୍ୟବସ୍ଥା କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି ।

# ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର, ୪ ଗିରଫ

**ଶେରଗଡ଼, ୬।୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ଗତ ୩୧ ତାରିଖ ଦିନ ବନ୍ଧାଗୁଡା ଜଗନ୍ନାଥ ବିଦ୍ୟାପୀଠ ନିକଟସ୍ଥ ଜଙ୍ଗଲରୁ ଏକ ଅର୍ଦ୍ଧଦଗ୍ଧ ମୃତଦେହ ଶେରଗଡ ପୋଲିସ ପକ୍ଷରୁ ଉଦ୍ଧାର କରାଯାଇଥିଲା । ଏହି ଘଟଣାରେ ଶେରଗଡ ପୋଲିସ ଗୁରୁବାର ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଘଟଣାକ୍ରମେ, ମୃତକ ହେଲେ ତେଲେଙ୍ଗାନା ରାଜ୍ୟ ସାଙ୍ଗାରେଡି ଜିଲ୍ଲାର ପାଟାଞ୍ଚେରୁ ଥାନା ଅନ୍ତର୍ଗତ ମୁଥାଙ୍ଗୀ ଗ୍ରାମର ବନ୍ଦାରି ମାତାପଲ୍ଲୀଙ୍କ ପୁଅ ବନ୍ଦାରି ଗୌରୀନାଥ ଓରଫ ଚାଣ୍ଟି ଓରଫ ସଞ୍ଜୟ ରାଓ (୨୫) । ମୃତକ ଗୌରୀନାଥ ଆସାମୀମାନଙ୍କ ସହିତ ଗଞ୍ଜାମରୁ ତେଲେଙ୍ଗାନାର ତିରୁପତିକୁ ନିରନ୍ତର ଭାବେ ଗଞ୍ଜେଇ ଚାଲାଣ କରୁଥିଲେ । ଗୌରୀନାଥ ବେପାରରେ ଅର୍ଥ ଲଗାଇଥିଲେ କିନ୍ତୁ ମୁଖ୍ୟ ଅଭିଯୁକ୍ତ ଆସିକା ଥାନା ନଳବଣ୍ଟା ଗ୍ରାମର ହୀନ ପାହାନଙ୍କ ପୁଅ ବଳରାମ (୧୯) ଲାଭରୁ ଅଧିକ ଭାଗ ମାଗିଥିଲେ । ଯାହାଫଳରେ ଗୌରୀନାଥ ରାଗରେ ସ୍ଥାନୀୟ ଯୁବକଙ୍କ ସହାୟତାରେ ବଳରାମଙ୍କୁ ଗଞ୍ଜେଇ ବେପାରରେ ଫସାଇ ଜେଲ ପଠାଇ ଦେଇଥିଲେ । ଏହା ପରେ ଗୌରୀନାଥ ବଳରାମଙ୍କୁ ଜେଲରୁ ବାହାରିବା ଲାଗି କୌଣସି ଚେଷ୍ଟା କରିନଥିଲେ ଏବଂ ବଳରାମ ନିଜସ୍ୱ ଖର୍ଚ୍ଚ ଓ ଚେଷ୍ଟାରୁ ଜେଲରୁ ବେଲ ପାଇ ମୁକୁଳିଥିଲେ । ଏହାପରେ ଦୁହିଁଙ୍କ ମଧ୍ୟରେ ଶତ୍ରୁତା ଆରମ୍ଭ ହୋଇଥିଲା । ଏହାପରେ ଆରମ୍ଭ ହୋଇଥିଲା ମିଶନ ଚାଣ୍ଟି । ଗତ ୩୦ ତାରିଖ ଦିନ ମୃତକ ଚାଣ୍ଟି ଓରଫ ଗୌରୀନାଥ ଓ ମୁଖ୍ୟ ଅଭିଯୁକ୍ତ ବଳରାମ ଦୁହେଁ ଭେଟ ହେବା ସହ ପ୍ରବଳ ମଦ୍ୟପାନ କରିଥିଲେଛ ପ୍ରବଳ ମଦ୍ୟପାନ କରିବା ପରେ ଉଭୟଙ୍କ ମଧ୍ୟରେ ଜେଲରୁ ବେଲରେ ଆସିବା ବେଳେ ଖର୍ଚ୍ଚ କରିଥିବା ଅର୍ଥ ବଳରାମ ଗୌରୀନାଥଙ୍କୁ ମାଗିଥିଲା ଏବଂ ଉଭୟଙ୍କ ମଧ୍ୟରେ ଝଗଡା ସହ ପ୍ରବଳ ମାରପିଟ ହୋଇଥିଲା । ଏଥିରେ ନିଶାସକ୍ତ ଥିବା ଗୌରୀନାଥଙ୍କ ତଣ୍ଟିକୁ ଏକ ଧାରୁଆ ଅସ୍ତ୍ରରେ କାଟି ହତ୍ୟା କରିଥିଲେ । ହତ୍ୟା କରିବା ପରେ ବଳରାମ ଶେରଗଡ ଥାନା ବନ୍ଧାଗୁଡା ପଞ୍ଚାୟତ ଷଡଙ୍ଗୀପଲ୍ଲି ଗ୍ରାମର ପୁରୁଷୋତ୍ତମ ଗୌଡଙ୍କ ପୁଅ ଅଜିତ (୨୪)ଙ୍କୁ ଜଣାଇବା ପରେ ନିଆଁ ଲଗାଇ ଦାଗ ଲିଭାଇବା ଲାଗି ପେଟ୍ରୋଲ ଆଣିବାକୁ କହିବା ପରେ ଅଜିତ ନିଜର ସହଯୋଗୀ ନିକଟସ୍ଥ ବନ୍ଧାଗୁଡା ଗ୍ରାମର ରଞ୍ଜନ ଗୌଡଙ୍କ ପୁଅ ସମ୍ପିତ (୧୯) ଠାରୁ ପେଟ୍ରୋଲ ଆଣିଥିଲେ । ପେଟ୍ରୋଲ ଆଣିବା ପରେ ଗୌରୀନାଥ ଓରଫ ଚାଣ୍ଟିଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ଉକ୍ତ ଦିନ ସନ୍ଧ୍ୟାରେ କୁଲାଗଡ ପଞ୍ଚାୟତର ପୂର୍ବତନ ସରପଞ୍ଚ ବୃନ୍ଦାବନ ଗୌଡ ପୋଲିସକୁ ଅର୍ଦ୍ଧଦଗ୍ଧ ମୃତଦେହ ଦେଖି ଖବର ଦେଇଥିଲେ । ଏହାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବିଭିନ୍ନ ଅଞ୍ଚଳ ବା ଥାନାକୁ ଶବର ଚିହ୍ନଟ ଲାଗି ଖବର ଦେଇଥିଲେ । ପରେ ଅପରାଧୀଙ୍କୁ ଧରିବା ଲାଗି ଆସିକା ଉପଖଣ୍ଡ ଅଧିକାରୀ ସନ୍ତୋଷ କୁମାର ଜେନା ଜାଲ ବିଛାଇଥିଲେ । ଏହି ଜାଲରେ ମୁଖ୍ୟ ଅଭିଯୁକ୍ତ ଭାବେ ବଳରାମ ପାହାନ ଏବଂ ତାଙ୍କୁ ସହଯୋଗ କରିଥିବା ଅଭିଯୋଗରେ ଉକ୍ତ ନଳବଣ୍ଟା ଗ୍ରାମର ରୋହିତ ପରିଡାଙ୍କ ପୁଅ ଲେମନ (୨୪) ଏବଂ ଅନ୍ୟ ଦୁଇ ସହଯୋଗୀ ଅଜିତ ଗୌଡ ଏବଂ ସମ୍ପିତ ଗୌଡଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗୁରୁବାରର ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ସୀମା ସ୍ୱାଇଁ, ଆସିକା ଉପଖଣ୍ଡ ଅଧିକାରୀ ସନ୍ତୋଷ କୁମାର ଜେନା, ଶେରଗଡ ଥାନାଧିକାରୀ ବରେନ୍ଦ୍ର ସିଅଳ, ଅତିରିକ୍ତ ଥାନାଧିକାରୀ ଜ୍ଞାନ ରଞ୍ଜନ ସେଠି, ଏସଆଇ ରାଜା ରଞ୍ଜନ ନାୟକ, ଏଏସଆଇ କୃଷ୍ଣ ଚନ୍ଦ୍ର ଦାସ, ଏଏସଆଇ କିଶୋର କୁମାର ପାଳ, ଏଏସଆଇ ସମୀର କୁମାର ସୁନାଙ୍କ ସହିତ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ସଡକ ଦୁର୍ଘଟଣାରେ କାର ଚାଳକ ମୃତ

**ଭଣ୍ଡାରିପୋଖରୀ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ପଞ୍ଚାୟତ ୧୬ ନଂ ଜାତୀୟ ରାଜପଥର ଚିଙ୍ଗୁଡ଼ିପୁର କେନାଲ ଛକରେ ଗୋମାଂସ ପରିବହନକାରୀ ଇଣ୍ଡିକା କାର ଅଜଣା ଯାନକୁ ଧକ୍କାଦେବା ଫଳରେ କାର ଚାଳକ ମୃତ୍ୟୁବରଣ କରିଥିବା ଜଣାଯାଇଛି । ଗୁରୁବାର ପ୍ରତ୍ୟୁଷରେ ଓଆର ୦୫ ଏ ଏଚ ୯୫୭୫ ନଂ ଇଣ୍ଡିକା କାର ଧାମନଗରରୁ ଗୋମାଂସ ନେଇ ଦ୍ରୁତବେଗରେ ଭଦ୍ରକ ଯାଉଥିବା ସମୟରେ ସଂପୃକ୍ତ ସ୍ଥାନରେ ଏକ ଅଜଣା ଯାନକୁ ଧକ୍କା ଦେଇଥିଲା। ଭଣ୍ଡାରିପୋଖରୀ ଅଗ୍ନିଶମ କର୍ମଚାରୀମାନେ ଚାଳକକୁ କାରରୁ ଉଦ୍ଧାର କରି ଭଦ୍ରକ ମେଡିକାଲ ପଠାଯାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାରରେ ଥିବା ଗୋମାଂସ ବସ୍ତାଗୁଡିକ ରାସ୍ତା ଉପରେ ଛିଟିକି ପଡିଥିଲା। ସୂଚନା ପାଇ ଧାମନଗର ପୁଲିସ ଗୋମାଂସକୁ ପୋତି ଦେଇଥିଲା ଓ କାରକୁ ରାସ୍ତାରୁ ହଟାଇଥିଲା। ମୃତ କାର ଚାଳକ ଧାମନଗର ଥାନା ପଠାଣମହଲା ଗ୍ରାମର ଶେଖ ମୁସ୍ତାକ ଅଲ୍ଲୀ(୨୦) ବୋଲି ଜଣାପଡିଛି।

## ୩ଟି ମନ୍ଦିରରୁ ଚୋରି

**ସୋର, ୬।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ବ୍ଲକ ସବିରା ପଞ୍ଚାୟତ କୃଷ୍ଣନଗରରେ ଥିବା ତିନୋଟି ମନ୍ଦିରରୁ ଚୋରି ହୋଇଥିବା ଜଣାପଡିଛି । ସୂଚନା ଅନୁସାରେ ଏହି ଗ୍ରାମରେ ଥିବା ହନୁମାନ ମନ୍ଦିର, ଶିରିଡି ସାଇ ମନ୍ଦିର ଓ ଠାକୁରାଣୀ ମନ୍ଦିରକୁ ସକାଳେ ପୂଜକ ପୂଜା କରିବାକୁ ଆସିବା ବେଳେ ମନ୍ଦିରର ଚାବି ଭଙ୍ଗାଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ । ପରେ ମନ୍ଦିରରୁ ରୁପା ମୁକୁଟ, ରୁପା ହାର ସମେତ ପିତ୍ତଳ ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇ ସୋର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

## ଯନ୍ତ୍ରୀ–ଅଧିକାରୀ ସଲାସୁତରାରେ ନିମ୍ନମାନର ଗାର୍ଡୱାଲ ନିର୍ମାଣ

**ନିଆଳୀ, ୬।୨ : ଏକ୍ସପ୍ରେସ୍ ନ୍ୟୁଜ୍**



ରାଜ୍ୟରେ ସରକାର ବଦଳି ଯାଇଛି ହେଲେ ଦୁର୍ନୀତିଖୋର୍ ଗ୍ରାମ୍ୟ ଉନ୍ନୟନ ବିଭାଗରୁ ଦୁର୍ନୀତି ହଟି ନାହ । ବିଭାଗର ଯନ୍ତ୍ରୀ ଓ ଠିକାଦାରମାନଙ୍କ ସଲାସୁତରାରେ ସରକାରୀ ଟଙ୍କା ଲୁଟ୍ କରିବାର ତରିକା ଏପର୍ଯ୍ୟନ୍ତ ବଦଳି ନାହିଁ । ଆଗରୁ ବିଜେଡି ସରକାରରେ ଯେଉଁଭଳି ଗ୍ରାମ୍ୟ ଉନ୍ନୟନ ବିଭାଗ ଜେଇ ଓ ଠିକାଦାରମାନେ ନିମ୍ନମାନର କାମକରି ଲକ୍ଷାଧିକ ଟଙ୍କା ହରିଲୁଟ କରୁଥିଲେ, ଠିକ୍ ସେହିପରି ବିଜେପି ସରକାର ଆସିବା ପରେ ମଧ ନିମ୍ନମାନର କାମ କରି ସରକାର ଟଙ୍କାକୁ ଲୁଟୁଛନ୍ତି । ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କଟକ ଜିଲ୍ଲା ନିଆଳୀ ବ୍ଲକ ଅନ୍ତର୍ଗତ ଏରଞ୍ଚ ପଞ୍ଚାୟତ ଖରିବିଲ୍ ବିଶ୍ୱାଳ ସାହି ରାସ୍ତା ଗାର୍ଡୱାଲ କାମରେ । ଏହି ରାସ୍ତା ଗାର୍ଡ ୱାଲ କାମଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତରାରେ ନିମ୍ନମାନର କାର୍ଯ୍ୟ ଚାଲୁଛି । ବାଲି ଭାଗ ସାଙ୍ଗକୁ ସିମେଣ୍ଟ ଭାଗ ମିଶୁନାହିଁ । ନିର୍ମାଣ କାମରେ ବ୍ୟବହାର ହେଉଥିବା ସିମେଣ୍ଟ ଓ ଗୋଡ଼ି ଏତେ ନିମ୍ନମାନର ଯେ କେହି ଦୁଇ ଆଖିରେ ଦେଖିଲେ ବି ବିଶ୍ୱାସ କରିବେ ନାହିଁ । ଏହା ରାସ୍ତା କାମ ହେଉଛି ନା ଲୁଟ୍ କରିବା ବାହାନାରେ ଶସ୍ତା ଜିନିଷ ବ୍ୟବହାର କରାଯାଉଛି । ଯାହା ଉକ୍ତ କାମର ସ୍ଥାୟିତ୍ୱ ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

## ବରଦିଆ ଗ୍ରାମ୍ୟ ଉନ୍ନୟନ ରାସ୍ତା : ସପ୍ତାହେ ନ ପୂରୁଣୁ ଉଠିଲା ପିଚୁ

**ମାହାଙ୍ଗା, ୬।୨ : ଏକ୍ସପ୍ରେସ୍ ନ୍ୟୁଜ୍**



ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗ ପାଲଟିଛି ଦୁର୍ନୀତିର ଗନ୍ତାଘର । ଠିକାଦାର ନିମ୍ନମାନର ନିର୍ମାଣ କାର୍ଯ୍ୟ କରି କିପରି ସରକାରୀ ତହବିଲରୁ ଅର୍ଥ ତୋଷାରପାତ କରିଥାନ୍ତି । ତାହାର ଏକ ଉଦାହରଣ ଦେଖାଯାଇଛି ମାହାଙ୍ଗା ବ୍ଲକ ଚାହାପଡା ବରଦିଆ ଗ୍ରାମକୁ ସଂଯୋଗ କରୁଥିବା ପିଚୁ ରାସ୍ତାରେ । ଖନ୍ଦୋଳ ସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ଅଧିନସ୍ଥ ଉକ୍ତ ରାସ୍ତାଟି ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ଗତ ସପ୍ତାହରେ ଶେଷ କରାଯାଇଥିଲା । ତେବେ କାର୍ଯ୍ୟ ପିଚୁ କାର୍ଯ୍ୟ ଶେଷ ହେବାର ୭ ଦିନ ନ ପୁରୁଣୁ ନବନିର୍ମିତ ପିଚୁ ଉପରେ ଅନେକ ସ୍ଥାନରେ ବୁଦା ବୁଦା ଘାସ ଉଠିବା ଘଟଣା ନିମ୍ନମାନର କାର୍ଯ୍ୟକୁ ପ୍ରମାଣିତ କରୁଥିଲାବେଳେ ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତରା ପଦାରେ ପଡିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଠିକାଦାର ଜଣକ ଅତି ତରବରିଆ ଭାବେ ରାସ୍ତାର ଉଭୟ ପାର୍ଶ୍ୱରୁ ମାଟି ଗୋଡି ଘାସ କୁଟା ପରିଷ୍କାର କରାନଯାଇ ପ୍ରାୟ ଏକ କିମି ବିଶିଷ୍ଟ ଦୈର୍ଘ୍ୟ ବିଶିଷ୍ଟ ଉକ୍ତ ସଡକରେ ପିଚୁ କାର୍ଯ୍ୟ କରାଯାଇଥିଲା । ଯାହା ଫଳରେ ସପ୍ତାହ ନ ପୁରୁଣୁ ପିଚୁ ରାସ୍ତାର ଅନେକ ସ୍ଥାନରେ ଘାସ ଉଠିଥିବା ଦେଖିବାକୁ ମିଳିଛି । ଏପରିକି ଗୁରୁବାର ଦିନ ସକାଳେ କେତେକ ବ୍ୟକ୍ତି ବାଇକରେ ଆସି ବୋତଲରେ ଆଣିଥିବା ଘାସମରା ଔଷଧ ପିଚୁ ଉପରେ ଉଠିଥିବା ଘାସ ଉପରେ ପକାଉଥିବାବେଳେ ଏହାକୁ ସ୍ଥାନୀୟ ଲୋକେ ବାରଣ କରିବାରୁ ବ୍ୟକ୍ତି ଦ୍ୱୟ ଘଟଣାସ୍ଥଳ ଛାଡି ଚାଲି ଯାଇଥିବାବେଳେ ଘାସ ଗୁଡିକ ଜଳ ଜଳ ହୋଇ ଠିଆ ହୋଇଥିବା ଦେଖାଯାଇଛି । ଏପରି ନିମ୍ନମାନର କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି ।

# ୨୦ ଦିନ ହେଲାଣି ମଣ୍ଡିରୁ ଉଠୁନି ଧାନ, ଶୀତ କାକରରେ ପଡ଼ି ରହିଛନ୍ତି ଚାଷୀ

**ମାଲକାନଗିରି, ୬।୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ରାଜ୍ୟ ସରକାର ଗତବର୍ଷ ଧାନର ମୂଲ୍ୟ ବଢ଼ାଇ କ୍ୱିଣ୍ଟାଲ ପିଛା ୩୧ଶହ କରିଥିଲେ । ଯାହା ପୂର୍ବରୁ ୨୩ଶହ ଟଙ୍କା ଥିବାବେଳେ ବର୍ତ୍ତମାନର ସରକାର ନିର୍ବାଚନ ସମୟରେ ଚାଷୀମାନଙ୍କୁ ଧାନ କ୍ୱିଣ୍ଟାଲ ପିଛା ୮ଶହ ବଢ଼ାଇ ୩୧ଶହ ଟଙ୍କା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଯାହା ଚାଷୀମାନେ ଖୁସି ହୋଇ ସରକାର ବଦଳାଇ ଦେଇ ବିଜେପି ସରକାର ଗଠନ କରିଥିଲେ । କିନ୍ତୁ ସରକାର ଆସିବା ପରେ ତାଙ୍କର ଦେଇଥିବା ପ୍ରତିଶ୍ରୁତି ରକ୍ଷାକରି ଧାନର ମୂଲ୍ୟ ବଢ଼ାଇ କ୍ୱିଣ୍ଟାଲ ପିଛା ୨୩ଶହରୁ ୩୧ଶହ ଟଙ୍କା କରିଥିଲେ । ଚାଷୀମାନଙ୍କ ଭିତରେ ବେଶ ଆନନ୍ଦ ପରିଲକ୍ଷିତ ଦେଖିବାକୁ ମିଳିଥିଲା । ଧାନର ମୂଲ୍ୟ ବଢିବା ପରେ ଚାଷୀମାନେ ଚଳିତ ବର୍ଷ ଖରିଫ ସମୟରେ ଧାନ ଚାଷ କରିବା ପାଇଁ ମନ ବଳାଇ ବିଗତ ବର୍ଷ ଠାରୁ ଚଳିତ ବର୍ଷ ଅଧିକ ଧାନ ଅମଳ କରିବା ସହିତ ସମବାୟରେ ଧାନ ବିକ୍ରି କରିବା ପାଇଁ ମଣ୍ଡିରେ କାର୍ଡ (ଚାଷୀ)ସଂଖ୍ୟା ମଧ ବଢିଛି । କିନ୍ତୁ ଚାଷୀମାନଙ୍କ ଯେଉଁ ଦୁଃଖ ଥିଲା ତାଠାରୁ ଦୁଃଖ ଦୁଇ ଗୁଣ ବଢି ଯାଇଛି । ଏହି ଦୃଶ୍ୟ ଦେଖି ମନରେ ଗୋଟିଏ କଥା ମନରେ ଉଙ୍କି ମାରୁଛି ଯେ ଚାଷ ଅଛି ଯାହାର କିଆନନ୍ଦ ତାହାର । କିନ୍ତୁ ଏହି ଦୃଶ୍ୟ ଦେଖିବାକୁ ଗଲେ ସେହି ସଂଜ୍ଞା ଏବେ ପରିବର୍ତ୍ତନ ହୋଇ ଚାଷ ଅଛି ଯାହାର କି ଦୁଃଖ ତାହାର ବୋଲି ମନେ ହେଉଛି । ଚାଷୀ ଟିଏ ଖରା ବର୍ଷାକୁ ଖାତିର ନକରି ମୁଣ୍ଡ ଝାଳ ତୁଣ୍ଡରେ ମାରି ସୁନାର ଫସଲ ଅମଳ କରୁଛି । କିନ୍ତୁ ପ୍ରଶାସନିକ ଅବ୍ୟବସ୍ଥା ଯୋଗୁଁ ଧାନ ବିକ୍ରି ନହୋଇ ମଣ୍ଡିରେ ପଡ଼ିରହିଛି ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକର ସମସ୍ତ ମଣ୍ଡିରେ । ହଜାର ହଜାର କୁଇଣ୍ଟାଲ ଧାନ ପଡି ରହିଛି । ଚାଷୀ ମାନେ ଶୀତ କାକରରେ ଦିନ ରାତି ଜଗି ରହିଛନ୍ତିଛସେହିପରି କର୍ତ୍ତନପାଲ୍ଲୀ ମଣ୍ଡିରେ ଗତ ୧୫/୧ ଠାରୁ ୫/୨ ଦୀର୍ଘ ୨୦ ଦିନ ହେଲାଣି ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଧାନ ଉଠି ପାରୁନି । ତାହା ସହିତ ଆଜି କର୍ତ୍ତନପାଲ୍ଲୀ ମଣ୍ଡି ଥିଲେ ମଧ ସମବାୟ ସମିତି ଓ ଆରଏମସିର କୌଣସି କର୍ମଚାରୀ ମଣ୍ଡିକୁ ଯାଇ ନଥିଲେ । ଯାହା ଫଳରେ ଚାଷୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖିବାକୁ ମିଳିଛି । କର୍ତ୍ତନପାଲ୍ଲୀରେ ଡିସେମ୍ବର ମାସ ୨୫ ତାରିଖରେ ମଣ୍ଡି ଶୁଭାରମ୍ଭ ହୋଇଥିଲା । କିନ୍ତୁ ସେହି ଦିନ କୌଣସି ଚାଷୀ ମାନଙ୍କର ଧାନ କ୍ରୟ କରି ନଥିଲା ପ୍ରଶାସନ । ଖାଲି ଉଦଘାଟନ କରିଥିଲେ । ପରେ ଜାନୁଆରୀ ୧ ତାରିଖରେ ଡିସେମ୍ବର ୨୫ରେ ପଡିଥିବା ଧାନ ଉଠାଇଥିଲା । ସେହିପରି ୧ ତାରିଖରେ ପଡିଥିବା ଧନ ୮ ତାରିଖରେ ଉଠାଇଥିଲେ । ୮ ତାରିଖରେ ପଡିଥିବା ଧାନକୁ ୧୫ ତାରିଖରେ ମାତ୍ର ୧୫ଶହ କ୍ୱିଣ୍ଟାଲ ଧାନ ଉଠାଇ ଥିଲେ । ବାକି ଟୋକନ ଆସିଥିବା ୧୪ଜଣ ଚାଷୀମାନଙ୍କର ୨୭୫ କ୍ୱିଣ୍ଟାଲ ଧାନ ଆଉ ଉଠାଇ ନଥିଲା ସମବାୟ ସମିତି ବା ଲ୍ୟାମ୍ପସ । ସେହିପରି ୧୫ ତାରିଖ ମଣ୍ଡିରେ ପଡିଥିବା ଧାନ ପୂର୍ବପରି ୧୫୦୦ ଶହ କ୍ୱିଣ୍ଟାଲ ଧାନ ଉଠାଇ ଥିଲା । ବାକି ପୂର୍ବପରି ଟୋକନ ଆସିଥିବା ୨୫ଜଣ ଚାଷୀ ମାନଙ୍କ ୬୪୭ କ୍ୱିଣ୍ଟାଲ ଧାନ ଉଠାଇ ନଥିଲା । ତାପରେ ୨୯ ତାରିଖ ମଣ୍ଡିରେ ପୂର୍ବପରି ୨୨ତାରିଖରେ ପଡିଥିବା ଧାନରୁ ମାତ୍ର ୧୦୦୦ କ୍ୱିଣ୍ଟାଲ ଧାନ ଉଠାଇ ଥିଲା ଲ୍ୟାମ୍ପସ ବାକି ଧାନ ସେହି ମଣ୍ଡିରେ ପଡ଼ି ରହିଛି । ୨୯ ଜଣ ଚାଷୀଙ୍କର ଆସିଥିବା ଟୋକନ ହିସାବରେ ପଡି ରହିଥିବା ବେଳେ ଆଜି ମଣ୍ଡିରେ ଲ୍ୟାମ୍ପସ ଓ ଆରଏମସିର କୌଣସି କର୍ମଚାରୀ ନଯିବା ଚାଷୀମାନଙ୍କ ଚିନ୍ତା ଦୁଇ ଗୁଣ ବଢି ଯାଇଛି । କର୍ତ୍ତନପାଲ୍ଲୀ ମଣ୍ଡିରେ ୩୫୦ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ମାତ୍ର ୭୦୦୦ କ୍ୱିଣ୍ଟାଲ ଧାନ କିଣିଛି ପ୍ରଶାସନ ବାକି ଟୋକନ ଆସିଥିବା ଚାଷୀ ମାନଙ୍କର ୮୦୦୦ କ୍ୱିଣ୍ଟାଲ ଧାନ କ୍ରୟ କରିବା ପାଇଁ ବାକି ଅଛି । ଯେହେତୁ ଆଜି ମଣ୍ଡିକୁ କୌଣସି କର୍ମଚାରୀ ଆସି ନ ଥିଲେ ତେଣୁ ଚାଷୀ ମାନେ ହତାଶ ହୋଇ ଲ୍ୟାମ୍ପସ କର୍ମଚାରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ଆଉ ଧାନ କିଣିବା ପାଇଁ ଟାର୍ଗେଟ ନାହିଁ ସେଥିପାଇଁ ଆମେ ଯାଇ ନାହୁଁ ବୋଲି କର୍ମଚାରୀ ଜଣଙ୍କ କହିଥିଲେ ବୋଲି ମାଥିଲି ପୂର୍ବତନ ବ୍ଲକ ଅଧ୍ୟକ୍ଷ ତ୍ରିନାଥ ଭୂମିଆ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ସେହିପରି ପୂର୍ବତନ ସରପଞ୍ଚ ଗୋପୀ ନାୟକ ଓ ପୂର୍ବତନ ସରପଞ୍ଚ ଫୁଲମତି ଜିରାମ ଯଦି ଜିଲ୍ଲା ପ୍ରଶାସନ ପକ୍ଷରୁ ଚାଷୀମାନଙ୍କ ଧାନ ମଣ୍ଡିରୁ ନଉଠେ ତାହେଲେ ଆମର ସମସ୍ତ ଚାଷୀ ଭାଇ ଭଉଣୀ ମାନେ ଏକତ୍ରିତ ହୋଇ ରାଜରାସ୍ତାକୁ ଓହ୍ଲାଇବୁ ବୋଲି କଡା ଚେତାବନୀ ଦେଇଛନ୍ତି । ଦୀର୍ଘ ୨୦ଦିନ ହେବ ଶହ ଶହ ଚାଷୀ ଶୀତ କାକରରେ ମଣ୍ଡିରେ ଧାନ ଜଗୁଥିବା ଦୃଶ୍ୟ ସମସ୍ତଙ୍କୁ ବିଚଳିତ କରୁଛି । ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତର ସହ ନେଇ ତୁରନ୍ତ ଚାଷୀ ମାନନଙ୍କର ଧାନ ମଣ୍ଡିରୁ ଧାନ ଉଠାଇବା ପାଇଁ ଅନୁରୋଧ କରିଛନ୍ତି । ଆଗାମୀ ଦିନରେ ଯଦି ପ୍ରଶାସନ ପକ୍ଷରୁ ମଣ୍ଡିରୁ ଧାନ ନ ଉଠେ ତାହେଲେ ଶହ ଶହ ଚାଷୀ ରାଜ ରାସ୍ତା ଅବରୋଧ କରିବୁ ବୋଲି ଚେତାବନୀ ଦେଇଛନ୍ତି ।

■ ଏଇ କିଛିଦିନ ତଳେ ଆମ ନୂଆ ରାଜ୍ୟ ସରକାର କହିଲେ– ସବୁ ସରକାରୀ ଦପ୍ତରରେ ସିସି କ୍ୟାମେରା ଲାଗିବ । ବାବୁ ଏବଂ ସରକାରୀ କର୍ମଚାରୀମାନେ ଲୋକଙ୍କ ସହିତ କିଭଳି ବ୍ୟବହାର କରୁଛନ୍ତି ଏବଂ କିଭଳି ସେବା ଦେଉଛନ୍ତି ତାହା ଜଣାଯିବ । ଲାଞ୍ଚ କାରବାର ଧରାପଡ଼ିଯିବ । କିନ୍ତୁ ଅଫିସ୍ ବାହାରେ କ୍ୟାସ୍‌ଲେସ୍ କାରବାର କ'ଣ କ୍ୟାମେରା ଧରିପାରିବ? ଏବେ ସବୁପ୍ରକାର ରାଜସ୍ୱ ସେବା ଅନ୍‌ଲାଇନ୍‌ରେ ହେବ । ଲୋକଙ୍କୁ ■ ଆଉ ସରକାରୀ ଅଫିସ୍‌କୁ ବାରମ୍ବାର ଦୌଡ଼ିବାକୁ ପଡ଼ିବନି । କିନ୍ତୁ ଅନ୍‌ଲାଇନ୍ ସେବା ସହିତ ଅନ୍‌ଲାଇନ୍ ଲାଞ୍ଚ କାରବାରକୁ ଧରି ହେବ ତ? ସରକାରୀ ଚାକିରିଆମାନଙ୍କ ମାନସିକତା ବଦଳି ବ ତ? ପରିବର୍ତ୍ତିତ ପଦ୍ଧତି ବଦଳିବା ସହ ତାଳ ଦେଇ??

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୭ ଫେବୃଆରୀ ୨୦୨୬ | ଶନିବାର

ଓଡ଼ିଶା ଏକ୍ସପ୍ରେସ୍

## ତକିଆ ତଳେ ଟଙ୍କା!

ଗୋଟେ ସମୟରେ ନିର୍ବାଚନ ପ୍ରଚାର ଶେଷ ହେବା ପରେ ପରେ ଚାଲୁଥିଲା ନେତା ଏବଂ ସେମାନଙ୍କ ଚେଲାଚାମୁଣ୍ଡାମାନଙ୍କ ଅନ୍ଧାରିବିଜେ । ଭୋଟରମାନେ ମଧ୍ୟ ଜାଣିଥିଲେ ଏକଥା, ତେଣୁ ଅନେକେ ସେଇ ସମୟରେ ବାହାର ବାରଣ୍ଡାରେ ଶୋଉଥିଲେ ତକିଆରେ ମୁଣ୍ଡରଖି । ବିଭିନ୍ନ ଦଳର ପ୍ରଚାର ଦାୟିତ୍ୱରେ ଥିବା କର୍ମୀମାନେ ଭୋଟରଙ୍କ ତକିଆ ତଳେ ଟଙ୍କା ଗୁଞ୍ଜି ଦେଉଥିଲେ ସେମାନଙ୍କ ପ୍ରଚାରପତ୍ର ସହିତ । ଏସବୁ ଛକାପଞ୍ଝାରେ ଚାଲିଥିଲା । ସବୁ ଦଳ ସବୁ ଦଳଙ୍କୁ ଜଗୁଥିଲେ । ତଥାପି ସୁଯୋଗ ଉଣ୍ଡି ଟଙ୍କା ବଣ୍ଟା ଚାଲିଥିଲା। ଯେଉଁ ଦଳ ଅଧିକ ଟଙ୍କା ଦେଉଥିଲା ସେଇ ଦଳର ପ୍ରାର୍ଥୀଙ୍କୁ ଲୋକେ ଯେ ଭୋଟ୍ ଦେଉଥିଲେ ଏଥିରେ ସନ୍ଦେହ ନାହିଁ । କାଁ ଭାଁ ଏଥିରେ ବ୍ୟତିକ୍ରମ ହେଉଥିବାର ଜଣାଯାଉଥିଲା । ସେତେବେଳେ ମଧ୍ୟ ଲୋକେ ଜାଣିଥିଲେ– ଏଇଟା ହିଁ ମଉକା ନେତାଙ୍କ ପାଖରୁ କିଛି ଖସେଇବା ପାଇଁ । ଭୋଟ୍ ସରିଗଲେ କିଏ ପଚାରିବ? ସେତେବେଳେ ସେମାନେ ଆମରି ପାଖରୁ ହିଁ ଭିଡ଼ିବେ ବିଭିନ୍ନ ଆଳରେ । ଲୋକଙ୍କର ଏଭଳି ଧାରଣାକୁ ନେତାଏ ଆଜିଯାଏ ତାଙ୍କ ଆଚରଣ ମାଧ୍ୟମରେ ବଦଳାଇ ପାରିନାହାନ୍ତି ।

ଏବେ କିନ୍ତୁ ଭୋଟରଙ୍କୁ ଟଙ୍କା ଦେବା ପାଇଁ କର୍ମୀ ଏବଂ ପ୍ରାର୍ଥୀଙ୍କୁ ରାତି ଅନିଦ୍ରା ହୋଇ ସୁଯୋଗକୁ ଅପେକ୍ଷା କରିବାକୁ ପଡୁନି କି ଭୋଟରଙ୍କୁ ମଧ୍ୟ ବାରଣ୍ଡାରେ ଶୋଇବାକୁ ପଡୁନି ତକିଆ ତଳର ଟଙ୍କା ପାଇବା ପାଇଁ । ଏହାକୁ ସୁଗମ ଏବଂ ସୁରକ୍ଷିତ କରିଛି ସ୍ମାର୍ଟଫୋନ୍ ଏବଂ କ୍ୟାସଲେସ୍ ନେଣଦେଣ ପଦ୍ଧତି । ଏବେ ପ୍ରତିଟି ଲୋକଙ୍କ ପାଖରେ ବ୍ୟାଙ୍କ ଖାତା ରହିଛି । ତେଣୁ ତକିଆ ତଳେ ଟଙ୍କା ଗୁଞ୍ଜିବାକୁ ଆଉ ପଡୁନି ।

ଲାଞ୍ଚ କାରବାର ମଧ୍ୟ ଲାଗିଛି କ୍ୟାସ୍‌ଲେସ ପଦ୍ଧତିରେ । ଲାଞ୍ଚ ଟଙ୍କା ଛୁଇଁଲେ ସିନା ପାଉଡର ବୋଳା ଟଙ୍କା ପ୍ରମାଣ କରିପାରିବ ବାବୁଜଣକ ଟଙ୍କା ନେଇଛନ୍ତି ବୋଲି, କିନ୍ତୁ ଯଦି କ୍ୟାସଲେସ ହୋଇଥିବ ତାଙ୍କୁ ଧରିବ କିଏ? ବାବୁ ଜଣକ କ'ଣ ତାଙ୍କ ନିଜ ବ୍ୟାଙ୍କ ଆକାଉଣ୍ଟ ନମ୍ବର କିମ୍ବା ପେ' ଫୋନ୍ ନମ୍ବରରେ ଲାଞ୍ଚ ଟଙ୍କା ନେଇଥିବେ? ଅନ୍ୟ କାହା ଆକାଉଣ୍ଟକୁ ପଠାଇବା ପାଇଁ ମଧ୍ୟ କହିପାରିବେ, ଯିଏ ତାଙ୍କ ନିହାତି ବିଶ୍ୱସ୍ତ ହୋଇଥିବ । ତେଣୁ ଲାଞ୍ଚ କାରବାର ପାଇଁ ବେଶ୍ ବଢ଼ିଆ ମାଧ୍ୟମ ଏବେ ବିଜ୍ଞାନର ଏ ନୂଆ ଜ୍ଞାନକୌଶଳ । ଭୋଟରମାନଙ୍କୁ ଟଙ୍କା ବାଣ୍ଟିବାର ପରିଶ୍ରମ ମଧ୍ୟ ଲାଘବ ହୋଇଛି ନେତାମାନଙ୍କ ପାଇଁ । ଠିକ୍ ଶେଷ ମୁହୂର୍ତ୍ତରେ ଟଙ୍କା ପାଇଯାଇପାରିବେ ନିର୍ବାଚନ ମଣ୍ଡଳୀର ଲୋକେ । ଲୋକଙ୍କ ମୁଡ୍‌କୁ ଚାହିଁ ଟଙ୍କା ଦେଇହେବ । ବେଳେବେଳେ ଶେଷ ମୁହୂର୍ତ୍ତରେ ମଧ୍ୟ ଭୋଟରମାନେ ମତ ବଦଳାଇଥାନ୍ତି । ତେଣୁ ଆଜିକାଲି ନେତାମାନେ ଟଙ୍କା ବାଣ୍ଟିବା ପାଇଁ ଶେଷ ମୁହୂର୍ତ୍ତ ଯାଏଁ ଅପେକ୍ଷା କରୁଛନ୍ତି, ଟଙ୍କା ପାଣିରେ ନ ପଡ଼ିବା ପାଇଁ ।

ଏବେ ସବୁ ସମ୍ଭବ ଟିପର ଛୁଆଁରେ । ମୋବାଇଲ୍‌ରେ ଟିପ ଛୁଆଁଇଲେ ସବୁପ୍ରକାର ସେବା ମିଳିଯାଉଛି । ପ୍ରବଚନଠାରୁ ଆରମ୍ଭ କରି ପର୍ଣ୍ଣୋ (ନଗ୍ନତା) ଯାଏଁ ସବୁ ଉପଲବ୍ଧ ସେଥିରେ । ଆଗରୁ ଅପାଠୁଆମାନେ ହିଁ କେବଳ ଟିପର ବ୍ୟବହାର କରୁଥିଲେ । ଏବେ ପାଠୁଆମାନେ ମଧ୍ୟ ଟିପକୁ ବ୍ୟବହାର କରୁଛନ୍ତି । ଟଚ୍‌ସ୍କ୍ରିନ୍‌ରେ ଟିପ ଛୁଆଁଇଲେ ସବୁ ମିଳିଯାଉଛି ।

ହଁ, ଆମେ ଅସଲ ପ୍ରସଙ୍ଗକୁ ଆସିବା । ଖବରରୁ ଜଣାଯାଇଛି ପ୍ରଶାନ୍ତ କିଶୋରଙ୍କ ନେତୃତ୍ୱାଧୀନ ଜନସ୍ୱରାଜ ପାର୍ଟି ୨୦୨୫ ବିହାର ବିଧାନସଭା ନିର୍ବାଚନକୁ ବାତିଲ କରିବାକୁ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି । ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ମହିଳା ଭୋଟରଙ୍କୁ ୧୦ ହଜାର ଟଙ୍କା ସିଧାସଳଖ ନଗଦ ହସ୍ତାନ୍ତର ସମେତ ବ୍ୟାପକ ନିର୍ବାଚନୀ ଅନିୟମିତତା ହୋଇଥିବା ଅଭିଯୋଗ କରିଛି ଦଳ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏ ମାମଲାର ବିଚାର ଏବଂ ଶୁଣାଣି କରୁଛନ୍ତି ।

ଏଇ କିଛିଦିନ ତଳେ ଆମ ନୂଆ ରାଜ୍ୟ ସରକାର କହିଲେ– ସବୁ ସରକାରୀ ଦପ୍ତରରେ ସିସି କ୍ୟାମେରା ଲାଗିବ । ବାବୁ ଏବଂ ସରକାରୀ କର୍ମଚାରୀମାନେ ଲୋକଙ୍କ ସହିତ କିଭଳି ବ୍ୟବହାର କରୁଛନ୍ତି ଏବଂ କିଭଳି ସେବା ଦେଉଛନ୍ତି ତାହା ଜଣାଯିବ । ଲାଞ୍ଚ କାରବାର ଧରାପଡ଼ିଯିବ । କିନ୍ତୁ ଅଫିସ୍ ବାହାରେ କ୍ୟାସ୍‌ଲେସ୍ କାରବାର କ'ଣ କ୍ୟାମେରା ଧରିପାରିବ?

ଏବେ ସବୁପ୍ରକାର ରାଜସ୍ୱ ସେବା ଅନ୍‌ଲାଇନ୍‌ରେ ହେବ । ଲୋକଙ୍କୁ ଆଉ ସରକାରୀ ଅଫିସ୍‌କୁ ବାରମ୍ବାର ଦୌଡ଼ିବାକୁ ପଡ଼ିବନି । କିନ୍ତୁ ଅନ୍‌ଲାଇନ୍ ସେବା ସହିତ ଅନ୍‌ଲାଇନ୍ ଲାଞ୍ଚ କାରବାରକୁ ଧରି ହେବ ତ? ସରକାରୀ ଚାକିରିଆମାନଙ୍କ ମାନସିକତା ବଦଳି ବ ତ? ପରିବର୍ତ୍ତିତ ପଦ୍ଧତି ବଦଳିବା ସହ ତାଳ ଦେଇ??

# ଶୟିତ ବନାମ ଶାୟିତ

## ଅଆ-ପଣକିଆ



**ବିଜୟ ଦାସ**

ସ୍ୱଇଚ୍ଛାରେ, ନିଜ ଇଚ୍ଛାରେ ନିଦ୍ରାଦେବୀଙ୍କ କୋଳକୁ ଯିବା ଏବଂ ଅନ୍ୟ କେହି ତାଙ୍କ ଇଚ୍ଛାରେ ନିଦ୍ରାଦେବୀଙ୍କୁ ହସ୍ତାନ୍ତର କରିବା ହିଁ ଶୟିତ ବନାମ ଶାୟିତର ବ୍ୟବଧାନ । ଗୋଟିଏ ତ କଥା, ନିଜ ଇଚ୍ଛାରେ ବା ଅନିଚ୍ଛାରେ ଶୟନ କରିବାର ପ୍ରକ୍ରିୟା । ମନରେ ପ୍ରଶ୍ନଉଠେ ସତରେ କ'ଣ ଶରୀରର ସବୁ ଅଙ୍ଗ ଶୋଇଯାଏ ନା ନିସ୍ତେଜ ହୋଇଯାଏ ଏହି ଶୟନ ପ୍ରକ୍ରିୟାରେ? ନିଶ୍ଚିତ ଭାବେ ନା। କେବଳ ଏହା ବିଶ୍ରାମର ଅବସ୍ଥା । ଉର୍ଜା ଆହରଣ କରିବାର ଉପକ୍ରମ । ଚଳଚଞ୍ଚଳ ଅବସ୍ଥାରେ ବ୍ୟୟ କରିଥିବା ଉର୍ଜା, ପୁନଃ ପୁନଃ ଆସ୍ତେଆସ୍ତେ ଭରଣା କରିବା, ପୂରଣ କରିବାର ଅବସ୍ଥା ହିଁ ନିଦ୍ରାଯିବା । ଏଥକୁ ମସ୍ତିଷ୍କର ତିନିଟି ଅବସ୍ଥାରେ ସ୍ଥାନ ପରିବର୍ତ୍ତନ ହେଉଥାଏ । ସଚେତନରୁ ଅବଚେତନା ଓ ଅବଚେତନାରୁ ଅଚେତନା ଘଟିତ ଘଟଣାର ନିବନ୍ଧନ ପୁଣି ତନ୍ମଧ୍ୟରେ ପର୍ଯ୍ୟାଲୋଚନା, ତାକୁ ଗୋଟିଏ ପାଖରେ ଜମାରଖି ଅନ୍ୟ ପାଖକୁ ଖାଲି କରିଦେବାର କାର୍ଯ୍ୟ ହେବାକୁ ନିଦ୍ରାର ଆବଶ୍ୟକତା ଥାଏ ।

ଏପରିକି ହିନ୍ଦୁଶାସ୍ତ୍ର ଅନୁସାରେ ବିଷ୍ଣୁଙ୍କର ଅନନ୍ତଶୟନ ଓ ଶିବଙ୍କର ଧ୍ୟାନ ମୁଦ୍ରା ଏକ ଶୟିତ ପ୍ରକ୍ରିୟା । ବିସ୍ତାର କଲେ କଥାଟି ଏହିପରି ହୋଇଥାଏ । ଅନନ୍ତଶୟନ ହୋଇଥିଲେ ବି ବିଷ୍ଣୁଙ୍କର ଅବତାର ମାନେ ଜାଗ୍ରତ ଥାଆନ୍ତି ମର୍ତ୍ତ୍ୟ ମଣ୍ଡଳରେ । ଠିକ୍ ସେହିପରି ମଣିଷର ଅବଚେତନ ଅବସ୍ଥାରେ ସ୍ୱପ୍ନ ପରି ଘଟଣା ସବୁ ଘଟୁଥାଏ। ଶିବଙ୍କର ଧ୍ୟାନସ୍ଥ ମୁଦ୍ରାରେ ମଧ୍ୟ ବିଶ୍ୱବ୍ରହ୍ମାଣ୍ଡର ଘୂର୍ଣ୍ଣନ ହିଁ ପରିଚାଳିତ ହେଉଥାଏ ତାଙ୍କ ଦ୍ୱାରା । ସାଧାରଣ ସମୟକୁ ବାଦ୍ ଦେଲେ, ଅସମୟରେ ପ୍ରଳୟ ସମୟରେ, ସ୍ୱର୍ଗରେ ବିଭ୍ରାଟ ସମୟରେ ସମ୍ପୂର୍ଣ୍ଣ ଜାଗରଣ ଆସିଥାଏ ହରିହରଙ୍କର । ଏଠାରେ ଅନ୍ୟ କେହି ଶାୟିତ କରେନାହିଁ ସୃଷ୍ଟିକର୍ତ୍ତାମାନଙ୍କୁ । ମଣିଷ କ୍ଷେତ୍ରରେ କିନ୍ତୁ ଏହା ଘଟୁଥାଏ । ଅନିଚ୍ଛା ସତ୍ତ୍ୱେ ବି ଶୋଇବାକୁ ହୁଏ । ଭାରାକ୍ରାନ୍ତ ମନ, କ୍ଳାନ୍ତ ଅବଶ ଶରୀର ବାଧ୍ୟ କରେ ନିଦ୍ରାଗତ ହେବାକୁ । ସମସ୍ୟାର ବୋଝ ବାଧ୍ୟ କରେ ଶୋଇବାକୁ ଏବଂ କେହିନା କେହି ବେଳେବେଳେ ଶୁଆଇ ଦିଅନ୍ତି ସମୟର ଆବଶ୍ୟକତା ଅନୁସାରେ ।

ସତରେ ପଥରଟିଏ କ'ଣ ଶୋଇଥାଏ? ସତରେ କାଠଗଣ୍ଡି କ'ଣ ଶୋଇଥାଏ, ସତରେ ମାଟି କ'ଣ ଶୋଇଥାଏ? ସୂକ୍ଷ୍ମ ଦୃଷ୍ଟିରେ 'ନା' । ଏହା ଭିତରେ ନିହିତ ଶକ୍ତି ଶେଷ ହୋଇନଥାଏ । ଇଂରାଜୀରେ ଏହାକୁ Potential Energy କହନ୍ତି । ସେ ଲୁହାଖଣ୍ଡ ହେଉ, ବାଲିରେଣୁ ହେଉ। ଏହି Potential Energy ଯେତେବେଳେ ଗତିଶୀଳ ହୁଏ ବା ଚଳଚଞ୍ଚଳ କରାଯାଏ, ସେତେବେଳେ ଏହା Kinetic Energyରେ ପରିଣତ ହୁଏ । ଏହାହିଁ ଜଡ଼ବସ୍ତୁର ଜାଗ୍ରତ ଅବସ୍ଥା । ତା' ନହେଲେ ଗାଡ଼ି ମଟର ଜୀବନ ପାଇଯାଉଛି କେମିତି ଏହିସବୁ ଜଡ଼ବସ୍ତୁର ସମିଶ୍ରଣରେ । ମଜାର କଥା ହେଉଛି ଆମ୍ଭଙ୍କୁ ଦୃଶ୍ୟମାନ ହେଲେ ବି ଅବୋଧ ଲାଗୁଛି । ପୁରାଣରେ ବର୍ଣ୍ଣିତ ଖମ୍ବରୁ ବିଷ୍ଣୁଙ୍କର ନରସିଂହ ଅବତାର ହେବା ନିଶ୍ଚେ ଜଡ଼ ଭିତରେ ସଚେତନର ପ୍ରମାଣ। ଚାଲନ୍ତୁ ଶୟିତ ଓ ଶାୟିତକୁ ମାନବୀୟ ଦୃଷ୍ଟିକୋଣରୁ ତର୍ଜମା କରିବା ।

### ଶୟିତ

ଅନନ୍ତଶୟନରେ ଶୟିତ ପ୍ରଭୁ ବିଷ୍ଣୁ । ସେ ନିଦ୍ରିତ । ନିଜ ଇଚ୍ଛାରେ ଶୋଇପଡ଼ିବାର ଅର୍ଥ ହିଁ ଶୟିତ । ମନକୁ ଶାନ୍ତ କରିବାକୁ, ଶରୀରକୁ କ୍ଳାନ୍ତି ନିବାରଣ ହେବାର ଏହା ଏକ ଅବସର । ମଣିଷ କର୍ମକ୍ଳାନ୍ତ ଜୀବନରେ ଶୋଇବାର ଆବଶ୍ୟକତା ନିଶ୍ଚୟ ଅଛି । କୁହାଯାଏ ଦିନଟା କର୍ମ ପାଇ ଏବଂ ରାତ୍ରି ହେଉଛି ଶୟନର ସମୟ । ଆଜିକାଲି ହୁଏତ ଏହା ପରିଭାଷା ବଦଳି ଯାଇଛି । ବିଜୁଳି ଆଲୁଅରେ ରାତିକୁ ଦିନ କରିବା ଭିତରେ ଶୋଇବାର ସମୟ ମଧ୍ୟ ନିର୍ଦ୍ଦିଷ୍ଟ ହୋଇରହିନାହିଁ । ଜାଗି ରହିବାର ବା ଜାଗ୍ରତ ରହିବାର ବେଳରେ ଯଦି ଆମେ ଶୋଇପଡ଼ିବା ତାହାହେଲେ ସବୁ ଭୁଲ୍‌ଭାଲ୍ ହୋଇଯିବ । ନିଜର ଜରୁରୀ କାର୍ଯ୍ୟ ପାଇଁ ହେଉ କି ଦେଶଦଶର ଉନ୍ନତି ପାଇଁ ହେଉ, କର୍ମ କରିବାର ଆବଶ୍ୟକତା, ସଂଗ୍ରାମ କରିବାର ବେଳରେ ଆଖିରୁ ନିଦ ହଜେଇ ଦବା ଜରୁରୀ । ମଧୁବାବୁଙ୍କର ପଦ୍ୟାଂଶ ଏବେବି ମନେପଡ଼େ, 'ଉଠରେ ଉଠରେ ଉତ୍କଳସନ୍ତାନ ଉଠିବୁ ତୁ କେତେଦିନେ...' ଏଠାରେ ଜାଗିବାକୁ ଜଗିବାକୁ ଆହ୍ୱାନ, ତନ୍ଦ୍ର ନିଦ୍ରାରେ ବୁଡ଼ିରହି ଦାସତ୍ୱକୁ ସ୍ୱୀକାର ନ କରିବାର ଆହ୍ୱାନ । ଅନ୍ଧାରକୁ ଚିରି ସକାଳର ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ସଂଗ୍ରାମ କରିବାର ସମୟ ।

ଶୟିତ ରହିବା ଯଦି ଭାରାକ୍ରାନ୍ତ ଦେହ ମନକୁ ଶାନ୍ତି ଦେବାହୁଏ, ତେବେ ତ ଭଲକଥା । କାରଣ ଉର୍ଜା ବା ଶକ୍ତି ଗୋଟାଇବାର ପ୍ରକ୍ରିୟା ଇଏ । କ୍ଳାନ୍ତିରୁ ମୁକ୍ତି ପାଇବାକୁ ବିଶ୍ରାମ ନିହାତି ଦରକାର। କିନ୍ତୁ ସମସ୍ୟାକୁ ବାଆଁରେଇଯିବାକୁ, ଆଖି ବୁଜିଦବାକୁ ଶୟିତ ହେବାର ଫଳାଫଳ ଭୟଙ୍କର । ଛୋଟ ସମସ୍ୟାର ସମାଧାନ ନକରି ଶାୟିତ ହେଲେ ତାହା ଗଭୀର ଓ ଗମ୍ଭୀର ହୋଇଯାଏ । ପରେ ପରେ ବଡ଼ ସମସ୍ୟାର ପାହାଡ଼ ସାମ୍ନାରେ ଛିଡ଼ାହୁଏ, ଯାହାକୁ ଭେଦ କରିବା କଷ୍ଟକର ହୁଏ କିମ୍ବା ଆଉ ହାତପାଆନ୍ତାରେ ନଥାଏ। ଆଉ ତା'ପରେ ଆଖିରୁ ନିଦ ହଜିଯାଏ ତ ଜୀବନ କେବଳ ଯନ୍ତ୍ରଣାର ଅନ୍ଧାରରେ ବୁଡ଼ିରହେ । ଅନେକ ସମୟରେ ଛଳନା ପୂର୍ବକ ଶୟିତ ହେବାର ଅର୍ଥ ପଳାତକ ସାଜିବା । ଚେଇଁ ଶୋଇଥିବ ଯିଏ, ତାକୁ ଉଠେଇବ କିଏ କଥାଟି ବଡ଼ ମାରାତ୍ମକ ଦିଗକୁ ଇଙ୍ଗିତ କରେ । ସତରେ ଜଣେ ଯଦି ଗାଢ଼ ନିଦ୍ରାଗତ, ତାକୁ ଉଠାଇହେବ ଏବ ଉଠିବା କାରଣରୁ ଅସମାପ୍ତ କାର୍ଯ୍ୟକୁ ଦିଗୁଣା ଶକ୍ତିରେ ସମାପ୍ତ କରିବ । କିନ୍ତୁ ଚେଇଁ ଶୋଇବା ମଣିଷ ନିଶ୍ଚେ ବିଫଳତାର ସ୍ୱାଦଚାଖେ ।

ଶୟିତର ଅର୍ଥ ପୁଣି ନିପତିତ । ଜାଗ୍ରରହିବା ଅବସ୍ଥାରୁ ପଡ଼ିଯିବା ହିଁ ଶୟିତ । କୁହାଯାଏ ଜୀବର ଅର୍ଦ୍ଧେକ ସମୟ ମୃତବତ୍ ପତିତ ହେବାରେ ଯାଏ । ନିଦ୍ରା ଏକ ଦୈହିକ ଜୀବନର ମୃତ୍ୟୁ ମୃତ୍ୟୁ । ଅଚେତନ ଅବସ୍ଥାରେ କେବଳ ନିଃଶ୍ୱାସ ଯା'ଆସର ପ୍ରକ୍ରିୟା ପୁଣି ମୃତ୍ୟୁ ପରେ ଆତ୍ମାର ମୁକ୍ତିର ଅବସ୍ଥା ବା ଜାଗ୍ରତ ଅବସ୍ଥା । ମୋହମାୟା ସୁନ୍ଦର ଜୀବନକୁ ଶୟିତ କରେ । ଚେତନାର ଜାଗୃତି ନ ଆସିଲେ ଜାଗରଣ ଆସିବ ନାହିଁ । ମୁଁ କିଏ, କାହିଁକି ଆସିଛି, କ'ଣ କରିବାକୁ ଆସିଛି ଏସବୁକୁ ଅନୁଶୀଳନ ନକଲେ, ଅନୁଚିନ୍ତା ନ କଲେ ସତରେ ଚେଇଁ ରହି ମଧ୍ୟ ମନୁଷ୍ୟ ଶୟିତ ହୋଇରହିଥାଏ । ଏଥିପାଇଁ ଧ୍ୟାନମଗ୍ନ ହେବାର ଆବଶ୍ୟକତା ରହିଛି । ପ୍ରତ୍ୟେକ ସମୟରେ ଭଲମନ୍ଦର ବାଛବିଚାର କରିବା ଦରକାର । ଶୟନ କଲେ ମଧ୍ୟ ଜାଗ୍ରତ ପ୍ରହରୀ ପରି ସୂକ୍ଷ୍ମତନ୍ତ୍ରୀମାନେ କର୍ମକ୍ଷମ ଥାଆନ୍ତି । ସେଥିପାଇଁ ତ ସ୍ୱପ୍ନ ଜରିଆରେ ତର୍ଜମା ଚାଲିଥାଏ ଅନୁଭୂତି ପୁଣି ଅନାବନା ଗପ ପରି ଲାଗିଲେ ବି ଇଚ୍ଛା ସବୁ ବୁଣି ହେଉଥାଆନ୍ତି ବୁଢ଼ିଆଣୀ ଜାଲ ପରି । ଏଣୁ ଶାୟିତ ବ୍ୟକ୍ତିର ସ୍ୱପ୍ନକୁ ମଧ୍ୟ ତର୍ଜମା କରାଗଲେ ସମାଧାନର ବାଟ ଦିଶେ, ନଚେତ୍ ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ମାର୍ଗ ସୁଦୃଢ଼ ହେଉଥାଏ। ଦୁଃସ୍ୱପ୍ନ ଏକ ଚେତାବନୀ ଏବଂ ସୁସ୍ୱପ୍ନ ଏକ ମାର୍ଗଦର୍ଶିକା । ନିଜ ଇଚ୍ଛାରେ ମୁଁ ସାମୟିକ ମୃତ୍ୟୁକୁ ଅନୁଭବ କରେନାହିଁ ଶୟନରେ ବରଂ ସ୍ୱଇଚ୍ଛାରେ ଥବିର କରିଦିଏ ଦୈହିକ ଜଞ୍ଜାଳକୁ ।

### ଶାୟିତ

ଧୋ'ରେ ବାଇଆ ଧୋଅ, ଯେଉଁ କିଆରିରେ ଗହଳମାଣ୍ଡିଆ ସେଇ କିଆରୀରେ ଶୋଅ। ଏ ମନ୍ତ ଗୀତ ଗାଇ ମାଆ ଶିଶୁଟିକୁ ଶୁଆଇ ପକାଏ। ଅର୍ଥାତ୍ ଶିଶୁଟି ନିଜେ ନ ଶୋଇବାକୁ ଅଝଟ କରେ, କିନ୍ତୁ ମାଆ ଜାଣେ ସେ ନ ଶୋଇଲେ ଦେହ ଖରାପ ହେବ ଏବଂ ତାକୁ ମଧ୍ୟ କାମ କରିବାର ଅବକାଶ ରହିବନାହିଁ । ଖୁଆଇ ପିଆଇ ଶୁଆଇ ଦେବାକୁ ଶାୟିତ କୁହାଯାଏ । ଏହାକୁ ପାତିତ ବା ପକେଇଦେବା ଅର୍ଥରେ ପୁଣି ବ୍ୟବହାର କରାଯାଏ । 'ଅଙ୍କଶାୟିତ' ଏକ ଆଳଙ୍କାରିକ କାବ୍ୟିକ ଶବ୍ଦ। କୋଳରେ ଶୁଆଇ ଦେବା ଏକ ସ୍ନେହ ପ୍ରେମର ଅନନ୍ୟ ଉପମା। ମାଆ କୋଳରେ ଶିଶୁ ହେଉ, ପ୍ରେମିକ କୋଳରେ ପ୍ରେମିକା କି ପ୍ରେମିକା କୋଳରେ ପ୍ରେମିକକୁ ଶୁଆଇ ଦେବା ହିଁ ଶାୟିତ ଶବ୍ଦର ପରାକାଷ୍ଠା।

ରାଧା-କୃଷ୍ଣ ପ୍ରେମ ବର୍ଣ୍ଣନରେ ଅନେକ ସମୟରେ କବିମାନେ ଏକକ ଶୟନର ଗାଥା କହିଛନ୍ତି । ଅଲୁଳାୟିତ କେଶ ସଂଚାଳନ ପୂର୍ବକ ନିଦ ମାଉସୀକୁ ଡାକିବାର ଦେଖାଯାଏ ଆମ କାବ୍ୟ କବିତାରେ ।

'ନିଦ ମାଉସୀ, ଦେ ଆଉଁଷି', ଏମନ୍ତ ଶିଶୁଗୀତ ଶୁଣୁଶୁଣୁ ପିଲାଟି ଶୋଇପଡ଼େ। ପ୍ରେମ ପ୍ରୀତିରେ ଜଣେ ଜଣଙ୍କୁ ଶାୟିତ କରିବା ଭିତରେ ଦୁହେଁ ସ୍ଥିର କିନ୍ତୁ ଜଣେ ଜାଗ୍ରତ ତ ଅନ୍ୟଜଣେ ଚକ୍ଷୁ ମୁଦ୍ରିତ । ନିରିଖେଇ ଦେଖିବାର ପ୍ରେମକୁ ଅପଲକ ଦୃଷ୍ଟିରେ ଦେଖିବାର, ପ୍ରେମିକ ବା ପ୍ରେମିକାର ସୌନ୍ଦର୍ଯ୍ୟ ଉପଭୋଗ କରିବାର ଏକ ମହାର୍ଗ ଅବସର ଇଏ। ଏଥକୁ ଶାୟିତ ବ୍ୟକ୍ତି ଯେ ସଂପୂର୍ଣ୍ଣ ଭାବେ ନିଦ୍ରାଗତ ତାହା କହିହେବ ନାହିଁ। ନୀମିଳିତ ଚକ୍ଷୁରେ ଅର୍ଦ୍ଧଶାୟିତ ଅବସ୍ଥା ବି ହୋଇପାରେ। ଏହା ମଧ୍ୟ ,କ ଆକର୍ଷଣ ଭିନ୍ନ ପ୍ରକ୍ରିୟା ।

ସଂସାରରେ ଆମକୁ କିଏ ପ୍ରଲୋଭନ ଦେଇ ଶୁଆଇ ପକାଉଛି କି? ଆମ୍ଭେ ମୋହଗ୍ରସ୍ତ ହୋଇ କୁଟିଳ ମଣିଷର କୁକର୍ମକୁ ଆଖିବୁଜି ଦେଉଛନ୍ତି କି । ଏହା ଏକ ଚତୁର ମଣିଷର କଳା କାରନାମା । ଅନ୍ୟକୁ ଶୁଆଇ ପକାଇ ଧନମାନ ହରଣ କରିନେବା। ଇଂରେଜମାନଙ୍କ ଚାଲ୍‌ରେ ଆମକୁ ଶୁଆଇ ଦିଆଯାଇଥିଲା। ସେହିପରି ନିଶା ଦେଇ ଶାୟିତ କରି ଖମାନେ ଲୁଟିଥାଆନ୍ତି। ସେ ଟ୍ରେନ୍‌ରେ ହେଉ କି ବସ୍‌ରେ ହେଉ। ଅନ୍ୟ ଦ୍ୱାରା ଶାୟିତ ହେବା ପୂର୍ବରୁ ଟିକିଏ ଏସବୁ ପ୍ରକ୍ରିୟାକୁ ଅନୁଧ୍ୟାନ କଲେ ବିପଦରେ ପତିତ ହେବାରୁ ବର୍ତ୍ତିପାରିବା।

ହଁ, ଶାୟିତର ଅର୍ଥ ମଧ୍ୟ ପାତିତ ବା ଯାହାକୁ ପକାଇ ଦିଆଯାଇଛି । 'ଧରାଶାୟୀ' ହେଲାର ଅର୍ଥ ଭୂମିରେ ପକାଇ ଦିଆଗଲା । ସରଳ ଭାଷାରେ ସେ ମାଟିକାମୁଡ଼ି ପଡ଼ିଲା । ଦ୍ୱନ୍ଦ୍ୱ ଯୁଦ୍ଧରେ କେହି ନା କେହି ଶାୟିତ ହୁଏ, କିନ୍ତୁ ସମସ୍ୟାର ତାଡ଼ନାରେ ଏମନ୍ତ ମାଟି କାମୁଡ଼ି ପଡ଼ିବାର ଅର୍ଥ ଜୀବନଯୁଦ୍ଧରେ ହାରିଯିବା। ଝଡ଼ରେ ଶାୟିତ ବୃକ୍ଷପରି ଜଡ଼ରୁ ଛିଡ଼ିଯିବା ନୁହେଁ ଜୀବନର ଲକ୍ଷ୍ୟ, ବରଂ ଜଡ଼ରୁ ପୁଣି ଛିଡ଼ା ହେବାର, ନୂଆ ଶାଖା ମେଲିବାର ପ୍ରୟାସ ହିଁ ଜୀବନର ଧର୍ମ କାହାକୁ ଜୋର ଜବରଦସ୍ତ ଶାୟିତ କରାଇବାର ଅର୍ଥ ଜିତିବା ନୁହେଁ ବରଂ ଶାୟିତ ବ୍ୟକ୍ତିକୁ ଉଠିବାରେ ସହାୟତା କରିବା ମାନବ ଧର୍ମ। କାହା କାନ୍ଧରେ ବନ୍ଧୁକ ରଖି ଆଉ କାହାକୁ ଧରାଶାୟୀ କରିବାର ମାନେ ଦୁଇ ଜଣଙ୍କ ପାଖରେ ଅନ୍ୟାୟ କରିବା ଏବଂ ଶାୟିତ ବ୍ୟକ୍ତିର ଶରୀର ଉପରେ ପାଦ ଥାପି ଆଗକୁ ବଢ଼ିବା ଉନ୍ନତି ନୁହେଁ, ଅବନତି ।

*ଅନନ୍ତବିହାର, ଫେଜ୍-୨,*
*ପୋଖରୀପୁଟ, ଭୁବନେଶ୍ୱର*
*ମୋ. ୯୩୪୮୯୩୭୫୨*

# ସନାତନ, ସନ୍ଥ ଓ ଶାସନ

**■ ଗୋପାଳ ମହାପାତ୍ର ■**

ବିଗତ କିଛି ଦିନ ତଳେ ମୌନୀ ଅମାବାସ୍ୟା ଦିନ ପ୍ରୟାଗରାଜ ଠାରେ ଏକ ଅଜବ ପରିସ୍ଥିତି ସୃଷ୍ଟି ହୋଇଥିଲା । ମୌନୀ ଅମାବାସ୍ୟାଦିନ ମାଘ ମେଳାରେ ସ୍ନାନ କରିବାକୁ ଯାଉଥିବା ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦଙ୍କୁ ଉତ୍ତରପ୍ରଦେଶ ପୋଲିସ ଅଟକାଇବା ଓ ତାଙ୍କ ଅନୁଗାମୀଙ୍କୁ ମାରପିଟ କରିବା ଭଳି ଘଟଣା ଘଟିଥିଲା । ଉତ୍ତର ପ୍ରଦେଶ ପୋଲିସ ପକ୍ଷରୁ ଏ ବାବଦରେ ସ୍ପଷ୍ଟିକରଣ ଦିଆଯାଇ କୁହାଯାଇଛି ଯେ ସୁରକ୍ଷା କାରଣରୁ ଶଙ୍କରାଚାର୍ଯ୍ୟଙ୍କ ବାହାନ (ପାଲିଙ୍କି)କୁ ରୋକାଯାଇଥିଲା ଏବଂ ସ୍ନାନ ପାଇଁ ପାଦରେ ଚାଲିଚାଲି ଯିବା ପାଇଁ କୁହାଯାଇଥିଲା । କିନ୍ତୁ ଶଙ୍କରାଚାର୍ଯ୍ୟ ଏକଥାକୁ ଅସ୍ୱୀକାର କରିଥିଲେ। କିନ୍ତୁ ଅନ୍ୟପକ୍ଷେ ଶଙ୍କରାଚାର୍ଯ୍ୟ ଅବିମୁକ୍ତେଶ୍ୱରାନନ୍ଦ ଅଭିଯୋଗ କରିଛନ୍ତି ଯେ ସେ ସ୍ନାନ ପାଇଁ ତାଙ୍କ ଭକ୍ତ ଓ ଅନୁଗାମୀମାନଙ୍କ ସହ ଯାଉଥିବା ବେଳେ ମେଳା ପ୍ରାଧିକରଣ ପକ୍ଷରୁ ଦାୟିତ୍ୱରେ ଥିବା ପୋଲିସ ତାଙ୍କ ପାଲିଙ୍କିକୁ ଅଟକାଇ ଦେଇଥିଲେ ଓ ମାତ୍ର କିଛି ଅନୁଗାମୀଙ୍କ ସହ ସ୍ନାନ ପାଇଁ ଯିବାକୁ ବାଧ୍ୟ କରିଥିଲେ । ଶଙ୍କରାଚାର୍ଯ୍ୟ ପୁରା ସମ୍ମାନର ସହ ଯିବା ପାଇଁ କହିବାରୁ ପୋଲିସ ତାଙ୍କୁ ଅଟକାଇଥିଲେ । ପୋଲିସ ଶଙ୍କରାଚାର୍ଯ୍ୟଙ୍କର କିଛି ଅନୁଗାମୀଙ୍କୁ ଥାନାକୁ ନେଇ ନିସ୍ଥୁକ ମାଡ ମାରିଥିଲେ ବୋଲି ମଧ୍ୟ ଅଭିଯୋଗ ହେଉଛି । ଏ ଘଟଣାରେ କ୍ଷୁବ୍ଧ ଅବିମୁକ୍ତେଶ୍ୱରାନନ୍ଦ ସ୍ନାନ କରି ପାରିନଥିଲେ ଓ ଅନଶନରେ ବସିଥିଲେ ।

ପୋଲିସ ସୁରକ୍ଷାର କଥା କହିଥିବା ବେଳେ ଶଙ୍କରାଚାର୍ଯ୍ୟ ଓ ତାଙ୍କ ଶିଷ୍ୟମାନଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗ ସମ୍ବେଦନଶୀଳ ନିଶ୍ଚୟ । ଅଭିଯୋଗ ଅନୁସାରେ ଶଙ୍କରାଚାର୍ଯ୍ୟଙ୍କୁ ଅପମାନିତ କରାଯିବା ସହ ତାଙ୍କ ଶିଷ୍ୟମାନଙ୍କ ଚୁଟି ଘୋଷରିମାଡ଼୍ ମରାଯାଇଥିଲା । ଏ ଘଟଣାକୁ ଏକ ସାଧାରଣ ଘଟଣା ବୋଲି କୁହାଯାଉନାହିଁ ବରଂ ଏହା ଏକ ସୁନିୟୋଜିତ ସାଂସ୍କୃତିକ ଅପମାନ ବୋଲି କୁହାଯାଉଛି । କାରଣ ଶଙ୍କରାଚାର୍ଯ୍ୟ ଓ ତାଙ୍କ ଶିଷ୍ୟମାନେ ବିରୋଧ ବା ପ୍ରଦର୍ଶନ ପାଇଁ ଯାଉନଥିଲେ ବରଂ ଆତ୍ମଶୁଦ୍ଧି ଏବଂ ଈଶ୍ୱର ଆରାଧନା ପାଇଁ ସଂଗମ ଘାଟକୁ ଯାଉଥିଲେ । ସନାତନ ଧର୍ମର ସୁରକ୍ଷା ଦେବା କଥା କହୁଥିବା ଉତ୍ତରପ୍ରଦେଶର ବିଜେପି ସରକାରର ଶାସନକାଳରେ ଶଙ୍କରାଚାର୍ଯ୍ୟ ଏବଂ ତାଙ୍କ ଶିଷ୍ୟମାନଙ୍କୁ ପ୍ରୟାଗରାଜ ଠାରେ ଅପମାନିତ କରାଗଲା କାହିଁକି?

ଏହି ଘଟଣା ପରେ ୧୯ ତାରିଖରେ ଉତ୍ତରପ୍ରଦେଶ ପ୍ରଶାସନ ପକ୍ଷରୁ ଶଙ୍କରାଚାର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଏକ ନୋଟିସ ଜାରି କରାଯାଇଥିଲା ଓ ୨୪ ଘଣ୍ଟା ମଧ୍ୟରେ ଅବିମୁକ୍ତେଶ୍ୱରାନନ୍ଦଙ୍କୁ ଶଙ୍କରାଚାର୍ଯ୍ୟ ବୋଲି ପ୍ରମାଣ କରିବାକୁ କୁହଯାଇଥିଲା । ଶଙ୍କରାଚାର୍ଯ୍ୟଙ୍କୁ ସ୍ନାନ କରିବାପାଇଁ ରୋକିବାର ଘଟଣା ଓ ଶଙ୍କରାଚାର୍ଯ୍ୟ ବୋଲି ନିଜକୁ ପ୍ରମାଣିତ କରିବା ପାଇଁ ନୋଟିସ ଦିଆଯିବା ଘଟଣାକୁ ନେଇ ଦେଶର ଅନେକ ସାଧୁସନ୍ଥ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଶଙ୍କରାଚାର୍ଯ୍ୟ କେମିତି ହୋଇଥାନ୍ତି ଓ କିଏ ଶଙ୍କରାଚାର୍ଯ୍ୟ କରିଥାଏ ସେ କଥା କ'ଣ ସରକାର ସ୍ଥିର କରିବେ? ସରକାର କ'ଣ ସ୍ଥିର କରିବେ ଶଙ୍କରାଚାର୍ଯ୍ୟ କିଏ ଓ କିଏ ନୁହେଁ?

ଭକ୍ତଙ୍କ ଭିଡ ଓ ସୁରକ୍ଷା ବାହାନାରେ ଶଙ୍କରାଚାର୍ଯ୍ୟଙ୍କ ପାଲିଙ୍କିକୁ ଅଟକାଇବା, ତାଙ୍କ ଅନୁଗାମୀଙ୍କୁ ମାରିବା ଏବଂ ଅପମାନିତ କରିବା ପରେ ତାଙ୍କ ଶଙ୍କରାଚାର୍ଯ୍ୟ ପଦବୀକୁ ଚାଲେ କରିବାର ଅର୍ଥ ହେଉଛି ଯେ କୌଣସି ପୂର୍ବାଗ୍ରହ କାରଣରୁ ତାଙ୍କୁ ଅଟକାଯାଇଥିଲା। ଦୁର୍ଭାଗ୍ୟର କଥା ହେଉଛି ଶଙ୍କରାଚାର୍ଯ୍ୟ ଅବିମୁକ୍ତେଶ୍ୱରନନ୍ଦଙ୍କ ଘଟଣାରେ ରାମଭଦ୍ରାଚାର୍ଯ୍ୟଙ୍କ ଭଳି କିଛି ହାତଗଣତି ସନ୍ଥ ବୋଲାଉଥିବା ବ୍ୟକ୍ତି ଏବେ ସରକାରଙ୍କ ଭାଷା ବୋଲିବାରେ ଲାଗିଛନ୍ତି । ଏଥିରୁ ସ୍ପଷ୍ଟ ଯେ ଅବିମୁକ୍ତେଶ୍ୱରନନ୍ଦଙ୍କୁ ଅଟକାଇବା ଓ ତାଙ୍କୁ ଅପମାନିତ କରିବା କେବଳ ଗାଦିର ଅହଂକାରର ଏକ ଉଦାହରଣ ନୁହେଁ ବରଂ ଏହା ପଛରେ ଅବିମୁକ୍ତେଶ୍ୱରାନନ୍ଦଙ୍କ ବିରୁଦ୍ଧରେ ଉତ୍ତର ପ୍ରଦେଶ ସରକାରର ପୂର୍ବାଗ୍ରହ ରହିଛି । ଦେଶର ଅଧିକାଂଶ ସନ୍ଥ ସାଧୁ ଅବିମୁକ୍ତେଶ୍ୱରାନନ୍ଦଙ୍କ ପ୍ରତି ହୋଇଥିବା ଅପମାନ କାରଣରୁ ଦୁଃଖ ପ୍ରକାଶ ଓ ଘଟଣାର ନିନ୍ଦା କରୁଛନ୍ତି । ଦେଶର କୋଣ ଅନୁକୋଣରୁ ଶଙ୍କରାଚାର୍ଯ୍ୟଙ୍କ ପ୍ରତି ସମର୍ଥନ ବଢ଼ିବାରେ ଲାଗିଛି, ଯେଉଁଥିପାଇଁ ସରକାରଙ୍କୁ ସମାଲୋଚନାର ଶରବ୍ୟ ହେବାକୁ ପଡୁଛି ।

ଶଙ୍କରାଚାର୍ଯ୍ୟ ଅବିମୁକ୍ତେଶ୍ୱରାନନ୍ଦଙ୍କ ବିଗତ କିଛି ବର୍ଷର ସକ୍ରିୟତା ବାବଦରେ ଯଦି ଆମେ ଦେଖିବା ତେବେ ଅନେକ କଥା ନଜରକୁ ଆସେ। ଅବିମୁକ୍ତେଶ୍ୱରାନନ୍ଦ ଜଣେ ସ୍ପଷ୍ଟବାଦୀ। ୨୦୨୪ ଜାନୁୟାରୀରେ ଅଯୋଧ୍ୟା ରାମମନ୍ଦିରର ପ୍ରାଣ ପ୍ରତିଷ୍ଠାକୁ ସେ ବିରୋଧ କରିଥିଲେ ଓ କହିଥିଲେ ଯେ ମନ୍ଦିରର ଶିଖର (ଚୁଳ), କଳଶ ଏବଂ ଧ୍ୱଜ ସ୍ଥାପନ ପୂର୍ବରୁ ଅଧାଗଢା ମନ୍ଦିରର ପ୍ରାଣ ପ୍ରତିଷ୍ଠା କରାଯିବା ଉଚିତ୍ ନୁହେଁ। ଏଭଳି ଅଧାଗଢା ମନ୍ଦିରରେ ମୂର୍ତ୍ତି ସ୍ଥାପନ ଶାସ୍ତ୍ର ବିରୁଦ୍ଧ ଅଟେ। ସେହିଭଳି ନଭେମ୍ବର ୨୦୨୫ରେ ରାମମନ୍ଦିରର ଧ୍ୱଜାରୋହଣକୁ ମଧ୍ୟସେ ବିରୋଧ କରି କହିଥିଲେ ଯେ ଶାସ୍ତ୍ରରେ ଧ୍ୱଜାରୋହଣ କଥା ନାହିଁ। ଏପରିକି ଅଧାଗଢ଼ା ମନ୍ଦିରରେ ମୂର୍ତ୍ତି ପ୍ରତିଷ୍ଠା ଓ ଧ୍ୱଜାରୋହଣର ଆୟୋଜନକୁ ଶାସ୍ତ୍ର ବିରୋଧୀ କହିବା ସହ ଏହି ଆୟୋଜନ ବେଳେ ଶଙ୍କରାଚାର୍ଯ୍ୟଙ୍କୁ ଆମନ୍ତ୍ରଣ କରାନଯିବା ଘଟଣା ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରୟାଗରାଜରେ ଅନୁଷ୍ଠିତ ମହାକୁମ୍ଭ ମେଳାରେ ଦଳାଚକଟା ଘଟଣାରେ ସେ ଯୋଗୀ ସରକାରର କଡ଼ା ସମାଲୋଚନା କରିଥିଲେ । ଏପରିକି କୁମ୍ଭମେଳାରେ ଘଟିଥିବା ଅଘଟଣା ପାଇଁ ଯୋଗୀ ସରକାରକୁ ଦାୟୀ କରି ଯୋଗୀ ଆଦିତ୍ୟନାଥ ଇସ୍ତଫା ଦେବା ଉଚିତ୍ ବୋଲି କହିଥିଲେ ।

ଏତିକି ନୁହେଁ ଶଙ୍କରାଚାର୍ଯ୍ୟ ଅବିମୁକ୍ତେଶ୍ୱରାନନ୍ଦ ବାରାଣାସୀର କାଶି ବିଶ୍ୱନାଥ କରିଡ଼ର ନିର୍ମାଣଆଳରେ ପୁରାତନ ମନ୍ଦିର ଭଙ୍ଗାଯାଇଛି ବୋଲି ଅଭିଯୋଗ କରିଥିଲେ । ଏହି କରିଡ଼ର ସ୍ଥାପନ ପାଇଁ ଗୋବିନ୍ଦେଶ୍ୱର ମହାଦେବ ମନ୍ଦିର ଭାଙ୍ଗିଯିବା ଘଟଣାକୁ ବିରୋଧକରି ସେ ଧାରଣାରେ ବସିଥିଲେ ଓ ଧର୍ମ ସଂସଦ ମଧ୍ୟ ଚଳାଇଥିଲେ । ଶଙ୍କରାଚାର୍ଯ୍ୟ ହେଉଛନ୍ତି ସନାତନ ଧର୍ମର ଆଦିଗୁରୁ ଓ ସନ୍ଥ ପରମ୍ପରାର ବାହକ। ଦେଶରେ ଥିବା ୪ଟି ପୀଠ ମଧ୍ୟରୁ ବଦ୍ରୀନାଥର ଜ୍ୟୋତିପୀଠର ଶଙ୍କରାଚାର୍ଯ୍ୟ ହେଉଛନ୍ତି ଅବିମୁକ୍ତେଶ୍ୱରାନନ୍ଦ । ସନାତନଧର୍ମ ସମ୍ବନ୍ଧିତ ସମସ୍ତ ନିର୍ଣ୍ଣୟ ଏହି ପୀଠର ଶଙ୍କରାଚାର୍ଯ୍ୟ ହିଁ କରିଥାନ୍ତି । ଏଣୁ ଶଙ୍କରାଚାର୍ଯ୍ୟ ଭଳି ବରିଷ୍ଠତମ ଧାର୍ମିକ ପଦରେ ଅଧିଷ୍ଠିତ ତଥା ସର୍ବମାନ୍ୟ ସନ୍ଥଙ୍କୁ ଅପମାନିତ କରାଯିବାର ଅର୍ଥ ହେଉଛି ପ୍ରକାରାନ୍ତରେ ସନାତନ ଧର୍ମକୁ ଅପମାନିତ କରିବା । ଏବେ ସନ୍ଥ ସମାଜ ଓ ସନାତନୀ ମାନେ ଅବିମୁକ୍ତେଶ୍ୱରାନନ୍ଦଙ୍କୁ ଅପମାନିତ କରାଯିବା ଘଟଣାକୁ ନେଇ କ'ଣ ପଦକ୍ଷେପ ନେବେ ସେକଥା ସମୟ କହିବ କନ୍ତୁ ନିଜକୁ ସନାତନି ଓ ହିନ୍ଦୁ କହୁଥିବା ଲୋକେ ଏ ବାବଦରେ ଭାବିବେ ନିଶ୍ଚୟ ।

*ରାମଚନ୍ଦ୍ରପୁର, ରଣପୁର*
*ମୋ. ୯୪୩୮୪୮୫୦୯୪*

# ଭାରତ ଇୟୁ ଆର୍ଥିକ ବୁଝାମଣା ଓ ଭବିଷ୍ୟତର ରାସ୍ତା

**■ ଡ. ସମନ୍ୱୟ ନନ୍ଦ ■**

ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଆର୍ଥିକ ବିଷୟକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ସମ୍ପନ୍ନ ହୋଇଛି । ଏହାକୁ ମଦର ଅଫ ଅଲ ଡିଲ୍ସ ବୋଲି କୁହାଯାଉଛି । ଏହି ବାଣିଜ୍ୟ ଓ ପୁଞ୍ଜିବିନିଯୋଗ ବୁଝାମଣା ଏଭଳି ସମୟରେ ଆସିଛି ଯେତେବେଳେ ବୈଶ୍ୱିକ ବ୍ୟବସ୍ଥାରେ ଅସ୍ଥିରତା, ଭୂ ରାଜନୀତିରେ ଧୃବୀକରଣ ଓ ଆର୍ଥିକ ଅନିଶ୍ଚିତତା ଦେଖିବାକୁ ମିଳୁଛି । ଏହି ବୁଝାମଣା ଦ୍ୱାରା ଭାରତ ଓ ୟୁରୋପୀୟ ସଂଘ ଉଭୟଙ୍କୁ ଲାଭ ହେବ ଅନିଶ୍ଚିତତା ମଧ୍ୟରେ ଗତି କରୁଥିବା ବିଶ୍ୱର କିଛି ମାତ୍ରାରେ ନିଶ୍ଚିତତା ଦେଖିବାକୁ ମିଳିବାର ସମ୍ଭାବନା ରହିଛି ।

ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଏଭଳି ବୁଝାମଣା ନେଇ ପ୍ରୟାସ କିଛି ନୂଆ ନୁହେଁ । ୨୦୦୭ ମସିହାରେ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଏଭଳି ବୁଝାମଣା କରିବାକୁ ନେଇ ପ୍ରୟାସ କରାଯାଇଥିଲା । ଉଭୟଙ୍କ ମଧ୍ୟରେ ବାଣିଜ୍ୟ ଓ ପୁଞ୍ଜି ବିନିଯୋଗକୁ ନେଇ ବିଭିନ୍ନ ପର୍ଯ୍ୟାୟରେ କଥାବାର୍ତ୍ତା ଚାଲିଥିଲା । ହେଲେ ସେତେବେଳେ ଉଭୟ ପକ୍ଷଙ୍କ ପ୍ରାଥମିକତାରେ ଗଭୀର ପ୍ରଭେଦ ଥିଲା । ତେଣୁ ଏହି କଥାବାର୍ତ୍ତା ୨୦୧୩ ମସିହା ବେଳକୁ ବିଫଳ ହୋଇ ଯାଇଥିଲା ଓ ଏହା ହୋଇ ପାରି ନ ଥିଲା ।

ମୁଖ୍ୟ ରୂପେ ସେତେବେଳେ ୟୁରୋପୀୟ ସଂଘର ଦେଶ ମାନେ ସେମାନଙ୍କର ଉତ୍ପାଦ ଭାରତୀୟ ବଜାରରେ ସୁବିଧାରେ ପହଂଚାଇବା ପାଇଁ ବିଭିନ୍ନ ତର୍କ ରଖିଥିଲେ । ଭାରତ ମଧ୍ୟ ସେତେବେଳେ ତା'ର ଶ୍ରମ ଶକ୍ତିର ବ୍ୟବହାର କିଭଳି ୟୁରୋପୀୟ ଦେଶ ମାନଙ୍କରେ କିଭଳି କରାଯାଇ ପାରିବ ସେ ନେଇ ଦାବି ରଖିଥିଲା । ଆହୁରି ଅନେକ ବିଷୟ ମଧ୍ୟ ଥିଲା । ହେଲେ ପ୍ରାଥମିକତାରେ ପାର୍ଥକ୍ୟ କାରଣରୁ ସେତେବେଳର କଥାବାର୍ତ୍ତା ବିଫଳ ହୋଇଥିଲା ।

ଏବେ ୨୦୨୨ ମସିହାରେ ଏହି ପ୍ରକ୍ରିୟା ପୁଣିଥରେ ଆରମ୍ଭ ହୋଇଥିଲା ତେବେ ଚଳିତ ଥର କଥାବାର୍ତ୍ତା ଆରମ୍ଭ ହେଲା ବେଳେ ପରିସ୍ଥିତି ବଦଳି ସାରିଥିଲା । ଏଥର ଏହି ଆଲୋଚନା ବେଳେ କେବଳ ଆର୍ଥିକ ବିଷୟରେ ନିଜର ତର୍କ ନ ଥିଲା ବରଂ ପରିବର୍ତ୍ତିତ ବୈଶ୍ୱିକ ରାଜନୀତିର ବାଧ୍ୟବାଧକତା ମଧ୍ୟ ଥିଲା ।

ଏଠାରେ ଉଲ୍ଲେଖ କରିବା ଉଚିତ ହେବ ଯେ ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି କାର୍ଯ୍ୟକାଳ ଆରମ୍ଭ ହେବା ପରେ ସାରା ବିଶ୍ୱରେ ଏକ ଭିନ୍ନ ପ୍ରକାରର ପରିସ୍ଥିତି ଉତ୍ପନ୍ନ ହୋଇଛି । ଅନେକ ଦେଶ ମାନଙ୍କ ମଧ୍ୟରେ ଏହି ଭାବନା ଦେଖିବାକୁ ମିଳିଛି ଯେ କ'ଣ ଆମେରିକାକୁ ବିଶ୍ୱାସ କରାଯାଇ ନ ପାରେ । ଏହି ଭାବନାରେ ଆମେରିକାର ସହଯୋଗୀ ବୋଲି ଧରାଯାଇଆସୁଥିବା ୟୁରୋପୀୟ ଦେଶ ମାନେ ମଧ୍ୟ ଅଛନ୍ତି । ଉଦାହରଣ ସ୍ୱରୂପ ଗ୍ରୀନଲ୍ୟାଣ୍ଡ ପ୍ରସଙ୍ଗକୁ ନିଆଯାଇ ପାରେ । ଟ୍ରମ୍ପଙ୍କ ଏତାଦୃଶ ବ୍ୟବହାର କାରଣରୁ ୟୁରୋପୀୟ ୟୁନିୟନର ବିଭିନ୍ନ ଦେଶମାନଙ୍କ ମନରେ ଅବିଶ୍ୱାସର ବାତାବରଣ ତିଆରି ହୋଇଛି । ସେମାନେ ବୁଝି ପାରୁଛନ୍ତି ଯେ ଯଦି ଏଭଳି ପରିସ୍ଥିତିରୁ ନିଜକୁ ସେମାନେ ବାହାର ନ କରିବେ ତେବେ ଆଗାମୀ ଦିନରେ ତାଙ୍କର ସ୍ଥିତି ଖରାପ ହୋଇ ପାରେ । ଆମେରିକା ସାରା ବିଶ୍ୱରେ ଟାରିଫ ନାମରେ ବୈଶ୍ୱିକ ସ୍ତରରେ ଏକ ପ୍ରକାର ବିଶୃଙ୍ଖଳା କରୁଥିବା ଦେଖିବାକୁ ମିଳୁଛି । ତେଣୁ ଏହାର ପ୍ରତିକାର ସ୍ୱରୂପ ବିଶ୍ୱରେ ରି-ଆଲାଇନମେଣ୍ଟ ହେବା ସ୍ୱାଭବିକ ଥିଲା । ତେଣୁ ଭାରତ- ଇୟୁ ମଧ୍ୟରେ ହୋଇଥିବା ଏହି ଚୁକ୍ତି ଏହି ରିଆଲାଇନମେଣ୍ଟର ଆରମ୍ଭ ମାତ୍ର । ରିଆଲାଇନମେଣ୍ଟ ସମ୍ପୂର୍ଣ୍ଣ ହୋଇଗଲା ବୋଲି କହିବା ଅତିଶୟୋକ୍ତି ହେବ । ତେବେ ଏହା ଆରମ୍ଭ ହୋଇଯାଇଛି ବୋଲି ଆମେ କହି ପାରିବା ।

ଅନ୍ୟପକ୍ଷରେ ୟୁରୋପୀୟ ସଂଘ ଆଜି ଚୀନ ଉପରେ ଅତ୍ୟଧିକ ନିର୍ଭରତାକୁ ନେଇ ଖୁବ ଅସହଜ ରହିଛି । ରୁଷ- ୟୁକ୍ରେନ ଯୁଦ୍ଧ କାରଣରୁ ୟୁରୋପୀୟ ସଂଘର ଉର୍ଜା ସୁରକ୍ଷା ଓ ରଣନୈତିକ ସ୍ୱାୟତତାକୁ ନେଇ ମଧ୍ୟ ବଡ ପ୍ରଶ୍ନ ଠିଆ ହୋଇଛି । ଏଭଳି ପରିସ୍ଥିତିରେ ଭାରତ ଏକ ବଡ ବଜାର, ଗଣତାନ୍ତ୍ରିକ ବ୍ୟବସ୍ଥା ଓ ଉଦୀୟମାନ ଆର୍ଥିକ ଶକ୍ତି ଭାବେ ପରିଗଣିତ ହେଉଥିବା କାରଣରୁ ଇୟୁ ପାଇଁ ଏକ ସ୍ୱାଭବିକ ବିକଳ୍ପ ଥିଲା । ଅପର ପକ୍ଷରେ ଭାରତ ମଧ୍ୟ ନିଜର ମଲ୍ଟି ଆଲାଇନମେଣ୍ଟ ନୀତି ଆପଣାଉଛି । ଏହି ନୀତି ଅନୁଯାୟୀ ଭାରତ କୌଣସି ଗୋଟିଏ ଶକ୍ତି ସହ ବାନ୍ଧି ନ ହୋଇ ସମସ୍ତଙ୍କ ସହ ମଜବୁତ ସମ୍ପର୍କ ସୃଷ୍ଟି କରିବାକୁ ଚାହୁଁଛି ।

କେବଳ ସେତିକି ନୁହେଁ ଗତ କୋଭିଡ ସମୟରେ ଚୀନ ଯେଭଳି ଭାବେ ଗ୍ଲୋବାଲ ସପ୍ଲାୟ ଚେନ୍ କୁ ବାଧା ପହଞ୍ଚାଇଥିଲା ଓ ଅନ୍ୟ ଦେଶ ମାନଙ୍କୁ ହଇରାଣ କରିଥିଲା ତାକୁ ମଧ୍ୟ ଏହି ଦେଶମାନେ ଭଲ ଭାବେ ଦେଖିଛନ୍ତି ଓ କଷ୍ଟକୁ ଅନୁଭବ କରିଛନ୍ତି । ତେଣୁ ଆମେରିକା ସହିତ ଚୀନ ସହିତ ମଧ୍ୟ ସେମାନଙ୍କର ନିର୍ଭରତାକୁ କମ କରିବାକୁ ହେବ ବୋଲି ସେମାନେ ଚିନ୍ତା କରିଛନ୍ତି । ୟୁରୋପୀୟ ଦେଶ ମାନେ ଭଲ ଭାବେ ବୁଝି ପାରିଛନ୍ତି ଯେ ସେମାନଙ୍କୁ ବିକଳ୍ପ ଆବଶ୍ୟକ । ତେବେ ଏପରି ବିକଳ୍ପ ସେମାନେ କେଉଁଠି ପାଇବେ । ଏଭଳି କେଉଁ ଦେଶ ରହିଛି ଯେଉଁଥିରେ ବଡ ବଜାର ଥିବ ଯେଉଁଥିରେ ସେମାନେ ନିଜର ବସ୍ତୁ ଓ ସାମଗ୍ରୀ ବିକ୍ରୀ କରି ପାରିବେ ।

ଭାରତ ପାଇଁ ଏହି ବୁଝାମଣା ଅନେକ ସ୍ତରରେ ନିର୍ଣ୍ଣାୟକ ବୋଲି ପ୍ରମାଣିତ ହୋଇ ପାରେ । ପ୍ରଥମ ରପ୍ତାନୀରେ ବୃଦ୍ଧି ହୋଇ ପାରେ । ଟେକ୍ସଟାଇଲ, ରେଡିମେଡ ବସ୍ତ୍ର, ଫାର୍ମାସୁଟିକାଲ, ଇଂଜିନିୟରିଂ ଉତ୍ପାଦ ଓ ସୂଚନା ପ୍ରଯୁକ୍ତି ସେବାକୁ ୟୁରୋପୀୟ ବଜାରରେ ପ୍ରତିଯୋଗିତାରେ ଲାଭ ମିଳିବ । ଦ୍ୱିତୀୟ ହେଲା ଯେ ପୁଞ୍ଜି ବିନିଯୋଗରେ ପ୍ରବାହ ବଢିବ । ୟୁରୋପୀୟ ୟୁନିୟନର କମ୍ପାନୀ ଗୁଡିକ ଭାରତରେ ମାନୁଫ୍ୟାକ୍ଚରିଂ, ଅଟୋମୋବାଇଲ କ୍ଷେତ୍ର, ନବୀକରଣ ଯୋଗ୍ୟ ଉର୍ଜା, ଡିଜିଟାଲ ଇନଫ୍ରାଷ୍ଟ୍ରକଚର ଆଦି କ୍ଷେତ୍ରରେ ବଡ ପୁଞ୍ଜି ନିବେଶ କରି ପାରନ୍ତି । ତୃତୀୟ କଥା ହେଲା ଯେ ମେକ ଇନ ଇଣ୍ଡିଆ ଓ ଆତ୍ମ ନିର୍ଭର ଭାରତକୁ ବୈଶ୍ୱିକ ସପ୍ଲାୟ ଚେନ ସହ ଯୋଡିବାର ସୁଯୋଗ ମିଳିବ । ଏହା ଦ୍ୱାରା ଭାରତ କେବଳ ଉପଭୋକ୍ତା ନୁହେଁ ଉତ୍ପାଦନର କେନ୍ଦ୍ର ମଧ୍ୟ ହେବ ।

କିନ୍ତୁ ପ୍ରତ୍ୟେକ ସୁଯୋଗ ନିଜ ସହିତ ବିପଦ ମଧ୍ୟ ଆଣିଥାଏ । ୟୁରୋପୀୟ ସଂଘର କଠୋର ଶ୍ରମ, ପରିବେଶ ଓ ଡାଟା ସଂରକ୍ଷଣର ମାନକ ଭାରତ ପାଇଁ ନିଶ୍ଚିତ ଭାବେ ଏକ ଆହ୍ୱାନ ରହିବ । ମୁକ୍ତ ବାଣିଜ୍ୟ ନାମରେ ଘରୋଇ କୃଷି, ଡାଏରୀ ଉତ୍ପାଦ ଓ ଛୋଟ ଶିଳ୍ପଗୁଡିକୁ ଭାରତକୁ ସଂରକ୍ଷଣ ଦେବାକୁ ପଡିବ । ଏହି କ୍ଷେତ୍ର ଗୁଡିକ ଉପରେ ନିଶ୍ଚିତ ଭାବେ ଚାପ ରହିବ । ତେଣୁ ଏଭଳି ସନ୍ତୁଳନ ସ୍ଥାପିତ କରିବା ସେତେ ସହଜ ମଧ୍ୟ ହେବ ନାହିଁ ।

ତେବେ ଏଇ ବୁଝାମଣା ଦ୍ୱାରା ଉଭୟ ଭାରତ ଓ ୟୁରୋପୀୟ ୟୁନିୟନକୁ ନିଶ୍ଚିତ ଭାବେ ଲାଭ ହେବ । ତେବେ ଆମେରିକାକୁ ଏହି ବୁଝାମଣା କଷ୍ଟ ପହଞ୍ଚାଇଛି । ଆମେରିକାରୁ ଯେଭଳି ଭାବେ ପ୍ରତିକ୍ରିୟା ଆସିଛି ସେଥିରୁ ଏହା ଦ୍ୱାରା ଆମେରିକାକୁ ନିଶ୍ଚିତ ଭାବେ କ୍ଷତି ହେବ ଏହା ସ୍ପଷ୍ଟ ଅନୁମାନ କରାଯାଇ ପାରିବ ।

ରାଷ୍ଟ୍ରପତି ଟ୍ରମ୍ପ ଯଦିଓ ନିଜେ ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି ତେବେ ତାଙ୍କ ପ୍ରଶାସନର ଶୀର୍ଷ ଅଧିକାରୀ ସ୍କଟ ବେସେଣ୍ଟ ଏହି ଡିଲକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେ ଏହାକୁ ନେଇ ୟୁରୋପୀୟ ୟୁନିୟନ ଉପରେ ବର୍ଷିଛନ୍ତି । ଟ୍ରମ୍ପଙ୍କ ଦଳର ଜଣେ ସାଂସଦ କହିଛନ୍ତି ଯେ ଏହି ଡିଲ ଦ୍ୱାରା ଭାରତକୁ ଲାଭ ହେବାକୁ ଯାଉଛି । ଆମେରିକାର ପ୍ରତିକ୍ରିୟା ହିଁ ସ୍ପଷ୍ଟ କରୁଛି ଯେ ଏହି ବୁଝାମଣାରୁ କାହାକୁ ଲାଭ ହେବାକୁ ଯାଉଛି ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୭ ଫେବୃଆରୀ ୨୦୨୬ ଶନିବାର ପୃଷ୍ଠା ୫


ପ୍ରେମର ପର୍ବ ଏବେ ସରିଛି । ହେଲେ ହୃଦୟ ସୁସ୍ଥ ରହିଲେ ତ ପ୍ରେମ କରିବେ ? ହୃଦ୍ ବିଶେଷଜ୍ଞମାନେ କୁହନ୍ତି- ଭାବନାତ୍ମକ ସମ୍ପର୍କର ପ୍ରସଙ୍ଗ ଆସିବ ଆଉ ହୃଦୟର କଥା ଉଠିବନି, ଏହା ଅସମ୍ଭବ । କାରଣ ହୃଦ୍ ସ୍ପନ୍ଦନ ହିଁ ଆମ ଜୀବନ ଆଉ ସମ୍ପର୍କର ପ୍ରମାଣ । ତେଣୁ ହୃଦୟକୁ ସୁସ୍ଥ ରଖିବାକୁ ହେବ ।





# ସତେଜ ହୃଦୟ ପାଇଁ...





ହୃଦୟକୁ ସୁସ୍ଥ ରଖିବା ପାଇଁ ଖାଦ୍ୟ-ପାନୀୟ ଓ ବ୍ୟାୟାମର ବିଶେଷ ମହତ୍ତ୍ୱ ଅଛି । ବୟସ ସହ ଏହା ବଦଳେ ।

ନୂଆଦିଲ୍ଲୀସ୍ଥ ମ୍ୟାକ୍ସ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଓ ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ଅଶୋକ ସେଠଙ୍କ ଅନୁଯାୟୀ ଆଜିକାଲି କିଶୋର ଓ ଯୁବପିଢ଼ି ତମାଖୁ, ଗୁଟ୍‌ଖା, ସିଗାରେଟ୍ ଓ ମଦ ଆଦି ନିଶାଦ୍ରବ୍ୟ କବଳରେ ପଡୁଛନ୍ତି । ଏହି ଅଭ୍ୟାସ ହୃଦୟର ସ୍ୱାସ୍ଥ୍ୟ ପାଇଁ ଖୁବ୍ କ୍ଷତିକାରକ । ଏହି ଅଭ୍ୟାସ ଯୋଗୁ କିଛିଦିନ ପରେ ହୃଦୟ ଦୁର୍ବଳ ହୋଇଯାଏ ଓ ହୃଦ୍ ସମ୍ପର୍କିତ ଅନେକ ରୋଗ ଆରମ୍ଭ ହୁଏ । କାନପୁରସ୍ଥିତ ହୃଦ୍‌ରୋଗ ସଂସ୍ଥାନର ନିର୍ଦ୍ଦେଶକ ଡା. ବିନୟ କୃଷ୍ଣ ମଧ୍ୟ ଠିକ୍ ଏଇଆ କୁହନ୍ତି । ସେ କୁହନ୍ତି- ମଦ ଓ ତମାଖୁର ଅଭ୍ୟାସ ସହଜେ ଛାଡ଼େନି । ଏ ଅଭ୍ୟାସ ଛାଡ଼ିବା ପାଇଁ ମନୋରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ ।

**ଖାଦ୍ୟ ପାନୀୟ :** କିଶୋର ଓ ଯୁବପିଢ଼ି ମୁଖ୍ୟତଃ ଫାଷ୍ଟଫୁଡ୍ ଓ ଜଙ୍କ୍ ଫୁଡ୍‌ର ସୌଖୀନ୍ । କେବେ କେବେ ଏ ଖାଦ୍ୟ ଖାଇହେବ ମାତ୍ର ନିୟମିତ ଏସବୁ ଖାଇବା ପରବର୍ତ୍ତି ସମୟରେ ହୃଦୟ ପାଇଁ ସମସ୍ୟା ଅଣିପାରେ ।

**ବ୍ୟାୟାମ :** ଡା. ବିନୟ କୃଷ୍ଣଙ୍କ ପରାମର୍ଶ ଅନୁଯାୟୀ ୨୧ ବର୍ଷରୁ କମ୍ ବୟସର କିଶୋର ଓ ଯୁବକମାନେ ଦୈନିକ ଘଣ୍ଟାଏ ଲେଖାଏଁ କଠୋର ବ୍ୟାୟାମ କରିବା ଆବଶ୍ୟକ । କାରଣ ଏ ବୟସରେ ହୃଦୟର ଧମନୀ (କରୋନାରୀ ଆର୍ଟେରୀ) ବିକଶିତ ହୁଏ । ବ୍ୟାୟାମ କରିବା ଦ୍ୱାରା ହୃଦୟ ଧମନୀ ଶକ୍ତ ହୁଏ ।

**ପରୀକ୍ଷଣ :** ଡା. ଅଶୋକ ସେଠ କୁହନ୍ତି, ଯଦି ଆନୁବଂଶିକ କାରଣ ନଥାଏ, ତା'ହେଲେ ୩୫ ବର୍ଷ ପର୍ଯ୍ୟନ୍ତ ହୃଦ୍‌ରୋଗର ସମ୍ଭାବନା କମ୍ ଥାଏ । ତଥାପି ଏହି ଆୟୁବର୍ଗର ଯେଉଁ ବ୍ୟକ୍ତିମାନଙ୍କର ପରିବାରରେ ଉଚ୍ଚ ରକ୍ତଚାପ ବା ହୃଦ୍‌ରୋଗ ସମସ୍ୟା ଅଛି ସେମାନେ ଡାକ୍ତରଙ୍କ ପରାମର୍ଶରେ ପ୍ରତିବର୍ଷ ରକ୍ତ ଯାଞ୍ଚ କରାଇବା ଉଚିତ୍ । ଏହା ବ୍ୟତୀତ ପ୍ରତି ପାଞ୍ଚବର୍ଷରେ ଥରେ ଟିଏମ୍‌ଟି ପରୀକ୍ଷଣ କରାଇ ନେବା ମଧ୍ୟ ଦରକାର ।

**ହୃଦୟର ବନ୍ଧୁ :** ଏମିତି କିଛି ଖାଦ୍ୟ ପଦାର୍ଥ ଅଛି ଯାହା ସବୁ ଆୟୁବର୍ଗର ଲୋକମାନଙ୍କ ହୃଦୟ ପାଇଁ ଉପଯୋଗୀ । ଏ ଖାଦ୍ୟ ପଦାର୍ଥ ମଧ୍ୟରେ ଫଳ, ପନିପରିବା, ଅଖରୋଟ, ବାଦାମ ଓ ମାଛ ସାମିଲ । ମାଛରେ ଓମେଗା-୨ ଫ୍ୟାଟି ଏସିଡ୍ ଥାଏ ଯାହା ହୃଦୟର ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ । ଅଖରୋଟ ଓ ବାଦାମ ରକ୍ତରେ କୋଲେଷ୍ଟ୍ରୋଲ୍ କମ୍ କରିବାରେ ସହାୟକ ହୁଏ ।



**୩୬ରୁ ୫୦ବର୍ଷ ପର୍ଯ୍ୟନ୍ତ :** ନୂଆଦିଲ୍ଲୀର ବରିଷ୍ଠ ଡାଏଟିସିଆନ୍ ରିତିକା ସମଦାର କୁହନ୍ତି, ଏ ବୟସରେ ନିଜ ଓଜନ ଉପରେ ନିୟନ୍ତ୍ରଣ ରଖିବା ଖୁବ୍ ଜରୁରୀ । କାରଣ ଏ ସମୟରେ ଓଜନ ବଢ଼ିବାର ସମ୍ଭାବନା ଅଧିକ ଥାଏ । ଓଜନ ବୃଦ୍ଧି ହୃଦ୍‌ରୋଗ ସହ ଅନେକ ରୋଗକୁ ଜନ୍ମ ଦେଇପାରେ । ତେଣୁ ଲୋକମାନେ କୋଲେଷ୍ଟ୍ରୋଲ୍ ଯୁକ୍ତ ଖାଦ୍ୟ ଯେତେ ସମ୍ଭବ କମ୍ ଖାଇବା ଉଚିତ୍ । ଏହାଛଡ଼ା ଆଳୁ, ଭାତ, ଆଦି ମଧ୍ୟ କମ୍ କରିବା ଆବଶ୍ୟକ । ଫଳ, ଗଜାମୁଗ, ବୁଟ ଓ ଦଳିଆ ଆଦି 'ଲୋ ଗ୍ଲାଇସେମିକ୍ ଇଣ୍ଡେକ୍ସ' ଖାଦ୍ୟ ସୁସ୍ଥ ହୃଦୟ ପାଇଁ ଖୁବ୍ ଉପଯୋଗୀ ।

ଏ ବୟସର ଲୋକମାନେ କଠୋର ବ୍ୟାୟାମ ଅପେକ୍ଷା ହାଲ୍‌କା ବ୍ୟାୟାମ କରିବା ଆବଶ୍ୟକ । ତେବେ ଦ୍ରୁତ ପ୍ରାତଃ ଭ୍ରମଣ ଖୁବ୍ ଉପଯୋଗୀ । ଏହି ଆୟୁବର୍ଗର ଯେଉଁ ଲୋକମାନେ ଉଚ୍ଚ ରକ୍ତଚାପ ବା ମଧୁମେହ ଗ୍ରସ୍ତ ସେମାନେ ଡାକ୍ତରଙ୍କ ପରାମର୍ଶରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷଣ କରାଇନେବା ଆବଶ୍ୟକ ।

ଡା. ଅଶୋକ ସେଠଙ୍କ କହିବା ଅନୁଯାୟୀ, ୱାକିଂ ସ୍ପିଡ୍ (ଚାଲିବାର ବେଗ) ଠିକ୍ ଅଛି ନା ନାହିଁ ତାହା ଆପଣ ନିଜେ ଜାଣିପାରିବେ । ଉଦାହରଣ ସ୍ୱରୂପ ଯଦି ଆପଣ ଚାଲିବାବେଳେ କୌଣସି ବାକ୍ୟକୁ ଆରାମରେ କହିପାରୁଛନ୍ତି ତା'ହେଲେ ଜାଣନ୍ତୁ ଗତି ଧିମା ଅଛି । ଯଦି ଆପଣ ଅଧା ବାକ୍ୟ ବି ଠିକ୍‌ରେ କହିପାରୁନାହାନ୍ତି ତା'ହେଲେ ଜାଣନ୍ତୁ ଗତି ଅଧିକ ଅଛି । ଯଦି ଆପଣ ଏହି ବାକ୍ୟଟିକୁ କଷ୍ଟରେ କହିପାରୁଛନ୍ତି, ତା'ହେଲେ ବୁଝି ନିଅନ୍ତୁ ଗତି ଠିକ୍ ଅଛି ।

**ବୟସ ୫୧ବର୍ଷ ହୋଇଗଲେ :** ବୟସ ୫୧ ଛୁଇଁଲେ ଖାଦ୍ୟ ପାନୀୟରେ ଆଧିକ୍ୟରୁ ଦୂରେଇ ରହିବା ଉଚିତ୍ । ଖାଦ୍ୟ-ପାନୀୟ କିମ୍ବା ମଦର ଅଧିକ ମାତ୍ରା ଏ ବୟସରେ ଚିନ୍ତାଜନକ । ଏ ବୟସରେ ଅବସାଦ ସମସ୍ୟା ଅଧିକ ଥାଏ, ଯାହା ହୃଦ୍ ସମସ୍ୟାକୁ ଡାକି ଆଣିପାରେ । ଏ ସ୍ଥିତିରେ ମନସ୍ତତ୍ତ୍ୱ ବିଶେଷଜ୍ଞମାନଙ୍କ ପରାମର୍ଶ ନେବା ଉଚିତ୍ । ଏ ବୟସରେ ପାଦ ଦେବା ପରେ ଗରିଷ୍ଠ (ଅଧିକ ତେଲ ମସଲା ଯୁକ୍ତ) ଖାଦ୍ୟ ଠାରୁ ଦୂରେଇ ରହିବା ଆବଶ୍ୟକ । ଖାଦ୍ୟରେ ସାଲାଡ, ସବୁଜ ପନିପରିବା ଓ ଫଳକୁ ପ୍ରାଧାନ୍ୟ ଦେବା ଉଚିତ୍ । ଦିନରେ ଅଳ୍ପ ଅଳ୍ପ ପରିମାଣରେ ୬ଥର ଖାଇବା ଆବଶ୍ୟକ । ୫୧ ବର୍ଷରୁ ଅଧିକ ବୟସର ଲୋକମାନେ କଠୋର ବ୍ୟାୟାମ ଓ ଅଧିକ ଶାରୀରିକ ପରିଶ୍ରମ କରିବା ଉଚିତ୍ ନୁହେଁ । ଦିନରେ ୪୫ ମିନିଟ୍ ପର୍ଯ୍ୟନ୍ତ ଚାଲନ୍ତୁ ।

ଏ ବୟସର ଜୀବନର ସଫଳତା ଓ ବିଫଳତାଙ୍କୁ ନେଇ ମସ୍ତିଷ୍କରେ ଅଙ୍କକଷା ଚାଲିଥାଏ । ଏଥିରୁ ନିଜକୁ ମୁକୁଳେଇବା ପାଇଁ ଧ୍ୟାନ କରନ୍ତୁ । ପ୍ରତିବର୍ଷ ରକ୍ତ, ଇସିଜି, ଟିଏମ୍‌ଟି, ଶର୍କରା ଆଦି ପରୀକ୍ଷଣ କରାଇ ନିଅନ୍ତୁ ।



---

ପ୍ରେମ କଲେ ହୃଦୟ ଦେବାକୁ ହୁଏ । ହୃଦୟକୁ ବାଦ୍‌ଦେଇ ପ୍ରେମର ପରିକଳ୍ପନା କରାଯାଇ ପାରେନା । ହୃଦୟ ବିନା ପ୍ରେମକୁ କୁହାଯାଇପାରେ ନିରୁତା ଛଳନା । ହଁ, ଯଦି ପ୍ରେମ ପାଇଁ ହୃଦୟ ଏତେ ଜରୁରୀ ତା'ହେଲେ ହୃଦୟ ବିଗିଡ଼ି ଗଲେ, ଭାଙ୍ଗିଗଲେ, ଥକି ପଡ଼ିଲେ ଅବା ଛନ୍ଦହରା ହେଲେ ପ୍ରେମ ହୁଏ ପୁଣି କେମିତି ? କେମିତି ହୁଏ ? ଏ ଅସଜଡ଼ା ହୃଦୟକୁ ସଜାଡ଼ିବାକୁ ଡାକ୍ତର ଅଛନ୍ତି । ସେମାନେ ହୃଦୟର ଭଲମନ୍ଦ ବୁଝନ୍ତି । ତାକୁ ପୁଣି ସଜାଡ଼ି ଦିଅନ୍ତି, ଛନ୍ଦ ଭରିଦିଅନ୍ତି ସେଥିରେ । ଦିଲ୍ ପୁଣି ତାଳରେ ତାଳରେ ଚାଲେ । 'ଧକ୍ ଧକ୍ କରନେ ଲଗା...' ଗୀତ ମନେପଡ଼େ । ଆସନ୍ତୁ ଆଜି ଏଇ ମୌକାରେ ହୃଦୟର କଥା ବୁଝୁଥିବା କେଇଜଣ ହୃଦୟବାନ୍ ହୃଦ୍ ବିଶେଷଜ୍ଞଙ୍କ କଥା ଜାଣିବା....

# ହୃଦୟ ବୁଝୁଥିବା ଦରଦୀ ଡାକ୍ତର


ନିଜ ହୃଦୟର କଥା ବେଶୀ ଶୁଣନ୍ତି ଡା. ପି.ସି. ରଥ । ୫୮ ବର୍ଷୀୟ ଏହି ହୃଦ୍ ସର୍ଜନ ସବୁ ଜଟିଳ ଅସ୍ତ୍ରୋପଚାର କରନ୍ତି ସନ୍ଧ୍ୟା ପରେ । ସାରା ରାତି ଅସ୍ତ୍ରୋପଚାର କରି ନିଦୁଆ ଥିବା କନିଷ୍ଠ ଡାକ୍ତରମାନଙ୍କୁ ନେଇ ଚା' ଓ ଦୋସା ଖୁଆଇ ଆଣନ୍ତି ନିଜ କାର୍‌ରେ । ଠିକ୍ ସକାଳ ୭ଟାରେ ସେ ରୋଗୀ ଓ ତାଙ୍କ ବ୍ୟାକୁଳ ପରିଜନଙ୍କୁ ଭେଟିବା ପାଇଁ ବାହାରି ପଡନ୍ତି ।




**କୌ**ଣସି କାର୍ଡିଓଲୋଜିଷ୍ଟଙ୍କ ଚେହେରା ମନେ ପକାଇବାକୁ ଚେଷ୍ଟା କଲେ ଜଣେ ବୟସ୍କ ଅଭିଜ୍ଞ ପୁରୁଷ ଡାକ୍ତରଙ୍କ ଚେହେରା ଆଖି ଆଗରେ ଭାସିଉଠେ । ଜଣେ ମହିଳା କାର୍ଡିଓଲୋଜିଷ୍ଟର ଚେହେରା କେବେ ବି ମନକୁ ଆସେନି । କାରଣ ଖୁବ୍ କମ୍ ମହିଳା କାର୍ଡିଓଲୋଜିଷ୍ଟ ଓ କାର୍ଡିଆକ୍ ସର୍ଜନ ଅଛନ୍ତି ଭାରତରେ ।






ଭାରତର ଖ୍ୟାତନାମା ହସ୍ପିଟାଲ ଓ ହୃଦ୍ ପ୍ରତିଷ୍ଠାନଗୁଡିକୁ ସର୍ବେକ୍ଷଣ କରାଯାଇ ମହିଳା ହୃଦ୍ ବିଶେଷଜ୍ଞଙ୍କ ସଂଖ୍ୟା ହାତ ଗଣତିରେ ସୀମିତ ରହିଥିବା ଦେଖାଯାଇଥିଲା । ଭାରତର ବୃହତ୍ତମ ଚିକିତ୍ସାନୁଷ୍ଠାନ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଏଆଇଆଇଏମ୍‌ଏସ୍)ରେ ହୃଦ୍‌ରୋଗ ବିଭାଗରେ ମାତ୍ର ଜଣେ ମହିଳା ପ୍ରଫେସର ଅଛନ୍ତି । ଅବଶ୍ୟ ସହଯୋଗୀ ବିଭାଗ ଯଥା ପେଡିଆଟ୍ରିକ୍ କାର୍ଡିଓଲୋଜି, କାର୍ଡିଆକ୍‌ଆନାସ୍ଥେସିଆ, କାର୍ଡିଆକ୍ ପାଥୋଲୋଜି ଆଦି ବିଭାଗରେ ଯଥେଷ୍ଟ ସଂଖ୍ୟାରେ ମହିଳା ପ୍ରଫେସର ଅଛନ୍ତି । ଦେଶର ଖ୍ୟାତନାମା ହୃଦ୍ ଚିକିତ୍ସାଳୟ ଚଣ୍ଡିଗଡସ୍ଥ ପୋଷ୍ଟ ଗ୍ରାଜୁଏସନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ପିଜିଆଇଏମ୍‌ଇଆର)ରେ ଜଣେ ମଧ୍ୟ ମହିଳା ହୃଦ୍‌ରୋଗ ବିଶେଷଜ୍ଞ କିମ୍ବା ହୃଦ୍ ସର୍ଜନ ନାହାନ୍ତି । ଡା. ରମାକାନ୍ତ ପଣ୍ଡାଙ୍କ ଏସିଆନ ହାର୍ଟ ଇନ୍‌ଷ୍ଟିଚ୍ୟୁଟ୍ କାହାଣୀ ମଧ୍ୟ ଠିକ୍ ସେମିତି ।

## ଡାକ୍ତର ପି. ବେଣୁଗୋପାଳ ଜଣେ ସମ୍ପୂର୍ଣ୍ଣ ଅନୁଷ୍ଠାନ

ଏକଦା ଜଣେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ତାଙ୍କ ସହ ଶତ୍ରୁତା କଲେ, ଏହା ତାଙ୍କୁ ପଦ ହରାଇବା ସ୍ଥିତିକୁ ନେଇ ଆସିଲା । ହଁ ଆମେ କହୁଛୁ ଡା. ପି. ବେଣୁଗୋପାଳଙ୍କ ବିଷୟରେ । ୪୦ ଦଶକର ସେବା କାଳ ମଧ୍ୟରେ ସେ ଦେଶର ପ୍ରାୟ ସବୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀମାନଙ୍କ ଚିକିତ୍ସା କରିଛନ୍ତି । ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କର ହୃଦ୍‌ଘାତ ସମୟରେ ସେ ଚିକିତ୍ସା କରିଥିଲେ । ଇନ୍ଦିରା ଗାନ୍ଧୀ ଗୁଳିବିଦ୍ଧ ହେବା ପରେ ଅସ୍ତ୍ରୋପଚାର ଦ୍ୱାରା ସେ ହିଁ ବୁଲେଟଗୁଡିକୁ କାଢିଥିଲେ । ନିଜର କାର୍ଯ୍ୟଶୈଳୀ ଓ ଅଭିଜ୍ଞତା ଯୋଗୁଁ ଏକ ସମ୍ପୂର୍ଣ୍ଣ ଅନୁଷ୍ଠାନର ମାନ୍ୟତା ପାଇଥିବା ଡା. ବେଣୁଗୋପାଳ ଏମ୍ସର ପୂର୍ବତନ ନିର୍ଦ୍ଦେଶକ । ସେ କୁହନ୍ତି- ଯେଉଁ ରୋଗୀ ମତେ ବିଶ୍ୱାସ କରେ, ସେ ମୋ ପାଇଁ ଭିଆଇପି ।

ଆନ୍ଧ୍ର ପ୍ରଦେଶର ରାଜମହେନ୍ଦ୍ରୀ ଜିଲ୍ଲାର ମୂଳ ବାସିନ୍ଦା ବେଣୁଗୋପାଳ ମାତ୍ର ୧୭ ବର୍ଷ ବୟସରେ ୧୯୫୭ରେ ଏମ୍ସରେ ଯୋଗ ଦେଇଥିଲେ ଡାକ୍ତରୀ ଶିକ୍ଷା ପାଇଁ । ଶ୍ରେଷ୍ଠ ଏମ୍‌ବିବିଏସ୍ ଛାତ୍ର ଭାବରେ ସେ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଠାରୁ ସ୍ୱର୍ଣ୍ଣପଦକ ଗ୍ରହଣ କରିଥିଲେ । ଉଚ୍ଚ ଶିକ୍ଷା ପାଇଁ ସେ ଟେକ୍ସାସ ହାର୍ଟ ଇନ୍‌ଷ୍ଟିଚ୍ୟୁଟ୍‌ରେ ଯୋଗ ଦେଇ ବିଶ୍ୱବିଖ୍ୟାତ୍ ହୃଦ୍ ସର୍ଜନ ଡେଣ୍ଟନ କୁଲିଙ୍କ ଅଧୀନରେ କାମ କଲେ । ୧୯୭୪ରେ ନିଜ ଦେଶର ଲୋକଙ୍କୁ ସେବା ଦେବା ପାଇଁ ଏବଂ ନିଜ ଶିକ୍ଷାନୁଷ୍ଠାନର ମାନ ବୃଦ୍ଧି ପାଇଁ ଏମ୍ସକୁ ଫେରିଆସିଲେ ।

## ଭୂମିପୁତ୍ର ଗିରିନାଥ

୭୦ ଦଶକରେ ଯେତେବେଳେ ଭାରତୀୟ ଡାକ୍ତରମାନେ ବିଦେଶ ଯିବାକୁ ସୁଯୋଗ ଖୋଜୁଥିଲେ ସେତେବେଳେ ଡଃ ଏମ୍.ଆର. ଗିରିନାଥ ନିଜ ଦେଶକୁ ଫେରିଆସିଲେ । ଏମ୍ସରେ ସ୍ନାତକ ଓ ସ୍ନାତକୋତ୍ତର ଡାକ୍ତରୀ ଶିକ୍ଷା ସମାପ୍ତ ପରେ ଗିରିନାଥ ନ୍ୟୁଜିଲାଣ୍ଡ ଗଲେ । ଲକ୍ଷ୍ୟ ଥିଲା ଠିକ୍ ଥିବା କାଡାଭରରୁ ସୁସ୍ଥ ହାର୍ଟ ଭାଲଭ୍ କିପରି ଅନ୍ୟ ରୋଗୀ ହୃତ୍‌ପିଣ୍ଡରେ ରୋପଣ କରିହେବ ତାହା ଶିଖିବା ।

ସେ ସମୟରେ ହୃଦ୍ ଅସ୍ତ୍ରୋପଚାର ଭାରତରେ ଶୈଶବାସ୍ଥାରେ ଥିଲା, ଦେଶର ୩ଟି ହୃଦ୍‌ରୋଗ ଚିକିତ୍ସା କେନ୍ଦ୍ରରେ ସପ୍ତାହକୁ ମାତ୍ର ଦୁଇଟି ଅସ୍ତ୍ରୋପଚାର ହେଉଥିଲା । ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ସଂଖ୍ୟକ ସର୍ଜନ ନଥିଲେ । ଗିରିନାଥ ଅନୁଭବ କଲେ ସେ ନ୍ୟୁଜିଲାଣ୍ଡରେ ଯାହା ଶିଖିଛନ୍ତି ତାହା ଭାରତ ପାଇଁ ବେଶୀ ଉପଯୋଗୀ । ତେଣୁ ସେ ସେଠାରୁ ଫେରିଆସିଲେ ।

## ଦାମୀ ହୃଦ୍ ବିଶେଷଜ୍ଞ

୭୧ ବର୍ଷ ବୟସ୍କ ଡା. ଅଶ୍ୱିନ୍ ମେହେଙ୍ଗା ଭାରତର ଉଦ୍ୟୋଗ ଜଗତର ସବୁଠାରୁ ଲୋକପ୍ରିୟ ହୃଦ୍ ବିଶେଷଜ୍ଞ । ତାଙ୍କ ରୋଗୀଙ୍କ ତାଲିକାରେ କେଉଁ କେଉଁ ଉଦ୍ୟୋଗପତି ଅଛନ୍ତି ତାହା ନକହିଲେ ବି ତାଙ୍କୁ ଦେଶର ସବୁଠାରୁ ବ୍ୟୟବହୁଳ କାର୍ଡିଆକ୍ ସର୍ଜନ କହିଲେ ସେ ହସିଦିଅନ୍ତି । ସେ କୁହନ୍ତି, ମୁଁ ଅନେକ ରୋଗୀଙ୍କର ମାଗଣା ଅସ୍ତ୍ରୋପଚାର ବି କରେ । ହେଲେ ଅନେକ ରୋଗୀ ଅଛନ୍ତି ଯେଉଁମାନେ ଖୁବ୍ ଧନୀ । ସେମାନେ ମୋ ପାଖକୁ ଆସନ୍ତିନି ବରଂ ମତେ ଡାକନ୍ତି ସେମାନଙ୍କ ପାଖକୁ, ଅନ୍ୟ ସହରକୁ, ଅନ୍ୟ ଦେଶକୁ । ମୋର ମୋଟା ଦେୟ ସେମାନଙ୍କ ପାଇଁ ବଡ଼ କଥା ନୁହେଁ । ପ୍ରଥମ ମେଡିକାଲ ସ୍କୁଲ ଶିକ୍ଷକ ଭାବରେ ସେ ୧୯ ବର୍ଷ ତଳେ ଆଞ୍ଜିଓପ୍ଲାଷ୍ଟି କରାଇଥିଲେ ।

## ୱାର୍କ ଆହୋଲିକ୍ ଡାକ୍ତର

ପ୍ରଶାନ୍ତ ମହାସାଗରୀୟ ଦେଶ ସମୂହରେ ସେ ପ୍ରଥମ ହୃଦ୍ ଆଞ୍ଜିଓପ୍ଲାଷ୍ଟି ଓ ଷ୍ଟେଣ୍ଟିଂ କରାଇଥିଲେ ୧୯୯୪ ମସିହାରେ । ନିଜ ହୃଦୟର କଥା ବେଶୀ ଶୁଣନ୍ତି ଡା. ପି.ସି. ରଥ । ୫୮ ବର୍ଷୀୟ ଏହି ହୃଦ୍ ସର୍ଜନ ସବୁ ଜଟିଳ ଅସ୍ତ୍ରୋପଚାର କରନ୍ତି ସନ୍ଧ୍ୟା ପରେ । ଅସ୍ତ୍ରୋପଚାର ସାଢେ ୧୧ଟା ସୁଦ୍ଧା ନସରିଲେ ନିଜ ସହଯୋଗୀମାନଙ୍କ ପାଇଁ ବିରିଆନୀ ମଗାନ୍ତି । ସାରା ରାତି ଅସ୍ତ୍ରୋପଚାର ହେଲେ ନିଦୁଆ ଥିବା କନିଷ୍ଠ ଡାକ୍ତରମାନଙ୍କୁ ନେଇ ଚା' ଓ ଦୋସା ଖୁଆଇ ଆଣନ୍ତି ନିଜ କାର୍‌ରେ । ରାତି ଡେରି ହେଲେ ବି ଦିନ ଆରମ୍ଭ ହେବା କେବେ ବି ଡେରି ହୁଏନି । ସକାଳ ୭ଟାରେ ସେ ରୋଗୀ ଓ ତାଙ୍କ ବ୍ୟାକୁଳ ପରିଜନଙ୍କୁ ଭେଟିବା ପାଇଁ ବାହାରି ପଡନ୍ତି ।

ମାସରେ ୧୦୦ଟି ଅସ୍ତ୍ରୋପଚାର କରନ୍ତି ଓ ଦିନରେ ୫୦ ଜଣ ରୋଗୀ ଦେଖନ୍ତି । ହାଇଦ୍ରାବାଦ ଓ ଭୁବନେଶ୍ୱରରେ କାମ କରନ୍ତି । ନିହାତି ଆବଶ୍ୟକ ହେଲେ ଆପୋଲୋର କୋଲକାତା ଶାଖାକୁ ମଧ୍ୟ ଯାଆନ୍ତି ।







## ବ୍ରାଉନବେଲ୍ଟ ସର୍ଜନ

ସୌକ୍ ତାଙ୍କର କରାଟେ, ପେଶା ଆଉ ନିଶା ହୃଦ୍ ଚିକିତ୍ସା । ନାରାୟଣ ହେଲ୍‌ଥ କ୍ଲିନିକ୍ ସ୍ଥାପନ କରାଇଥିବା ଡା. ଦେବୀ ପ୍ରସାଦ ସେଟ୍ଟି ସବୁକିଛି କରନ୍ତି ତାଙ୍କ ହୃଦୟରୁ । ତାଙ୍କୁ ତାଙ୍କ କାମ ବିଷୟରେ କହିଲେ ଖୁବ୍ ସାଧାରଣ ଭାବରେ କୁହନ୍ତି- ଜାଣନ୍ତି ହୃଦ୍‌ରୋଗ ବୁଝିବା ଖୁବ୍ ସରଳ, ଏହାକୁ ପ୍ରତ୍ୟାରୋପଣ କରିବା ତା'ଠାରୁ ସହଜ ।

ସେ ନବଜାତ ଶିଶୁଙ୍କ ହୃଦ୍ ଅସ୍ତ୍ରୋପଚାର କରିବାରେ ଭାରତର ପ୍ରଥମ ସର୍ଜନ । ତାଙ୍କ ମାନସପୁତ୍ର ନାରାୟଣ ହୃଦୟାଳୟ କେବଳ ଭାରତ ନୁହେଁ ବଙ୍ଗଳାଦେଶ, ପାକିସ୍ତାନ, ନେପାଳ ଓ ମଧ୍ୟପ୍ରାଚ୍ୟର ହୃଦ୍‌ରୋଗୀଙ୍କ ହୃଦ୍‌ବ୍ୟଥା ବୁଝେ । ଖୁବ୍ ଫିଟ୍‌ନେସ୍ ସୌଖିନ ଡଃ ସେଟ୍ଟି । ଦିନ ଆରମ୍ଭ ହୁଏ ସକାଳ ସାଢେ ପାଞ୍ଚରୁ । ଟ୍ରେଡମିଲ୍‌ରେ ଦୌଡୁଥିବା ଅବସ୍ଥାରେ ସେ କୋଲକାତା ଓ ବାଙ୍ଗାଲୋରର ହୃଦ୍ ସର୍ଜନମାନଙ୍କ ସହ ଫୋନ୍‌ରେ ମିଟିଂ ଶେଷ କରିଦିଅନ୍ତି । ସବୁ ପିଲାଙ୍କୁ କରାଟେ ଶିଖିବାକୁ ସେ ଉପଦେଶ ଦିଅନ୍ତି ।

## ଚିତ୍ରକର ଡାକ୍ତର

ସେ ଚିତ୍ରକର ହେବାକୁ ଚାହୁଁଥିଲେ । ହେଲେ ଏବେ ସେ ଦେଶର ଅନ୍ୟତମ ଶ୍ରେଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ । ପରିବାରର ତାଡନାରେ ଏହା ସମ୍ଭବ ହେଲା କୁହନ୍ତି ଡା. ବିବେକ ଜୱାଲି । ବାଙ୍ଗାଲୋରର ଶ୍ରୀ ଜୟଦେବ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କାର୍ଡିଓଲୋଜି ଓ ଫର୍ଟିଜ୍ ହସ୍ପିଟାଲ ତାଙ୍କର କୃତି । ୧୯୭୪ରେ ଗୁଲବର୍ଗାର ଏମ୍‌ଆର ମେଡିକାଲ କଲେଜରୁ ଏମ୍‌ବିବିଏସ୍ ଶିକ୍ଷା ସମାପ୍ତ କରିଥିବା ଡା. ବିବେକ କର୍ଣ୍ଣାଟକ ବିଶ୍ୱବିଦ୍ୟାଳୟର 'ବେଷ୍ଟ ଅଲରାଉଣ୍ଡର ଷ୍ଟୁଡେଣ୍ଟ' । ଡାକ୍ତରୀ ପରୀକ୍ଷାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିବା ସହ ଚିତ୍ର, ତର୍କ, ପ୍ରବନ୍ଧ ଓ ଛାତ୍ର ନେତା ଭାବରେ ସେ ସବୁଥିରେ ଶୀର୍ଷ ସ୍ଥାନରେ ଥିଲେ । ନିଜ ଘରେ ବହୁ ସଂଖ୍ୟାରେ ପେଣ୍ଟିଂ ରଖିଥିବା ଡା. ବିବେକ କୁହନ୍ତି ଆଜିକାଲି ଆଉ ଚିତ୍ର କରିପାରୁନି । ଏଥିପାଇଁ ଏକାଗ୍ରତା ଆଉ ନିଷ୍ଠା ଦରକାର । ମୋର ବ୍ୟସ୍ତ କାର୍ଯ୍ୟଶୈଳୀରେ ଆଉ ସମ୍ଭବ ହେଲାନି ଏହା ।



## ବ୍ୟବସାୟୀ ହୃଦ୍ ସର୍ଜନ

ପ୍ରାୟ ଏକ ଦଶକ ପୂର୍ବେ ନିଜ ହାତରେ ଗଢିଥିବା ଏସକର୍ଟସ୍ ହାର୍ଟ ଇନ୍‌ଷ୍ଟିଚ୍ୟୁଟ୍ ଆଣ୍ଡ ରିସର୍ଚ୍ଚ ସେଣ୍ଟରରୁ ବିବାଦୀୟ ଭାବରେ ବିଦାୟ ନେଇଥିଲେ ଡା. ନରେଶ ତ୍ରେହାନ୍ । ଏ ପରିସ୍ଥିତିରେ ଯେତେ ଦୃଢ଼ ଲୋକ ହୋଇଥିଲେ ବି ହୃଦ୍‌ସ୍ପନ୍ଦନ ଅଟକି ଯାଇଥାନ୍ତା ନିଶ୍ଚୟ । କିନ୍ତୁ ଡା. ତ୍ରେହାନ ଭାଙ୍ଗିପଡ଼ିଲେନି ବରଂ ନୂଆ ଉତ୍ସାହରେ ଉଠିଲେ । ମେଦାନ୍ତ ମେଡିସିଟି ଗଢ଼ିଲେ । ୧୨୫୦ଶଯ୍ୟା, ୪୫ଟି ଅପରେସନ୍ ଥିଏଟର ଓ ୨୦ଟି ବିଶେଷଜ୍ଞ ବିଭାଗ ଅଛି ଏଥିରେ । ଏବେ ସାରା ଦେଶର ଭଲ ଭଲ ଡାକ୍ତରମାନେ ଏହି ଅନୁଷ୍ଠାନରେ ଯୋଗ ଦେବାକୁ ଆଗ୍ରହୀ । ଡା. ତ୍ରେହାନ୍ କୁହନ୍ତି ଆପଣ ଠିଆ ହୋଇଗଲେ, ପଛରେ ପଡ଼ିଯିବେ, ଚାଲିଲେ ଆଗେଇବେ । ଏବେ ଏସ୍‌କର୍ଟ ମୋ ଦୃଷ୍ଟି ସୀମା ଭିତରୁ ବାହାରିଗଲାଣି, ଧୂଆଁଳିଆ ହୋଇଗଲାଣି ତା'ର ସ୍ମୃତି । ଦେଶର ଅନ୍ୟତମ ଶ୍ରେଷ୍ଠ କାର୍ଡିଓଲୋଜିଷ୍ଟ ଡା. ତ୍ରେହାନ ନିଜର ବ୍ୟବସାୟ କୁଶଳତାକୁ ମଧ୍ୟ ପ୍ରମାଣ କରିଛନ୍ତି ।

ମେଦାନ୍ତରେ ଦିନକୁ ୧୨ଘଣ୍ଟା କଟାଇଲେବି, ସେ ନିଜର ସୌକ୍ ଯଥା କଳାପ୍ରଦର୍ଶନୀ, ସିନେମାର ଫାଷ୍ଟ ଶୋ' ଆଉ ସାହିତ୍ୟ ସଭା ପାଇଁ ସମୟ ବାହାର କରିପାରନ୍ତି ।

## ଶସ୍ତାରେ ହୃଦ୍ ସେବା

ସାଢ଼େ ତିନିଘଣ୍ଟାର କଠିନ ଅସ୍ତ୍ରୋପଚାର ପରେ ବି ତାଙ୍କୁ ଦେଖିଲେ ଜାଣିହୁଏନି ସାଙ୍ଗେ ସାଙ୍ଗେ ଅପରେସନ୍ ଥିଏଟର୍‌ରୁ ବାହାରିଛନ୍ତି ବୋଲି । ଗତ ୧୬ବର୍ଷରେ ୧୫ ହଜାରରୁ ଅଧିକ ଅସ୍ତ୍ରୋପଚାର କରିଛନ୍ତି । ସେ ହେଉଛନ୍ତି



ଡାକ୍ତର କୁନାଲ୍ ସରକାର ।

ମହାନ୍ ହୃଦ୍ ସର୍ଜନ ଦେବୀ ପ୍ରସାଦ ସେଟ୍ଟିଙ୍କ ପରେ ସେ ରବୀନ୍ଦ୍ରନାଥ ଟାଗୋର ଇଣ୍ଟରନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କାର୍ଡିଆକ୍ ସାଇନ୍ସ (ଆରଟିଆଇଆଇସିଏସ୍)ର ଦାୟିତ୍ୱ ସମ୍ଭାଳିଛନ୍ତି । ଡା. ସେଟ୍ଟିଙ୍କର କମ୍ ଖର୍ଚ୍ଚରେ ସେବା ପରମ୍ପରାକୁ ସେ ବଜାୟ ରଖିଛନ୍ତି ଏଯାଏ । କୁହନ୍ତି ହୃଦ୍ ଅସ୍ତ୍ରୋପଚାର କେବେ ଶସ୍ତା ହୋଇପାରିବନି ହେଲେ ରୋଗୀମାନେ ଯେତିକି ଖର୍ଚ୍ଚ କରୁଛନ୍ତି ସେହି ଅନୁଯାୟୀ ସେବା ପାଉଛନ୍ତି, ଅନ୍ୟ କେଉଁଠି ସେତିକି ଖର୍ଚ୍ଚରେ ସମ୍ଭବ ହୋଇନଥାନ୍ତା ଏହା ।

## ନାମୀ ଡାକ୍ତର

ଔପଚାରିକ ପ୍ରାଥମିକ ସ୍କୁଲ ଶିକ୍ଷା ପାଇନଥିବା ଜଣେ ବ୍ୟକ୍ତି ନାମରେ ଲଣ୍ଡନ ସ୍କୁଲ୍ ଅଫ୍ ହାଇଜିନ୍ ଆଣ୍ଡ ଟ୍ରପିକାଲ୍ ମେଡ଼ିସିନ୍ ଗୋଟିଏ ଟାବ୍‌ଲେଟ୍ ନାମିତ କରିବା ଗୌରବର ବିଷୟ ନା' । ମାତ୍ର ଦୁଇଜଣ ଭାରତୀୟ ଏ ସମ୍ମାନ ପାଇଛନ୍ତି । ପ୍ରଫେସର କେ. ଶ୍ରୀନାଥ ରେଡ୍ଡି ବିଶ୍ୱସ୍ତରରେ ସବୁଠାରୁ ଜଣାଶୁଣା ଭାରତୀୟ କାର୍ଡିଓଲୋଜିଷ୍ଟ । ସେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ହାର୍ଭାର୍ଡ ସ୍କୁଲ ଅଫ୍ ପବ୍ଲିକ୍ ହେଲ୍‌ଥ ପରି ଅନେକ ଆନ୍ତର୍ଜାତୀୟ ଅନୁଷ୍ଠାନ ସହ ସମ୍ପୃକ୍ତ । ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ମେଡିକାଲ ପ୍ୟାନେଲ୍‌ର ମୁଖ୍ୟ ଏବଂ ଯୋଜନା କମିଶନଙ୍କ ସ୍ୱାସ୍ଥ୍ୟ ପାନେଲ୍‌ର ମୁଖ୍ୟ ସେ ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୭ ଫେବୃଆରୀ ୨୦୨୬ । ଶନିବାର


## ୭୭ ମଣ୍ଡିରୁ ୯୫.୮୨ ପ୍ରତିଶତ ଧାନ ସଂଗ୍ରହ



**ନୂଆପଡ଼ା,୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡ଼ା ଜିଲ୍ଲାରେ ଚାଲୁଥିବା ଧାନ ସଂଗ୍ରହ ପ୍ରକ୍ରିୟା ୭୭ଟି ମଣ୍ଡି ମାଧ୍ୟମରେ ସୁରୁଖୁରୁ ଓ ସୁଚାରୁ ଭାବେ ଆଗେଇ ଚାଲିଛି । ଜିଲ୍ଲା ପ୍ରଶାସନଙ୍କ ସମନ୍ୱୟ ଓ ନିରୀକ୍ଷଣରେ ଚାଷୀମାନଙ୍କଠାରୁ ଧାନ କ୍ରୟ କାର୍ଯ୍ୟ ସଫଳତାର ସହିତ ଚାଲିଛି । ଶୁକ୍ରବାର ଦିନରେ ୧୮୮ ଜଣ ଚାଷୀଙ୍କଠାରୁ ୧୩,୪୦୭ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି । ବର୍ତ୍ତମାନ ପର୍ଯ୍ୟନ୍ତ ୪୮,୪୦୪ ଜଣ ଚାଷୀଙ୍କଠାରୁ ମୋଟ ୨୪,୧୮,୪୬୫ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଛି । ଜିଲ୍ଲା ପାଇଁ ଧାନ ସଂଗ୍ରହ ଲକ୍ଷ୍ୟ ୨୫,୨୪,୦୦୦ କ୍ୱିଣ୍ଟାଲ ନିର୍ଦ୍ଧାରିତ ହୋଇଥିବା ବେଳେ, ବର୍ତ୍ତମାନ ସୁଦ୍ଧା ୯୫.୮୨ ପ୍ରତିଶତ ଲକ୍ଷ୍ୟ ହାସଲ ହୋଇଛି ।

## ଏକାମ୍ର ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ



**ଭୁବନେଶ୍ୱର,୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଏକାମ୍ର ମହାବିଦ୍ୟାଳୟରେ ଗତ ୨୮ରୁ ୫ ତାରିଖ ପର୍ଯ୍ୟନ୍ତ ୮ ଦିନ ବ୍ୟାପି ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଡ଼ଃ.ରାଜଶ୍ରୀ ମହାନ୍ତି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସଂଯୋଜିକା ଡ଼ଃ.ସୁଜାତା ମିଶ୍ର ଏବଂ ଡ଼ଃ.ଶୁଭଶ୍ରୀ ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶକ୍ତିଶ୍ରୀ ସଂଯୋଜିକା ଡ଼ଃ ନିବେଦିତା ମହାନ୍ତି, ଦିଲ୍ଲୀପ ମଲ୍ଲିକ, ମୋହନ କୁମାର ବଡମୁଣ୍ଡି, ଡ଼ଃ ଅର୍ଚ୍ଚନା ମହାପାତ୍ର, ଡ଼ଃ ପ୍ରଶାନ୍ତ କୁମାର ସେଠୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ପ୍ରଶିକ୍ଷିକା ଶ୍ରୀମତୀ ପୂଜା ସେଠୀ ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ବିଷୟରେ ତାଲିମ ଦେଇଥିଲେ ।

## ଶିବାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**କେନ୍ଦ୍ରାପଡ଼ା,୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ ଅଧିନ କପାଳେଶ୍ୱର ଗ୍ରାମପଞ୍ଚାୟତର ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ପରିସରରେ ଥିବା ଶିବାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଶ୍ରମର ପ୍ରତିଷ୍ଠାତା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି, ସ୍ୱାମୀ ରାମସରଣାନନ୍ଦ ସରସ୍ୱତୀ ବିଶିଷ୍ଟ ଅତିଥି, ଆଶ୍ରମର ଉପାଧକ୍ଷ ଡ଼.କାଳି ପ୍ରସନ୍ନ ଶତପଥୀ, ବିଦ୍ୟାମନ୍ଦିର ଅଧକ୍ଷ ଡ଼. ସୁରେନ୍ଦ୍ରନାଥ ଆଚାର୍ଯ୍ୟ, ସମାଜସେବୀ ଅର୍ଚ୍ଚନା ଗୋଏଙ୍କା, ବରିଷ୍ଠ ସାମ୍ବାଦିକ ସଚ୍ଚିକାନ୍ତ ନାଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ଉଦ୍ଦେଶ୍ୟରେ ବହୁ ଉପାଦେୟ ବକ୍ତବ୍ୟ ରଖିବା ସହ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ବିଦ୍ୟାମନ୍ଦିରର ସମ୍ପାଦକ ଅଭିମନ୍ୟୁ ଗୋଛାୟତ ବାର୍ଷିକ ବିବରଣୀ ପାଠ କରିଥିଲେ । ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷାବିତ ମନୋରଞ୍ଜନ ତ୍ରିପାଠୀ, ଶ୍ରୀଧର ମହାନ୍ତି, ପୁନମ ନାୟକ ଓ ରୀତାଞ୍ଜଳୀ ନାଥ ପ୍ରମୁଖ ସହଯୋଗ କରିଥିଲେ । ବିଦ୍ୟାମନ୍ଦିରର ଗୁରୁଜୀ ଓ ଗୁରୁମା'ମାନଙ୍କ ସହିତ ଛାତ୍ରାଭିଭାବକମାନେ ଉପସ୍ଥିତ ଥିଲେ । ଶେଷରେ ବ୍ରହ୍ମଚାରୀ ନୃସିଂହନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ବରିଷ୍ଠ ନାଗରିକ ପରିଚୟ ପତ୍ର ବଣ୍ଟନ

**ମାର୍ଶାଘାଇ,୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ଓ ମାର୍ଶାଘାଇ ଥାନାର ମିଳିତ ସହଭାଗିତାରେ ଜଳସମ୍ପଦ ଡାକବଙ୍ଗଳା ପରିସରରେ ବରିଷ୍ଠ ନାଗରିକ ପରିଚୟ ପତ୍ର ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି । ନାଗରିକ ମଞ୍ଚର ସଭାପତି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବରେ ମାର୍ଶାଘାଇ ଥାନା ଅଧିକାରୀ ତପନ ନାୟକ ସମ୍ମାନିତ ଅତିଥି ଭାବରେ ଏସଆଇ ଧରିତ୍ରୀ ଜେନା, ସମାଜସେବୀ ପ୍ରମୋଦ କୁମାର ରଥ, ତ୍ରୈଲୋକ୍ୟନାଥ ବେଉରା, ପ୍ରମୋଦ କୁମାର ଚୌଧୁରୀ, କାମପାଳ ରାଉତ, ଦେବେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ପରିବର୍ତ୍ତିତ ସମାଜରେ ବରିଷ୍ଠ ନାଗରିକଙ୍କୁ ସାହାଯ୍ୟ, ସମ୍ମାନ, ସେବା ଓ ସୁରକ୍ଷା ଦିଗରେ ନାଗରିକ ମଞ୍ଚର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଅଧାପକ ସୁକାନ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଶ୍ରୀ ନାୟକ ୧୩୦ଜଣଙ୍କୁ ବରିଷ୍ଠ ନାଗରିକ ପରିଚୟ ପତ୍ର ବଣ୍ଟନ କରିଥିଲା ବେଳେ କାର୍ଯ୍ୟକାରୀ ସଭାପତି ଭାରତୀ କାନୁନଗୋ ଧନ୍ୟବାଦ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଅରୁଣ କୁମାର ଲେଙ୍କା, ସହ ସମ୍ପାଦକ ପ୍ରଦୀପ୍ତ କୁମାର ସ୍ୱାଇଁ, ଉପଦେଷ୍ଟା ଚନ୍ଦ୍ରମଣି ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

## ଧର୍ମପରାୟଣ ମହିଳାଙ୍କ ପରଲୋକ

**କୋଣାର୍କ,୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

କୋଣାର୍କ ଏନଏସି ଅଧିନସ୍ଥ ୧୦ନଂ ୱାର୍ଡ ରାଣୀହାଟ ସାହିର ସାମ୍ବାଦିକ ଗଣେଶ ଚନ୍ଦ୍ର ବେହେରାଙ୍କ ଜେଜେମା ରୂପେଇ ବେହେରାଙ୍କ ୯୫ ବର୍ଷ ବୟସରେ କୋଣାର୍କ ସ୍ଥିତ ବାସଭବନରେ ବୁଧବାର ଭୋର ୪ଘଟିକା ସମୟରେ ଦେହାନ୍ତ ହୋଇଯାଇଛି । ଏହି ସମୟରେ ନାତି ମାନସ ବେହେରା, ସନ୍ତୋଷ ବେହେରା ରମେଶ ଚନ୍ଦ୍ର ବେହେରା ଓ ସାମ୍ବାଦିକ ଗଣେଶ ଚନ୍ଦ୍ର ବେହେରା, ବୋହୂ କୁନିମଣି ବେହେରା, ନାତୁଣୀ ବୋହୂ ପୂଜା, ସୋନି, ଜ୍ୟୋତ୍ସ୍ନା ସମେତ ପାଞ୍ଚ ଝିଅ ବନ୍ଧୁ ପରିଜନମାନେ ଉପସ୍ଥିତ ଥିଲେ । ସ୍ୱର୍ଗତ ରୂପେଇ ବେହେରା ବୟସାଧିକ୍ୟ କାରଣରୁ କୋଣାର୍କ ଏନଏସି ଅଧିନସ୍ଥ ୧୦ନଂ ୱାର୍ଡ ରାଣୀହାଟ ସାହି ବାସଭବନରେ ଶଯ୍ୟାଶାୟୀ ଥିଲେ । ସେ ଜଣେ ପରୋପକାରୀ, ଧର୍ମପରାୟଣ ମହିଳା ଭାବେ ଲୋକପ୍ରିୟ ଅର୍ଜନ କରିଥିଲେ । ତାଙ୍କର ଶବଧାରକୁ ଶୋଭାଯାତ୍ରା କରି ସ୍ୱର୍ଗ ରଥରେ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା । ସେଠାରେ ସାନପୁଅ ବିଜୟ କୁମାର ବେହେରା ମୁଖାଗ୍ନି ଦେଇଥିବା ବେଳେ ବଡ଼ପୁଅ ରାଜକିଶୋର ବେହେରା, ପୁତୁରା ଚୈତନ୍ୟ ବେହେରା ସମସ୍ତ ବନ୍ଧୁମାନେ ଉପସ୍ଥିତ ରହି ଶବ ଦାହ କରିଥିଲେ ।

## ପ୍ରାକ୍ତନ ପ୍ରଧାନ ଶିକ୍ଷକଙ୍କ ଦେହାନ୍ତ

**ରାଜନଗର,୬।୨: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ହାତୀନା ପଞ୍ଚାୟତ ଅନ୍ତର୍ଗତ ଏଣ୍ଡୁଳାପୁର ଗ୍ରାମରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଜୟକୃଷ୍ଣ ରାଉତ (୮୨)ଙ୍କର ଗୁରୁବାର ସନ୍ଧ୍ୟା ୬ଟାରେ ଦେହାନ୍ତ ହୋଇଯାଇଛି । ଦୀର୍ଘ ଦିନ ଧରି ସେ ଶଯ୍ୟାଶାୟୀ ଥିଲେ । ସ୍ୱର୍ଗତ ରାଉତ ହାତୀନା ଗ୍ରାମ ସ୍ଥିତ ଲକ୍ଷ୍ମୀବରାହ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ଦୀର୍ଘ ଦିନ କାର୍ଯ୍ୟ କରିଥିଲେ । ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବେ ସାଧାରଣରେ ଆଦରଣୀୟ ଥିଲେ । ନିମ୍ନମାଧ୍ୟମିକ ଶିକ୍ଷକ ସଂଘର ବ୍ଲକ ସଭାପତି ଭାବେ ଦୀର୍ଘ ବର୍ଷ ଧରି ଦାୟିତ୍ୱ ନିର୍ବାହ କରିଥିଲେ । ଏତଦ ବ୍ୟତୀତ ସେ ଠାକୁର ନିଗମାନନ୍ଦଙ୍କର ସମର୍ପିତ ସେବକ ଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବସଭାବନରେ ପହଞ୍ଚି ଶୋକ ବ୍ୟକ୍ତ କରିବା ସହ ପରିବାରକୁ ସମବେଦନା ଜଣାଇଥିଲେ ।

# ଶିଶୁସେବିକା ଚୟନକୁ ନେଇ ସ୍କୁଲରେ ଉତ୍ତେଜନା

**ବେତନଟୀ,୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ଶିକ୍ଷାବର୍ଷରୁ ରାଜ୍ୟ ସରକାର ସମସ୍ତ ପ୍ରାଥମିକ ସ୍କୁଲମାନଙ୍କରେ ଶିଶୁବାଟିକା ଅଭିଯାନ ଆରମ୍ଭ କରିଥିବା ବେଳେ ବେତନଟୀ ଉପକଣ୍ଠ ଶୁଖୁଲାହାରସ୍ଥିତ ସରକାରୀ ଉଚ୍ଚପ୍ରାଥମିକ ସ୍କୁଲରେ ପ୍ରଥମେ ଜଣେ ମହିଳାଙ୍କୁ ଶିଶୁସେବିକା ଭାବେ ଚୟନକରି ୫ଦିନ କାମ କରାଇବାପରେ ପୁଣି କାଢିଦେଇ ପୁନର୍ବାର ଚୟନପ୍ରକ୍ରିୟା ଆରମ୍ଭ କରାଯିବା ଘଟଣାରେ ଗ୍ରାମବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ତେଜନା ଦେଖାଦେଇଛି । ଶେଷରେ ସ୍ଥିତି ଅଣାୟତ୍ତ ହେବା ଆଶଙ୍କାରେ ବେତନଟୀ ବ୍ଲକ ଏବିଇଓ ଏବଂ ବେତନଟୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆପୋଷ ଆଲୋଚନା କରିବା ପରେ ସ୍ଥିତି ଶାନ୍ତ ପଡିଥିଲା । ସୂଚନା ମୁତାବକ ଶୁଖୁଲାହାର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା ଏବଂ ପ୍ରଥମଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଶିଶୁସେବିକା ନିଯୁକ୍ତି ପାଇଁ ମାର୍ଗଦର୍ଶିକା ଜାରି କରାଯାଇଥିଲା । ତଦନୁଯାୟୀ ଶିଶୁସେବିକା ଚୟନ ପାଇଁ ସ୍କୁଲ ପରିଚାଳନା କମିଟି ଏବଂ ସମ୍ପୃକ୍ତ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଥିବା ସରକାରୀ ମାର୍ଗଦର୍ଶିକା ମୁତାବକ ଶିଶୁସେବିକା ଚୟନ ପାଇଁ ନିର୍ଦ୍ଦେଶ ରହିଛି । ତଦନୁଯାୟୀ ଅନୁସୂଚୀତ ଜନଜାତି ବର୍ଗର ଅସହାୟ ମହିଳାଙ୍କୁ ସର୍ବପ୍ରଥମେ ଅଗ୍ରାଧି କାର ଦିଆଯିବ ଏବଂ ଯେଉଁଠାରେ ଅନୁସୂଚୀତ ଜନଜାତି ବର୍ଗର ଅସହାୟ ମହିଳା ଆବେଦନକାରୀ ନାହାନ୍ତି ସେଠାରେ ଅନୁସୂଚୀତ ଜାତି ବର୍ଗର ଅସହାୟ ମହିଳାଙ୍କୁ ଦ୍ୱିତୀୟରେ ଅଗ୍ରାଧିକାର ଦିଆଯିବ । ତେବେ କିଛିଦିନ ପୂର୍ବରୁ ସ୍କୁଲ ପରିଚାଳନା କମିଟି ଓ ପ୍ରଧାନଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଜନୈକା ଅନୁସୂଚୀତ ଜାତି ବର୍ଗର ଅସହାୟ ମହିଳାଙ୍କୁ ଶିଶୁସେବିକା ଭାବରେ ଚୟନ କରାଯାଇଥିଲା । ଶିଶୁସେବିକା ଚୟନ ନେଇ ସ୍କୁଲ ପକ୍ଷରୁ ବ୍ଲକ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟକୁ ଅବଗତ କରାଯାଇଥିଲା । ତେବେ ଏହି ଶିଶୁସେବିକା ନିଯୁକ୍ତି ପାଇଁ ଜିଲ୍ଲାପାଳଙ୍କ ଅନୁମୋଦନ ପାଇଁ ଯିବା ପୂର୍ବରୁ ବେତନଟୀ ବ୍ଲକ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟରେ କାଗଜପତ୍ର ଯାଞ୍ଚ ସମୟରେ ଅନୁସୂଚୀତ ଜନଜାତି ବର୍ଗର ମହିଳା ଆବେଦନକାରୀ ଥାଇ ସୁଦ୍ଧା କିଭଳି ଅନୁସୂଚୀତ ଜାତି ବର୍ଗର ମହିଳାଙ୍କୁ ଚୟନ କରାଗଲା ଏବଂ ସରକାରୀ ମାଗଦର୍ଶିକାର ସଠିକ ଅନୁପାଳନ କରାଯାଇନଥିବାରୁ ବିଇଓଙ୍କ କାର୍ଯ୍ୟାଳୟରୁ ପୁନର୍ବାର ଚୟନ ପ୍ରକ୍ରିୟା ଆରମ୍ଭ କରିବାକୁ କୁହାଯାଇଥିଲା । ଯାହାକୁନେଇ ଗ୍ରାମବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା । ବୁଧବାର ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କରଙ୍କ ନିର୍ଦ୍ଦେଶକ୍ରମେ ଦୁଇଜଣ ପୂର୍ବତନ ସିଆରସିସି ସପନ ମହାପାତ୍ର ଏବଂ ଗଣେଶ୍ୱର ମହାନ୍ତ ଶୁଖୁଲାହାର ସ୍କୁଲରେ ପହଞ୍ଚିବା ପରେ ଉତ୍ତେଜନା ତୀବ୍ରରୂପ ଧାରଣ କରିଥିଲା । ଏହାପରେ ବେତନଟୀ ବ୍ଲକ ଅତିରିକ୍ତ ଶିକ୍ଷାଅଧିକାରୀଣି ଅପର୍ଣ୍ଣା ସାହୁ, ସିଆରସିସି ସଞ୍ଜୟ ପଣ୍ଡିତ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ବେତନଟୀ ଥାନା ପକ୍ଷରୁ ଏସଆଇ ସୌମେଲିନ ରାଉତ ମଧ୍ୟ ପହଞ୍ଚିଥିଲେ । ଦୀର୍ଘ ସମୟ ଧରି ଗ୍ରାମବାସୀଙ୍କ ସହିତ ଆଲୋଚନା ପରେ ନିକଟ ଭବିଷ୍ୟତରେ ବେତନଟୀ ବ୍ଲକ ଶିକ୍ଷାଅଧୀକାରୀ ବିପ୍ଳବ କରଙ୍କ ସମେତ ସ୍କୁଲର ପ୍ରଧାନଶିକ୍ଷକ, ସ୍କୁଲ ପରିଚାଳନା କମିଟି ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ଏକ ବୈଠକ ବସିବାପରେ ଉକ୍ତ ବୈଠକରେ ଆଲୋଚନା କରି ଶିଶୁସେବିକା ନିଯୁକ୍ତି ପାଇଁ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସ୍ଥିତି ଶାନ୍ତ ପଡିଥିଲା ।

## 'ମିଳିମିଶି ସଚେତନ କଲେ, କର୍କଟ ମୁକ୍ତ ଭାରତ ଗଠନ ସମ୍ଭବ'

**ବ୍ରହ୍ମପୁର,୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବିଶ୍ୱ କର୍କଟ ଦିବସ ଅବସରରେ 'ମିଳିମିଶି ସଚେତନ କଲେ, କର୍କଟ ମୁକ୍ତ ଭାରତ ଗଠନ ସମ୍ଭବ' ଏହି ବାର୍ତ୍ତା ଦେଶବାସୀଙ୍କୁ ଆହ୍ୱାନ ଦେବାପାଇଁ ବ୍ରହ୍ମପୁରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ କ୍ରାନ୍ତି ଓ ବ୍ରହ୍ମପୁର ନିକଟସ୍ଥ ସିତଲାପଲି ସ୍ଥିତ ସମ୍ ହସ୍ପିଟାଲ ଉଦ୍ୟମରେ ବ୍ରହ୍ମପୁର ଖଲ୍ଲିକୋଟ ଏକକ ବିଶବବିଦ୍ୟାଳୟ ଖେଳ ପଡିଆ ଠାରେ କ୍ରାନ୍ତି ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ କର୍କଟ ରୋଗୀ ଡ଼ ଦେବାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ସିତଲାପଲ୍ଲି ସମ୍ ହସପିଟାଲର ନିର୍ଦ୍ଦେଶକ ଦେବପ୍ରସାଦ ଦାଶ, ମେଡ଼ିକାଲ ସୁପରିଣ୍ଟେଡେଣ୍ଟ ଡାକ୍ତର ଆୟୋଧାନାଥ ପାଢୀ, ଆସିଷ୍ଟାଣ୍ଟ ମେଡ଼ିକାଲ ସୁପରିଣ୍ଟେଡେଣ୍ଟ ଡାକ୍ତର ପ୍ରୀୟଜିତ୍ ପାଣିଗ୍ରାହୀ, ମେଡ଼ିକାଲ ଓଙ୍କୋଲଜୀ ଡାକ୍ତର ଶିବଶଙ୍କର ମହାପାତ୍ର, ସର୍ଜିକାଲ୍ ଓଙ୍କୋଲଜୀ ଡାକ୍ତର ସାଇ ରୁଦ୍ର ପୂହାନ, ଦୈନିକ ପ୍ରମେୟ ବ୍ରହ୍ମପୁରର ଡି ଜିଏମ ଅମ୍ବିକା ପ୍ରସାଦ ଦାଶ, କ୍ରାନ୍ତି ଅନୁଷ୍ଠାନର ଡାକ୍ତର ଅତୁଲ୍ୟ କୁମାର ପଟ୍ଟନାୟକ ଓ ଆଇଏସଆରଡ଼ିର ନିର୍ଦ୍ଦେଶକ ସୁଧୀର ସାବତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ବିଭିନ୍ନ ଗଣମାଧ୍ୟମ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ବିଶ୍ୱ କର୍କଟ ଦିବସ ଅବସରରେ ଜନସାଧାରଣଙ୍କୁ କର୍କଟ ରୋଗର ଭୟାବହତା ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସଚେତନତା କରାଇଥିଲେ ।କ୍ରାନ୍ତି ଅନୁଷ୍ଠାନର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡ଼ ଦେବାନନ୍ଦ ଦାଶଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଉକ୍ତ ସଚେତନତା ସଭା ଓ ବିଶାଳ ପଦଯାତ୍ରା ପରିଚାଳିତ ହୋଇଥିଲା । ସେ ଜଣେ ମୁଖ କର୍କଟ ରୋଗୀ ହୋଇଥିବା ଯୋଗୁଁ ସେ ଲୋକମାନଙ୍କୁ କହିଥିଲେ କର୍କଟ ରୋଗ ପ୍ରତି ଜନସାଧାରଣଙ୍କ ମଧ୍ୟରେ ସଠିକ୍ ସଚେତନ ନଥିବାରୁ, ଏହି ରୋଗରେ ପୀଡିତ ମୃତ୍ୟୁ ସୁନିଶ୍ଚିତ ବୋଲି ଭାବି ନିଅନ୍ତି ଏବଂ ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟୁଛି । କର୍କଟ ରୋଗର ଚିକିତ୍ସା ବର୍ତ୍ତମାନ ସମୟରେ ଅତ୍ୟନ୍ତ ସହଜ ଓ ଉପଯୁକ୍ତ ଚିକିତ୍ସା ମିଳିଲେ ଏଥିରୁ ରୋଗୀ ବଞ୍ଚି ପାରିବ ।

## ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସଚେତନତା

**ଭଦ୍ରକ,୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ 'କାର୍ଯ୍ୟସ୍ଥଳରେ ମହିଳାଙ୍କର ଯୌନ ଉତ୍ପୀଡନ (ନିବାରଣ, ନିଷେଧ ଏବଂ ପ୍ରତିକାର) ଆଇନ, ୨୦୧୩ ସାଲନ୍ଦୀ ଡିଗ୍ରୀ ପରିସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲଡିଏସ୍ ସହାୟକ, ଡ଼.ତାପସ କୁମାର ମହାନ୍ତି, ପୁରୁଣା ବଜାର ଥାନା ଅଧିକାରୀ, ଭଦ୍ରକ, ସୁଶାନ୍ତ କୁମାର ସାହୁ, ମହାବିଦ୍ୟାଳୟର ଅଧକ୍ଷା ରାଜଶ୍ରୀ ନାୟକ, ଅନ୍ୟ ଅଧାପକ ଲିପିପୁଷ୍ପା ନାୟକ, ଜ୍ୟୋତିଶ୍ରୀ ଖୁଣ୍ଟିଆ ତଥା କଲେଜର ଛାତ୍ରଛାତ୍ରୀ ଗଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ କହିଥିଲେ ଯେ ଆଧୁନିକ ସମାଜରେ ମହିଳାମାନେ ଘରୁ ବାହାରି ସମାଜର ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । ତେବେ କାର୍ଯ୍ୟସ୍ଥଳରେ ସେମାନଙ୍କ ସୁରକ୍ଷା ଏକ ପ୍ରମୁଖ ପ୍ରସଙ୍ଗ । କାର୍ଯ୍ୟସ୍ଥଳରେ ମହିଳାମାନଙ୍କୁ ଯୌନ ଉତ୍ପୀଡ଼ନରୁ ରକ୍ଷା କରିବା ଏବଂ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶ ଯୋଗାଇ ଦେବା ଉଦ୍ଦେଶ୍ୟରେ ଭାରତ ସରକାର 'କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡ଼ନ (ନିବାରଣ, ନିଷେଧ ଏବଂ ପ୍ରତିକାର) ଆଇନ, ୨୦୧୩' (ପୋଶ ଆକ୍ଟ) ପ୍ରଣୟନ କରିଛନ୍ତି । ଏହି ଆଇନ ସରକାରୀ, ବେସରକାରୀ, ସଙ୍ଗଠିତ ଏବଂ ଅସଙ୍ଗଠିତ ସମସ୍ତ କ୍ଷେତ୍ରରେ ପ୍ରଯୁଜ୍ୟ । ଏଥିରେ ଶାରୀରିକ ସମ୍ପର୍କ, ଅଶ୍ଳୀଳ ଇଙ୍ଗିତ, ଅଶ୍ଳୀଳ ଟିପ୍ପଣୀ, ପର୍ଣ୍ଣୋଗ୍ରାଫି ଦେଖାଇବା ଏବଂ ଯୌନ ସମ୍ବନ୍ଧୀୟ କୌଣସି ଅବାଞ୍ଛିତ ବ୍ୟବହାର ଅନ୍ତର୍ଭୁକ୍ତ । ୧୦ କିମ୍ବା ତା'ଠାରୁ ଅଧିକ କର୍ମଚାରୀ ଥିବା ପ୍ରତ୍ୟେକ ପ୍ରତିଷ୍ଠାନରେ ଏକ ଓ ଏକ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରିବା ବାଧ୍ୟତାମୂଳକ । ପୋଶ ଆଇନ କେବଳ ଏକ ଆଇନ ନୁହେଁ, ବରଂ ମହିଳାମାନଙ୍କୁ କାର୍ଯ୍ୟସ୍ଥଳରେ ସମ୍ମାନ ଏବଂ ସୁରକ୍ଷା ଦେବାର ଏକ ମାଧ୍ୟମ । କାର୍ଯ୍ୟସ୍ଥଳରେ ଏହାର ସଠିକ୍ ପାଳନ ମହିଳାମାନଙ୍କୁ ସଶକ୍ତ କରିବା ସହ ସେମାନଙ୍କର ଅର୍ଥନୈତିକ ଅଂଶଗ୍ରହଣକୁ ବୃଦ୍ଧି କରିବାରେ ସହାୟକ ହେଉଛି ।

## ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର କର୍କଟ ନିରାକରଣ ଅଭିଯାନ

**ଭୁବନେଶ୍ୱର,୬।୨ ଏକ୍ସପ୍ରେସ୍ ନ୍ୟୁଜ୍**



କର୍କଟ ଭଳି ଦୁଃସାଧ ବ୍ୟାଧିକୁ ପରାସ୍ତ କରିହେବ । ଜୀବନ ଯୁଦ୍ଧରେ ଲଢୁଥିବା କର୍କଟ ରୋଗୀକୁ ଜିତାଇ ଆଣି ମୁହଁରେ ହସ ଫୁଟାଇବା ପାଇଁ ସମସ୍ତ ପ୍ରୟାସ ଜାରି ରଖିଛି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ ହସ୍ପିଟାଲ୍ । ଅତ୍ୟାଧୁନିକ ଚିକିତ୍ସା ପ୍ରଣାଳୀ, ଅଭିଜ୍ଞ ଡାକ୍ତରୀ ଟିମ୍ ଏବଂ ଉପଯୁକ୍ତ ସେବା ଓ ଯତ୍ନକୁ ଏକତ୍ରିତ ଭାବେ ଏହି କର୍କଟ ବିରୁଦ୍ଧ ଲଢେଇରେ ସାମିଲ କରିଛି ପ୍ରସିଦ୍ଧି ଲାଭ କରିଥିବା ଏହି ହସ୍ପିଟାଲ୍ ।

ବୁଧବାର ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ, ଭୁବନେଶ୍ୱର ପକ୍ଷରୁ ଆୟୋଜିତ ବିଶ୍ୱ କର୍କଟ ଦିବସରେ କର୍କଟ ରୋଗକୁ ପରାସ୍ତ କରିବା ପାଇଁ କିଭଳି ମହତ ପ୍ରୟାସ କରାଯାଉଛି ସେ ନେଇ ବିସ୍ତୃତ ତଥ୍ୟ ପ୍ରଦାନ କରିଛନ୍ତି ହସ୍ପିଟାଲ୍ କର୍ତ୍ତୃପକ୍ଷ । ହସ୍ପିଟାଲର ମେଡିକାଲ୍ ଅଙ୍କୋଲୋଜି, ସର୍ଜିକାଲ ଅଙ୍କୋଲୋଜି, ରେଡିଏସନ ଅଙ୍କୋଲୋଜି, କ୍ଲିନିକାଲ୍ ହେମାଟୋଲୋଜି, ଟ୍ରାନ୍ସଫ୍ୟୁଜନ ମେଡିସିନ୍, ପେଡିଆଟ୍ରିକ୍ ହେମାଟୋଅଙ୍କୋଲୋଜି, ପେନ୍ ଆଣ୍ଡ ପାଲିଆଟିଭ କେୟାର ବିଭାଗ ସମେତ ମଲିକ୍ୟୁଲାର ଆଣ୍ଡ ଜେନେଟିକ ଲ୍ୟାବ ଓ ହିଷ୍ଟୋପାଥୋଲୋଜି ଲ୍ୟାବ ମିଳିତ ଭାବେ କର୍କଟ ରୋଗୀଙ୍କର ଚିକିତ୍ସା କ୍ଷେତ୍ରରେ ସାମିଲ ହୋଇ ରୋଗୀଙ୍କ ରୋଗ ଚିହ୍ନଟ ଠାରୁ ଆରମ୍ଭ କରି ସେମାନଙ୍କ ଚିକିତ୍ସା ଓ ସେମାନଙ୍କୁ ସୁସ୍ଥ ଓ କ୍ୟାନ୍ସର ମୁକ୍ତ କରିବାରେ ସମସ୍ତ ସାହାଯ୍ୟ ଓ ସହଯୋଗ କରୁଛନ୍ତି ବୋଲି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହି ସୂଚନା ଦେଇଛନ୍ତି ହସ୍ପିଟାଲର ମେଡିକାଲ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ।

ସେହିପରି କ୍ୟାନ୍ସର ଚିକିତ୍ସା ନେଇ ମେଡିକାଲ ଅଙ୍କୋଲୋଜି, ସର୍ଜିକାଲ ଅଙ୍କୋଲୋଜି ଓ ରେଡିଏସନ୍ ଅଙ୍କୋଲୋଜି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମୁଖ୍ୟ ଏବଂ ବରିଷ୍ଠ ଡାକ୍ତରମାନଙ୍କୁ ନେଇ ଗଠିତ ଟ୍ୟୁମର ବୋର୍ଡ କେଉଁ ରୋଗୀଙ୍କୁ କିଭଳି ଚିକିତ୍ସା କରାଯିବ ତା'ର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଚିକିତ୍ସା ପରିଚାଳନା କରୁଛନ୍ତି । ରୋଗୀଙ୍କ ଚିକିତ୍ସା ଓ ସୁସ୍ଥତାକୁ ଉତ୍କୃଷ୍ଟ ମାନକୁ ନେବା ପାଇଁ ଏଭଳି ପଦକ୍ଷେପ ନିଆଯାଉଥିବା ପ୍ରଫେସର ସାମନ୍ତସିଂହାର ସୂଚନା ଦେଇଛନ୍ତି ।

ସେହିପରି ଗୁରୁତର ଅସୁସ୍ଥ ଥିବା କର୍କଟ ରୋଗୀଙ୍କର କଷ୍ଟକୁ ଲାଘବ କରିବା ପାଇଁ ପେନ୍ ଆଣ୍ଡ ପାଲିଆଟିଭ କେୟାର ବିଭାଗ ଅନେକ ପଦକ୍ଷେପ ନେଉଥିବା ସେ ପ୍ରକାଶ କରିଛନ୍ତି ।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଡେଂଟାଲ ସାଇନସେସ୍ (ଆଇଡିଏସ୍)ର ଡିନ୍ ପ୍ରଫେସର ରୁଚି ଭୂୟାଁ କହିଥିଲେ ଯେ କ୍ୟାନ୍ସର ବିରୁଦ୍ଧରେ ଆମେ ପ୍ରତ୍ୟେକ ଦିନ ଲଢ଼େଇ କରୁଛୁ । ତେବେ ମୁଖ ଗହ୍ୱର କର୍କଟ ରୋଗୀଙ୍କ କ୍ଷେତ୍ରରେ ତମାଖୁ ସେବନ ପ୍ରମୁଖ କାରଣ ହୋଇଥିବା ବେଳେ ଏଭଳି କୁଅଭ୍ୟାସକୁ ତ୍ୟାଗ କରିବା ନେଇ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଏଥିସହିତ ଏଭଳି ରୋଗୀଙ୍କ କ୍ଷେତ୍ରରେ ଆଇଡିଏସ୍‌ରେ ମ୍ୟାକ୍ସିଲୋଫେସିଆଲ ପ୍ରୋସ୍ଥେସିସ୍ ଚିକିତ୍ସା ଉପଲବ୍ଧ ଥିବା ନେଇ ସେ ସୂଚନା ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ମେଡିକାଲ୍ ଅଙ୍କୋଲୋଜି ବିଭାଗ ମୁଖ୍ୟ ପ୍ରଫେସର (ଡାକ୍ତର) ସୌମ୍ୟସୁରଥ ପଣ୍ଡା, ହେମାଟୋ ଅଙ୍କୋଲୋଜି ବିଭାଗ ମୁଖ୍ୟ ପ୍ରଫେସର (ଡାକ୍ତର) ପ୍ରିୟଙ୍କା ସାମଲ, ପାଲିଆଟିଭ୍ ଅଙ୍କୋଲୋଜି ବିଭାଗ ମୁଖ୍ୟ ପ୍ରଫେସର (ଡାକ୍ତର) ଶୁକଦେବ ନାୟକ, ଅଙ୍କୋପାଥୋଲୋଜି ବିଭାଗ ମୁଖ୍ୟ ଡାକ୍ତର ଦେବାହୁତି ମହାପାତ୍ର, ପେଡିଆଟ୍ରିକ ଅଙ୍କୋଲୋଜି ବିଭାଗ ମୁଖ୍ୟ ପ୍ରଫେସର (ଡାକ୍ତର) ସରୋଜ ପ୍ରସାଦ ପଣ୍ଡା ପ୍ରମୁଖ କ୍ୟାନ୍ସର ରୋଗର କାରଣ ଓ ନିରାକରଣକୁ ନେଇ ତଥ୍ୟ ପ୍ରଦାନ କରିଥିଲେ । ଶେଷରେ ସର୍ଜିକାଲ୍ ଅଙ୍କୋଲୋଜି ବିଭାଗ ମୁଖ୍ୟ ପ୍ରଫେସର (ଡାକ୍ତର) ସୁନୀଲ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜେଡିର ମଣ୍ଡଳୀସ୍ତରୀୟ ସାଙ୍ଗଠନିକ ବୈଠକ

**ମାଲକାନଗିରି,୬।୨ ଏକ୍ସପ୍ରେସ୍ ନ୍ୟୁଜ୍**



ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ତରଫରୁ ବିଜେଡି ଜିଲ୍ଲା ଉପସଭାପତି ଉଦୟନାଥ ମାଦ୍ରୀଙ୍କ ଆହ୍ୱାନ କ୍ରମେ କୁଡୁମୁଲୁଗୁମା ଠାରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ବିଜୁ ଜନତା ଦଳର ଏକ ସାଙ୍ଗଠନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ ମୁଖ୍ୟ ଭାବେ ଯୋଗଦେଇ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜୁ ଜନତା ଦଳ କିଭଳି ପୁନର୍ବାର ବିଜୟ ଲାଭ କରିବା ସହ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ସମସ୍ତ କର୍ମକର୍ତ୍ତାଙ୍କୁ ନେଇ ତୃଣ ମୂଳ ପର୍ଯ୍ୟନ୍ତ ସଂଗଠନକୁ ମଜବୁତ କରିବା ସହ ପ୍ରତ୍ୟେକ ପଞ୍ଚାୟତରେ ୱାର୍ଡ କମିଟି, ବୁଥ୍ କମିଟି ଗଠନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆଜିର ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକରେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ସମସ୍ତ ବ୍ଲକସ୍ତରରେ ଏକ ବଡ ଧରଣର ମିଶ୍ରଣ ପର୍ବ ଅନୁଷ୍ଠିତ ପାଇଁ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଗଲା । ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜୁ ଜନତା ଦଳର ସମର୍ଥିତ ଜିଲ୍ଲା ପରିଷଦ, ସମିତି ସଭ୍ୟ ସଭ୍ୟା, ସମସ୍ତ ସରପଞ୍ଚ କିଭଳି ବିଜୟ ଲାଭ କରିବେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଗଲା । ଆଜିର ବୈଠକରେ ଜିଲ୍ଲା ଉପସଭାପତି ପ୍ରଫୁଲ୍ଲ ପଣ୍ଡା, ବିଜେଡି ନେତା ସତ୍ୟ ପାଣିଗ୍ରାହୀ, ବରିଷ୍ଠ ନେତା ସର୍ବ ବିଶୋଇ, ବାଲିମେଳା ସଭାପତି ରାଜେନ୍ଦ୍ର କୂଳଦୀପ, ସାଧୂ ହନ୍ତାଳ, ଗୋପୀ ପାଙ୍ଗି, ସମ୍ବରୁ ନାୟକ, ରଘୁବୀର ଖରା, ଭଗବାନ ସାହୁ, ସଦାଶିବ ପୂଜାରୀ, ରାମଚନ୍ଦ୍ର ଗଲେଲ୍, ଅର୍ଜୁନ ହନ୍ତାଳ, ପିତାମ୍ବର ଗୁରୁତେଲି, ମାଧବ ସାବତ ଏବଂ ରାଜେନ୍ଦ୍ର ସୁଗ୍ରୀ ପ୍ରମୁଖଙ୍କ ସହ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ଜିଲ୍ଲା ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଆରମ୍ଭ ହେଲା ସତ୍ୟବାଦୀ ମହୋତ୍ସବ

**ସାକ୍ଷୀଗୋପାଳ,୬।୨ ଏକ୍ସପ୍ରେସ୍ ନ୍ୟୁଜ୍**



ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମ ପୀଠ ସୁଆଣ୍ଡୋ, ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର ଦାସଙ୍କ ଜନ୍ମ ପୀଠ ଶ୍ରୀରାମଚନ୍ଦ୍ର ପୁର, ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ବାଣପୁର ଅନ୍ତର୍ଗତ ଶ୍ରୀନିବାସପୁର ଗ୍ରାମ ଓ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଜନ୍ମ ପୀଠ ବୀରପ୍ରତାପପୁରରୁ ଜ୍ୟୋତି ସଂଗ୍ରହ କରାଯାଇ ସାକ୍ଷୀଗୋପାଳ ବସଷ୍ଟାଣ୍ଡ ନିକଟରେ ମିଳିତ ହୋଇ ଥିଲେ । ସେଠାରୁ ସତ୍ୟବାଦୀ ମହୋତ୍ସବ କମିଟି ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା କରାଯାଇ ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚ ମହୋତ୍ସବ ମଣ୍ଡପକୁ ଆସିଥିଲା । ଏହି ଶୋଭାଯାତ୍ରାରେ ଓଡିଶାର ପାରମ୍ପାରିକ ନୃତ୍ୟ, ସହ ସଂକୀର୍ତ୍ତନ, ଘୋଡାନାଚ, ପାଇକ ଆଖେଡା, ଶବର ଶବରୁଣି, ବୁଢ଼ାବୁଢ଼ୀ, ମାଙ୍କଡ଼ ନାଚ, ବଗ ବଗୁଲି, ଷଣ୍ଢ, ଦୁର୍ଗାମେଡ, କଣ୍ଢେଇନାଚ, ବାଜା, ଯାହାକି ବସଷ୍ଟାଣ୍ଡ ଠାରୁ ବକୁଳବନ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ହଜାର ହଜାର ଜନସାଧାରଣ ଜ୍ୟୋତିଯାତ୍ରାକୁ ସ୍ୱାଗତ କରିବା ସହ ଶୋଭାଯାତ୍ରା ଦେଖିବା ପାଇଁ ଭିଡ ଲାଗିଥିଲା । ସତ୍ୟବାଦୀ ମହୋତ୍ସବ କମିଟି ସଭାପତି ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ସାକ୍ଷୀଗୋପାଳ ମନ୍ଦିରରୁ ସାକ୍ଷୀ ଗୋପୀନାଥ ଠାକୁରଙ୍କୁ ପୂଜା ଅର୍ଚ୍ଚନା କରିବା ପରେ ମନ୍ଦିର ସେବାୟତ ତଥା ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ର ଆଜ୍ଞାମାଳ ଆଣି ମଣ୍ଡପରେ ସ୍ଥାପନ କରିବା ପରେ ସଂଗ୍ରହ କରାଯାଇ ଶୋଭାଯାତ୍ରାରେ ଆସିଥିବା ଜ୍ୟୋତି ଗୁଡିକୁ ମଣ୍ଡପରେ ସ୍ଥାପନ କରାଯାଇଥିଲା । ପରେ ପରେ ଅତିଥିମାନେ ୧୦ମ ସତ୍ୟବାଦୀ ମହୋତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅତିଥିଭାବେ ସତ୍ୟବାଦୀ ବିଧାୟକ ତଥା ମହୋତ୍ସବର କମିଟିର ସଭାପତି ଓମ ପ୍ରକାଶ ମିଶ୍ର ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, କମିଟିର ସମ୍ପାଦକ ଦୀପକ ଶତପଥି, ସଂଯୋଜକ ଜାନକୀ ବଲ୍ଲଭ ବରାଳ, ସତ୍ୟବାଦୀ ତହସିଲଦାର ସନ୍ତୋଷ ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡା, ବିଡ଼ିଓ ଦେବାଶିଷ ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ, ସୂଚନା ଲୋକ ସଂପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ତ୍ରିଲୋଚନ ରଥ, ରତିକାନ୍ତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।

## ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସମୀକ୍ଷା



**ବ୍ରହ୍ମପୁର,୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବିଭାଗୀୟ ସମୀକ୍ଷା ବୈଠକ ଛତ୍ରପୁରସ୍ଥିତ ଋଷିକୂଲ୍ୟା ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଗଞ୍ଜାମ ଜିଲ୍ଲାରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ଅନ୍ତୋଦୟ ଗୃହ ଯୋଜନା, ବିକଶିତ ଗାଁ ବିକଶିତ ଓଡିଶା, ପ୍ରଧାନମନ୍ତ୍ରୀ ଜନମନ, ସ୍ୱଚ୍ଛ ଭାରତ ମିଶନ - ଗ୍ରାମୀଣ (ଏସ୍‌ବିଏମ୍ -ଜି) ଅନ୍ତର୍ଗତ ବାହ୍ୟ ମଳମୁକ୍ତ ଗ୍ରାମ, ରାସ୍ତା, ପୋଲ, ପାନୀୟ ଜଳ ପ୍ରକଳ୍ପ ଓ ଅନ୍ୟାନ୍ୟ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀ ଶ୍ରୀ ନାଏକ ସମୀକ୍ଷା କରିଥିଲେ । ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସଂକଳ୍ପବଦ୍ଧ । ଗଞ୍ଜାମ ଜିଲ୍ଲାରେ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନା ଓ ପ୍ରକଳ୍ପର ଅଗ୍ରଗତି ନେଇ ମନ୍ତ୍ରୀ ଶ୍ରୀ ନାଏକ ସନ୍ତୋଷ ବ୍ୟକ୍ତ କରିବା ସହିତ ଲବଣାକ୍ତ ଜଳ ଯୋଗୁଁ ଜିଲ୍ଲାରେ ପାନୀୟ ଜଳ ଏକ ପ୍ରମୁଖ ସମସ୍ୟା ହୋଇଥିବାରୁ ସୁବଳ, ସୁନାପୁର ଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ପାନୀୟ ଜଳ ପ୍ରକଳ୍ପଗୁଡିକୁ ୨/୩ ମାସ ମଧ୍ୟରେ ଯୁଦ୍ଧକାଳୀନ ଭିତିରେ ସାରିବା ପାଇଁ ସମ୍ପୃକ୍ତ ଏଜେନ୍ସିମାନଙ୍କୁ ନିର୍ଦ୍ଦେଶ ଦେବା ସହ ଏଥିରେ ବ୍ୟତିକ୍ରମ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସମ୍ପୃକ୍ତ ଏଜେନ୍ସିମାନଙ୍କୁ ଚେତାବନୀ ଦେଇଛନ୍ତି । ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ବାହ୍ୟ ମଳମୁକ୍ତ ଗ୍ରାମ ସମ୍ପର୍କରେ ସମୀକ୍ଷା କରି ସେ ସନ୍ତୁଷ୍ଟି ପ୍ରକାଶ କରିବା ସହିତ ଗାଁ ଗୁଡିକୁ କିପରି ପଲିଥିନ ମୁକ୍ତ କରାଯାଇପାରିବ ସେ ନେଇ ସୁନ୍ଦରଗଡ ଜିଲ୍ଲା ପ୍ରଶାସନ ଭଳି ପ୍ରୟାସ ଆରମ୍ଭ କରିବାକୁ ପରାମର୍ଶ ଦେଇଛନ୍ତି । ଖୁବଶୀଘ୍ର ଏକ ଦଳ ସୁନ୍ଦରଗଡ ଜିଲ୍ଲା ଗସ୍ତ କରି ସେ ସମ୍ପର୍କିତ ପଦକ୍ଷେପ ବିଷୟରେ ଅବଗତ ହେବେ ।

## ଓଡ଼ିଶା ବିକାଶରେ ଅଗ୍ରଣୀ ଭୂମିକା ନିର୍ବାହ କରିବ

**ଯାଜପୁର,୬।୨ ଏକ୍ସପ୍ରେସ୍ ନ୍ୟୁଜ୍**




କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପରିପ୍ରେକ୍ଷୀରେ ଜିଲ୍ଲା ଭାଜପା ପକ୍ଷରୁ ପାନ୍ଥଶାଳା ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓଡ଼ିଶା ବିକାଶରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି ପ୍ରକାଶ କରିଥିଲେ । କେନ୍ଦ୍ରୀୟ ବଜେଟକୁ ସ୍ୱାଗତ କରିବା ସହ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ପୂରଣ କରିବାରେ ଚଳିତ ବଜେଟ୍ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମତବ୍ୟକ୍ତ କରିଥିଲେ । କର୍ତ୍ତବ୍ୟ ଭବନରେ ପ୍ରସ୍ତୁତ ଏହି ବଜେଟ୍ ତିନୋଟି କର୍ତ୍ତବ୍ୟ ଉପରେ ଆଧାରିତ । ସାଂପ୍ରତିକ ବିଶ୍ୱ ରାଜନୈତିକ ପରିବେଶରେ ଭାରତରେ ଉତ୍ପାଦକତାକୁ ବୃଦ୍ଧି କରିବା, ବିକଶିତ ଭାରତର ଆକାଂକ୍ଷାକୁ ପୂରଣ କରିବା ନିମନ୍ତେ ୧୪୦ କୋଟିରୁ ଉର୍ଦ୍ଧ୍ୱ ଭାରତୀୟଙ୍କ କ୍ଷମତା ବୃଦ୍ଧି କରିବା, ସବ୍‌କା ସାଥ୍ ସବ୍‌କା ବିକାଶ ଦୃଷ୍ଟି କୋଣରେ ସମସ୍ତ ଭାରତୀୟଙ୍କୁ ସଂଯୋଜିତ କରିବା ସହ ବିକଶିତ ଭାରତ ନିର୍ମାଣରେ ସେମାନଙ୍କ ଅଂଶୀଦାରିତାକୁ ସୁନିଶ୍ଚିତ କରିବା ଆଧାରରେ ଚଳିତ ବଜେଟ୍ ପ୍ରସ୍ତୁତ ହୋଇଛି । କରୋନା ମହାମାରୀ ସମୟରେ ଭାରତରେ ଟିକା ପ୍ରସ୍ତୁତ କରାଯାଇ ଅନ୍ୟ ଦେଶକୁ ଟିକା ରପ୍ତାନୀ କରି ବିଶ୍ୱ ଦରବାରରେ ଭାରତ ଏକ ସୁଦୃଢ଼ ସ୍ୱାସ୍ଥ୍ୟ ବ୍ୟବସ୍ଥାର ପରିଚୟ ସୃଷ୍ଟି କରିପାରିଛି । ଚଳିତ ବଜେଟରେ ଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ନବ ସୃଜନ ମାଧ୍ୟମରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତିକରଣ ପ୍ରକଳ୍ପର ଘୋଷଣା କରାଯିବା ସହ ଆଗାମୀ ୫ ବର୍ଷରେ ବାୟୋଫାର୍ମା ଶକ୍ତି ୧୦ ହଜାର କୋଟି ଟଙ୍କା ନିବେଶ କରାଯିବା ପାଇଁ ନିଷ୍ପତ୍ତି କରାଯାଇଛି । ଔଷଧ ପ୍ରସ୍ତୁତ କରାଯିବା ସହ ତିନୋଟି ନୂତନ ଔଷଧୀୟ ଶିକ୍ଷା ଓ ଅନୁସନ୍ଧାନ ସଂସ୍ଥା ପ୍ରସ୍ତୁତ କରାଯିବା ପାଇଁ ବଜେଟ୍‌ରେ ଘୋଷଣା କରାଯାଇଛି । ଏପରିକି ହଜାରରୁ ଉର୍ଦ୍ଧ୍ୱ କ୍ଲିନିକାଲ ପରୀକ୍ଷଣ କେନ୍ଦ୍ର ସ୍ଥାପନ କରାଯିବା ପାଇଁ ଘୋଷଣା କରାଯାଇଛି । ପୂର୍ବୋଦୟ ବିକାଶରେ ଓଡ଼ିଶା ଏକ ପ୍ରମୁଖ ଭୂମିକା ନିର୍ବାହ କରିବ ।


**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-73-25

**କାର୍ଯ୍ୟର ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ମାଳତୀପାଟପୁର(MLT)-ପୁରୀ ସେକ୍ସନରେ ଉଭୟ ଅପ୍ ଏବଂ ଡାଉନ୍ ଲାଇନ୍‌ରେ ଡୁଆଲ MSDAC ଏବଂ ଦ୍ୱି-ଦିଶାତ୍ମକ(Bi-Directional) ସହିତ ସ୍ୱୟଂକ୍ରିୟ ବ୍ଲକ୍ ସିଗ୍‌ନାଲିଙ୍ଗର ବ୍ୟବସ୍ଥା ସମ୍ବନ୍ଧୀୟ ବିଦ୍ୟୁତୀକରଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹) :** 8,83,773.56, EMD (₹): 17,700,00 ।

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-74-25

**କାର୍ଯ୍ୟର ବିବରଣୀ :** କେନ୍ଦୁଝରଗଡ଼ (KDJR) ଷ୍ଟେସନଠାରେ ଶୀଘ୍ର ପାଣି ଦେବାର ପ୍ରଣାଳୀ ବ୍ୟବସ୍ଥା ସମ୍ପର୍କିତ ବିଦ୍ୟୁତୀକରଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹):** 1,40,61,147.39, EMD (₹): 2,20,300,00 ।

ଶେଷ ହେବା ଅବଧି : 03 ମାସ (କ୍ରମ ସଂ. 1 ପାଇଁ) ଏବଂ 04 ମାସ (କ୍ରମ ସଂ. 2 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.25.02.2026 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G)/ ଖୋର୍ଦ୍ଧା ରୋଡ୍

PR-1092/Q/25-26

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୭ ଫେବୃଆରୀ ୨୦୨୬ ● ଶନିବାର

## ଦୁର୍ଘଟଣାଗ୍ରସ୍ତ ଗୋରୁ ଗାଡି ଜବତ




**ସୋର:ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ରେଳ ଓଭରବ୍ରିଜ ନିକଟ ପାର୍କ ହୋଟେଲ ନିକଟରୁ ଏକ ଗୋରୁ ବୋଝେଇ ଟ୍ରକ ଜବତ କରାଯିବା ସହିତ ଏଥିରେ ଥିବା ୨୭ଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି। ସୂଚନା ଅନୁସାରେ ଆଜି ସକାଳେ ଓଡି୦୫ ବିଭି ୭୬୦୯ ନମ୍ବର ବିଶିଷ୍ଟ ଏକ ଟ୍ରକ ଭଦ୍ରକରୁ କଲିକତା ଅଭିମୁଖେ ଯାଉଥିବା ବେଳେ ୧୬ ନମ୍ବର ଜାତୀୟ ରାଜପଥ ରେଳ ଓଭରବ୍ରିଜ ନିକଟରେ ଆଗରେ ଯାଉଥିବା ଏକ ଟ୍ରକକୁ ଧକା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ଗାଡିକୁ ଛାଡି ଚାଳକ ଓ ଖଲାସୀ ଫେରାର ହୋଇଯାଇଥିବା ବେଳେ ଗାଡିଟି ସେଠାରେ ଅଟକି ରହିଥିଲା। ଖବର ପାଇ ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡିକୁ ଯାଞ୍ଚ କରିବା ପରେ ଏଥିରେ ଗୋରୁ ଥିବା ଜାଣିବାକୁ ପାଇ ସୋର ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡିକୁ ଜବତ କରିବା ସହିତ ଏଥିରେ ଥିବା ୨୭ଟି ଗୋରୁଙ୍କୁ ଉଦ୍ଧାର କର ରେମୁଣା ବାମପଦାରେ ଥିବା ଗୋଶାଳାରେ ଛାଡିଥିବା ଜଣାପଡିଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଗାଡିଟିକୁ ଥାନାରେ ରଖିବା ସହିତ ସୋର ଅଞ୍ଚଳର କିଛି ମାଫିଆମାନେ ଏହି ବେଆଇନ ଗୋରୁ ଗାଡିକୁ ପାରି କରୁଥିବା ଜାଣି ଘଟଣାର ତଦନ୍ତ ଆରମ୍ଭ କରିଛି।

## ନ୍ୟାୟ ନପାଇ ଇଚ୍ଛାମୃତ୍ୟୁ ଲାଗି ରାଷ୍ଟ୍ରପତିଙ୍କୁ ନିବେଦନ




**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ଜାଗାବାଡିକୁ କେନ୍ଦ୍ରକରି ପଡୋଶୀଙ୍କ ଆକ୍ରମରେ ଶିକାର ହେବା ପରେ ନ୍ୟାୟ ପାଇବା ଆଶାରେ ଥାନାକୁ ଯାଇଥିଲେ। ମାତ୍ର ଥାନା ବାବୁ ତାଙ୍କ ନ୍ୟାୟ ଶୁଣିବେ କ'ଣ ଓଲଟି ମିଛୁଆ କହି ଥାନାରୁ ତଡିଦେଇଥିଲେ। ଦୀର୍ଘ ୨ମାସ ଧରି ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ ଥାନା କର୍ତ୍ତୃପକ୍ଷ ତାଙ୍କ ଏତଲା ଗ୍ରହଣ କଲେନି। ତେଣୁ ବାଧ ହୋଇ ଇଛା ମୃତ୍ୟୁ ପାଇଁ ରାଷ୍ଟ୍ରପତିଙ୍କୁ ଦରଖାସ୍ତ ମାଧ୍ୟମରେ ଅନୁରୋଧ କରିଛନ୍ତି। ବାଙ୍କୀ ଥାନା ଅନ୍ତର୍ଗତ ପାଟପୁର ଗ୍ରାମର ବିଭୂତି ଭୂଷଣ ଦାଶଙ୍କୁ ଜାଗାବାଡି ବିବାଦକୁ କେନ୍ଦ୍ରକରି ତାଙ୍କ ପଡୋଶୀ ୨୨ ନଭେମ୍ବର ୨୦୨୫ ରିଖରେ ତାଙ୍କୁ ମରାତ୍ମକ ଆକ୍ରମଣ କରିଥିଲେ। ସେ ଏଥିନେଇ ବାଙ୍କୀ ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ ମଧ ଥାନା କର୍ତ୍ତୃପକ୍ଷ ଗ୍ରହଣ କରିନଥିଲେ। ଏପରିକି ଆଇ.ଆଇ.ସି ମଧ ତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇଥିଲେ। ତେଣୁ ଥାନାରୁ ନ୍ୟାୟ ନପାଇ ପୀଡିତ ଜଣକ ୩ ଜାନୁଆରୀ ୨୦୨୬ରେ ମୁଖ୍ୟମନ୍ତ୍ରୀଙ୍କୁ ଏ ସଂପର୍କରେ ଅବଗତ କରାଇଥିଲେ। ସେଠାରୁ ନିରାଶ ହେବା ପରେ ୪ତାରିଖରେ ଇଚ୍ଛାମୃତ୍ୟୁ ଅନୁମୋଦନ ପାଇଁ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦରଖାସ୍ତ ବାଙ୍କୀ ଉପଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଦାନ କରିଛନ୍ତି।

## ଉଚ୍ଛେଦ ଅଭିଯାନ: ଲୋକ ଭାଙ୍ଗିଲେ ନିଜ ଘର

**ଖଣ୍ଡପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ାରୁ ଫତେଗଡ ମୁଖ୍ୟ ରାସ୍ତାର ସଂପ୍ରସାରଣ କାର୍ଯ୍ୟ ନେଇ ପ୍ରଶାସନ ପକ୍ଷରୁ ଗତ ୨ ଦିନ ଧରି ଜବରଦଖଲ ଉଚ୍ଛେଦ ଅଭିଯାନ ପରେ ଏବେ ରାସ୍ତା ପାର୍ଶ୍ୱସ୍ଥ ସରକାରୀ ଜାଗାରେ ସ୍ଥାୟୀ ବାସଗୃହ ଓ ଦୋକାନ ଗୃହ ନିର୍ମାଣ କରିଥିବା ଜନସାଧାରଣଙ୍କ ନିଦ ହଜିଛି। ପ୍ରଶାସନର ତାଗିଦକୁ ନେଇ ଜବରଦଖଲକାରୀମାନେ ଶୁକ୍ରବାର ଠାରୁ ନିଜ ନିଜର ଘର ଭଙ୍ଗା କାର୍ଯ୍ୟରେ ଲାଗି ପଡିଥିବା ପରିଲକ୍ଷିତ ହେଉଛି। ମୋଟାମୋଟି ଭାବେ ଖଣ୍ଡପଡ଼ା ସହରର ତ୍ରିନାଥ ଛକ ଠାରୁ ମା ଉମାଦେବୀଙ୍କ ଛକ ମଧ୍ୟରେ ୧୫ରୁ ଉର୍ଦ୍ଧ୍ୱ ପ୍ରଭାବଶାଳୀଙ୍କ ବ୍ୟକ୍ତିଙ୍କ ବାସଗୃହ ଓ ସ୍ଥାୟୀ ଦୋକାନ ଗୃହ ମାଟିରେ ମିଶିଛି।



ତେବେ ରାସ୍ତାର ସଂପ୍ରସାରଣ ନେଇ ଖଣ୍ଡପଡ଼ା ତହସିଲ ପ୍ରଶାସନ ପକ୍ଷରୁ ରାସ୍ତାର ଉଭୟ ପାର୍ଶ୍ୱରେ ଚିହ୍ନଟ ସରକାରୀ ଜାଗାରୁ ନିର୍ଦ୍ଧାରିତ ସମୟରେ ଜବରଦଖଲକାରୀମାନେ ନ ହଟିଲେ ପୁର୍ନବାର ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହେବ ବୋଲି ଖଣ୍ଡପଡ଼ା ତହସିଲଦାର ବିଶ୍ୱବିଶୃତ ତ୍ରିପାଠୀଙ୍କ ଠାରୁ ପ୍ରକାଶ। ସେହିପରି ପର୍ଯ୍ୟାୟକ୍ରମେ ଖଣ୍ଡପଡ଼ା ସହରର ତ୍ରିନାଥ ଛକରୁ ବଡେଇସାହି ଦେଇ ଡାକ୍ତରଖାନା ଛକକୁ ସଂଯୋଗ କରୁଥିବା ରାସ୍ତାର ଉଭୟ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହେବ ବୋଲି ଖଣ୍ଡପଡ଼ା ତହସିଲ ପ୍ରଶାସନ ସୂତ୍ରରୁ ଜଣାପଡିଛି।

## ବନ୍ଦ ଘରୁ ମହିଳାଙ୍କ ଝୁଲନ୍ତା ଶବ ଉଦ୍ଧାର

**ବୁଗୁଡା:ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଳିଆ ଗ୍ରାମସ୍ଥ ତେଲୁଗୁ ସାହିର ଏକ ବନ୍ଦ ଘରୁ ଜନୈକା ମହିଳାଙ୍କ ଝୁଲନ୍ତା ଶବକୁ ପୋଲିସ ଉଦ୍ଧାର କରିଥିବା ଜଣାଯାଇଛି। ମୃତା ମହିଳା ଜଣକ ହେଲେ ଲାଛମି ଦୋରା।(୩୦)। ଏ ନେଇ କେସ୍ ନଂ ୭/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ଗତ ଗୁରୁବାର ଅପରାହ୍ନରେ ଲାଛମିଙ୍କ ଝିଅ ସ୍କୁଲରୁ ଘରକୁ ଫେରି କବାଟ ବାଡାଇଥିଲା। କବାଟ ନଖୋଲିବାରୁ ସେ ଘର ପଛପଟୁ ଭିତରକୁ ପ୍ରବେଶ କରିଥିଲା। ସେଠାରେ ଫେନରୁ ଲାଛମିଙ୍କ ଝୁଲନ୍ତା ଶବ ଦେଖିବାକୁ ମିଳିଥିଲା। ଏ ନେଇ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ସେଠାରୁ ଶବକୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲେ। ପୋଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

## କଳାପଥର ବଜାରରୁ ମଣିଷ ଖପୁରୀ ଓ କଙ୍କାଳ ଠାବ

**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ବ୍ଲକ ଅନ୍ତର୍ଗତ ବୈଦ୍ୟେଶ୍ୱର ଥାନା କଳାପଥର ବଜାର ନିକଟରେ ଥିବା ଏକ ମିଲ୍ ପଛପଟୁ ମଣିଷ ଖପୁରୀ ଓ କଙ୍କାଳ ମିଳିଛି। ଉକ୍ତ ଖପୁରୀକୁ କୁକୁର ଖାଉଥିବା ସମୟରେ ନିକଟସ୍ଥ ଗ୍ରାମବାସୀମାନେ ଦେଖିଥିଲେ। ଖପୁରୀ ଓ କଙ୍କାଳ କେଉଁଠୁ ଆସିଲା ତାହା ଜଣାପଡି ନାହିଁ। ଗ୍ରାମବାସୀଙ୍କ ଠାରୁ ଖବର ପାଇ ବୈଦ୍ୟେଶ୍ୱର ଥାନା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚ ତଦନ୍ତ ଆରମ୍ଭ କରିଛି। ଏହି ଘଟଣାଟି କଟକ ଏବଂ ଖୋର୍ଦ୍ଧା ଜିଲ୍ଲାର ସୀମାନ୍ତବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ବୈଦ୍ୟେଶ୍ୱର ଏବଂ ବେଗୁନିଆ ଥାନା ତରଫରୁ ମିଳିତ ତଦନ୍ତ ଜାରି ରହିଛି। ବୈଦ୍ୟେଶ୍ୱର ଥାନା ଅଧିକାରୀ ଦୁର୍ଗେଶ ନନ୍ଦିନୀ ମହାନ୍ତି, ବାଙ୍କୀ ଉପଖଣ୍ଡ ପୋଲିସ୍ ଅଧିକାରୀ ବାଳକୃଷ୍ଣ କଅଁର ଏବଂ ବେଗୁନିଆ ଥାନା ଅଧିକାରୀ ଘଟଣାର ତଦନ୍ତ ଜାରି ରଖିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭିନ୍ନ ଭିନ୍ନ ଚର୍ଚ୍ଚା ଜାରି ରହିଛି।

## ଦମ ଦେଖାଇଲା ପ୍ରଶାସନ: ଉଚ୍ଛେଦ କଲା ଜବର ଦଖଲ

**ଫୁଲବାଣୀ:ଏକ୍ସପ୍ରେସ୍ ନ୍ୟୁଜ୍**

କନ୍ଧମାଳ ଜିଲ୍ଲା ଫୁଲବାଣୀ ତହସିଲ ଅନ୍ତର୍ଗତ ପିଟବାରି ମୌଜା ସ୍ଥିତ ଖାତା ନଂ ୧୨୭ ପ୍ଲଟ ନଂ ୧୮ରେ ଥିବା ମୂଲ୍ୟବାନ ସରକାରୀ ଜମି ଜବର ଦଖଲକୁ ଉଚ୍ଛେଦ କରିଛି ରାଜସ୍ୱ ବିଭାଗ। ଏହି ଜମିକୁ ବହୁଦିନ ଧରି ଜଣେ ମୁଷ୍ଟିମେୟ ବ୍ୟକ୍ତିଙ୍କ କବଜାରେ ରହିଥିଲା ଉକ୍ତ ମୂଲ୍ୟବାନ ସରକାରୀ ଜମି। ଯେଉଁ ଜାଗାରେ ପୂର୍ବରୁ ଫୁଲବାଣୀ ବ୍ଲକ ଅନ୍ତର୍ଗତ ଆଲାମୀ ପଂଚାୟତର ଗ୍ରାମୀଣ ଫିଟନେସ ପାର୍କ ନିର୍ମାଣ କରିବା ପାଇଁ ତହସିଲଦାର ଜମି ଯୋଗାଇ ଦେଇଥିଲେ ଓ ସେହି ଜମିରେ ଉକ୍ତ ପାର୍କ ନିର୍ମାଣ ପାଇଁ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ପାର୍କ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର କିଛିଦିନ ପରେ ଉକ୍ତ ଜମିକୁ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦ୍ୱାରା ଜବରଦଖଲ କରି କୋଠା ନିର୍ମାଣ କରିଥିଲେ। ଆଜି ଜବର ଦଖଲ ଉଚ୍ଛେଦ ସମସ୍ତ ନିୟମ ପ୍ରକାରେ ପ୍ରଶାସନ ସଦଳବଳେ ଯାଇ ନିର୍ମାଣାଧିନ କୋଠାଗୁଡ଼ିକୁ ଶତାଧିକ ଲୋକଙ୍କ ବିରୋଧ ସତ୍ତ୍ୱେ ତହସିଲଦାର ସୁଶ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରଧାନ ଜେସିପି ଲଗେଇ ଭାଙ୍ଗିରୁଜି ମାଟିରେ ମିଶେଇବା ସହିତ ଜବର ଦଖଲ ଉଚ୍ଛେଦ କରିବାରେ ସଫଳ ହୋଇଥିଲେ। ଆଗକୁ ଏଭଳି ଆଉ ଅନ୍ୟୁନ ୬୫ରୁ ଅଧିକ ଘର ଭାଙ୍ଗି ଜବରଦଖଲ ଉଚ୍ଛେଦ କରିବା ଯୋଜନାରେ ଅଛି ବୋଲି ସୂଚନା ମିଳୁଛି। ଏହାପରେ ଫୁଲବାଣୀ ସହର ମଧ୍ୟ ଭାଗରେ ଥାବା ସର୍ବସାଧାରଣ ହାଟ ୧୧ ଏକର ଜାଗାକୁ କିଛି ପୁଞ୍ଜିପତି ବ୍ୟବସାୟୀ ସରକାରୀ କର୍ମଚାରୀମାନଙ୍କ କବଳରୁ ପ୍ରଶାସନ କେବେ ଜବର ଦଖଲ ମୁକ୍ତ କରୁଛି ତାହା ହିଁ ଫୁଲବାଣୀ ସହରବାସୀ ଅପେକ୍ଷା କରି ବସିଛନ୍ତି। ନା କୁଜି ଅସରପା ଉପରେ କାଣୀ ବିରାଡ଼ିର ଆକ୍ରମଣ ପରି ହେବ ନା ପୁଣି ପ୍ରଶାସନ



ଦମ ଦେଖେଇବ। ଉକ୍ତ ଜବରଦଖଲ ଉଚ୍ଛେଦ କାର୍ଯ୍ୟକ୍ରମ ସମୟରେ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଓ ପୋଲିସ ଅଧିକାରୀ ଅତିରିକ୍ତ ଏଏସପି ବିଭୁତି ମହାପାତ୍ର, ଏସଡିପିଓ ଶୁଭ୍ରଜିତ ବିଶ୍ୱାଳ, ସଦର ଥାନା ଅଧିକାରୀ ପ୍ରଦୀପ କୁମାର ଜେନା, ଟାଉନ ଥାନା ଅଧିକାରୀ ସ୍ୱରୂପ କିଶନ, ଅନ୍ୟ ସମସ୍ତ ପୋଲିସ ଅଧିକାରୀଙ୍କ ସହିତ ଦୁଇ ପ୍ଲାଟୁନ ସୁରକ୍ଷା ବଳକୁ ନେଇ କଡା କଡା ସୁରକ୍ଷା ବଳୟ ଭିତରେ ଜବର ଦଖଲ ଉଛେଦ କରାଯାଇଥିଲା। ଦେଖାଯାଉ ଏହାପରେ କେଉଁ ଜବରଦଖଲକାରୀଙ୍କ ପାଳି ପଡିବ ସେକଥା ଭବିଷ୍ୟତରେ ଜଣାପଡିବ।

## କାର୍ଯ୍ୟଗୁଣବତ୍ତା ରକ୍ଷା ନେଇ ଠିକାଦାର ସଂଘର ବୈଠକ

**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ସଦର ଥାନା ଅନ୍ତର୍ଗତ ପବିତ୍ର ମା ଧାକୁଲେଇ ପୀଠ ପରିସରରେ କଟକ ସଦର ନିର୍ବାଚନ ମଣ୍ଡଳୀ ଓ ବାରଙ୍ଗ ବ୍ଲକ ଠିକାଦାର ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ବୈଠକ ଆୟୋଜିତ ହୋଇଯାଇଛି। ସଂଘର ସଭାପତି ପ୍ରମୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ସୁସଂଗଠିତ ଭାବେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସଂଘର ସହ-ସମ୍ପାଦକ ପ୍ରଶାନ୍ତ ମାଝୀ, ସହ-କୋଷାଧ୍ୟକ୍ଷ ଶ୍ରୀକାନ୍ତ ସାହୁ, ବାଇଧର ସାହୁ, ଅରୁଣ ସାହୁ, ଅକ୍ଷୟ ସେନାପତି, ନିରଞ୍ଜନ ରାଉତ ଓ ସଂଘର ଉପଦେଷ୍ଟା ପ୍ରମୋଦ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକର ମୁଖ୍ୟ




ଉଦ୍ଦେଶ୍ୟ ଠିକାଦାର ଭାଇମାନଙ୍କ ମଧ୍ୟରେ ଏକତା, ଶୃଙ୍ଖଳା ଓ କାର୍ଯ୍ୟଗୁଣବତ୍ତା ରକ୍ଷା କରିବା। ଏହି ପରିପ୍ରେକ୍ଷୀରେ ସମସ୍ତ ଠିକାଦାରଙ୍କୁ ସରକାରୀ ଧାର୍ଯ୍ୟ ମୂଲ୍ୟରୁ କମ୍ ଦରରେ କୌଣସି ଟେଣ୍ଡର ପକାଇବାକୁ ନିଷେଧ କରାଯାଇଛି। ସେହିପରି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଭାଇମାନେ ସରକାରୀ ଧାର୍ଯ୍ୟ ମୂଲ୍ୟଠାରୁ ଶତକଡା ୧୦ ଅଧିକ ଦରରେ ଟେଣ୍ଡର ଦାଖଲ କରିବା ପାଇଁ ସମ୍ମତି ସୂଚକ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଉପସ୍ଥିତ ବକ୍ତାମାନେ କହିଥିଲେ ଯେ, ଏପରି ନୀତି ଅନୁସରଣ କରାଗଲେ ଏକ ପଟେ କାର୍ଯ୍ୟର ଗୁଣବତ୍ତା ରକ୍ଷିତ ରହିବ, ଅନ୍ୟ ପଟେ ଠିକାଦାରମାନଙ୍କ ଆର୍ଥିକ ସ୍ଥିତି ମଜବୁତ ହେବ। ସଂଘର ଏହି ସାମୂହିକ ନିଷ୍ପତ୍ତିକୁ ଯଦି କୌଣସି ଠିକାଦାର ଉଲ୍ଲଂଘନ କରନ୍ତି, ତେବେ ସଂଘ ପକ୍ଷରୁ ତାଙ୍କ ବିରୋଧରେ ଶୃଙ୍ଖଳାଗତ ଓ ସଂଗଠନାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରାଯାଇଥିଲା। ଏହି ବୈଠକରେ କଟକ ସଦର ଓ ବାରଙ୍ଗ ଅଞ୍ଚଳର ଶତାଧିକ ଠିକାଦାର ଭାଇମାନେ ଯୋଗଦେଇ ସଂଘର ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ। ଏହା ଦ୍ୱାରା ଅଞ୍ଚଳରେ ଏକ ସୁସ୍ଥ, ସ୍ୱଚ୍ଛ ଓ ଶୃଙ୍ଖଳିତ ଠିକାଦାରୀ ପରିବେଶ ଗଢ଼ିଉଠିବ ବୋଲି ଆଶା ପ୍ରକାଶ ପାଇଛି।

## ସମୀକ୍ଷା ବୈଠକରେ ବିଧାୟକଙ୍କୁ ବିରୋଧ

**ଗୋଲାମୁଣ୍ଡା:ଏକ୍ସପ୍ରେସ୍ ନ୍ୟୁଜ୍**

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକକୁ ଆଜି ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର ରିଭ୍ୟୁ ମିଟିଂ ପାଇଁ ଯାଇଥିଲେ। ଏହି ସମୟରେ ଆଦିବାସୀମାନେ ବିଧାୟକଙ୍କୁ ଘେରିଯିବା ସହିତ ପ୍ରବଳ ବିରୋଧ କରିଥିଲେ। ସୂଚନାଯୋଗ୍ୟ ଯେ ଗତ ବିଜେଡି ସରକାର ସମୟରେ ଗୋଲାମୁଣ୍ଡାଠାରେ ଏମଏସଏମଇ ପାର୍କ ପାଇଁ ଆଦିବାସୀମାନଙ୍କ ଜମି ଅଧିଗ୍ରହଣ କରାଯାଇଥିଲା। ଏହି ଜମିରେ ଆଦିବାସୀମାନେ ଚାଷବାସ କରି ପରିବାର ପ୍ରତିପୋଷଣ କରୁଥିଲେ। କିନ୍ତୁ ସେତେବେଳେର ବିଜେଡି ସରକାର ଏହି ଜମିରେ ପାର୍କ ନିର୍ମାଣ ହେବ ଏବଂ ଆଦିବାସୀମାନଙ୍କୁ ଚାକିରୀ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ହେଲେ ଜମି ନେବାର ଅନେକ ବର୍ଷ ବିତିଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଚାକିରୀ ଦେବାର ତ ଦୂରର କଥା ଆଦିବାସୀଙ୍କ କୌଣସି ସୁବିଧା କଲେ ନାହିଁ। ଯାହା ଫଳରେ ଆଜି ବିଧାୟକ ଗୋଲାମୁଣ୍ଡା ବ୍ଲକକୁ ଆସିଥିବା ବେଳେ ଆଦିବାସୀମାନେ ଏହାର ଜବାବ ମାଗିଥିଲେ। ଅନ୍ୟପକ୍ଷରେ ବିଧାୟକ ମଧ ଲୋକଙ୍କ ପ୍ରଶ୍ନବାଣରେ ଘାଇଲା ହୋଇଥିଲେ।

## ଏସ୍ଏସ୍ଇପିଡିର ପ୍ରମୁଖ ଶାସନ ସଚିବ ଦାୟିତ୍ୱ ଗ୍ରହଣ କଲେ ସୁରେଶ ବଶିଷ୍ଠ



**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଗତକାଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ (ଭା.ପ୍ର.ସେ) ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟଭାର ଗ୍ରହଣ କଲା ପରେ ଶ୍ରୀ ବଶିଷ୍ଠ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଓ ଅଭିଯାନର ସୁଦୃଢ଼ୀକରଣ ଏବଂ ସମନ୍ୱିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ଆର୍ଥିକ ଦୁର୍ବଳ ଓ ଅସହାୟ ଲୋକମାନଙ୍କ ପାଖକୁ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା ଗୁଡ଼ିକର ସୁଫଳ ପହଂଚାଇବା ଉପରେ ମଧ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭାଗର ନିର୍ଦ୍ଦେଶିକା ସୁଶ୍ରୀ ପାରୁଲ ପଟାୱରୀ, ସ୍ୱତନ୍ତ୍ର ଶାସନ ସଚିବ ସୁଶ୍ରୀ ରଜନୀ ଜାନୀ, ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ଜୟଶ୍ରୀ ତ୍ରିପାଠୀ, ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ ଓ ଶ୍ରୀମତୀ ସୋନିଆ ବେହେରାଙ୍କ ସହିତ ବିଭାଗର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଯୌନ ଉତ୍ପୀଡନ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର

**ଜଗତସିଂହପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ 'କାର୍ଯ୍ୟ କ୍ଷେତ୍ରରେ ମହିଳାମାନଙ୍କୁ ହେଉଥିବା ଯୌନ ଉତ୍ପୀଡନ' ସମ୍ବନ୍ଧୀୟ ଆଇନ ବିଷୟରେ ଅବଗତି ନିମନ୍ତେ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ସମ୍ମାନନୀୟ ଅତିଥି ଭାବେ ଅତିରିକ୍ତ ଉପ- ଜିଲ୍ଲାପାଳ ଆଦିକନ୍ଦ ବେହେରା, ବରିଷ୍ଠ ଆଇନଜୀବି ଶାରଦା ପ୍ରସନ୍ନ ଦାସ, ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ବିଷ୍ଣୁପ୍ରିୟା ସେଠୀ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆଜିର ମୁଖ୍ୟ ବିଷୟ ଥିଲା କର୍ମକ୍ଷେତ୍ରରେ ହେଉଥିବା ଯୌନ ଉତ୍ପୀଡନ ଏବଂ ଏହାର କର୍ମୀଙ୍କ ଉପରେ ହେଉଥିବା କୁପ୍ରଭାବ ଏବଂ ଏଥି ସହିତ ସଂଯୁକ୍ତ ନ୍ୟାୟିକ ବ୍ୟବସ୍ଥା ଉପରେ ସମସ୍ତେ ନିଜର ମତ ପ୍ରକାଶ କରିଥିଲେ ଓ ଅତିରିକ୍ତ ଜିଲାପାଳ ସମାଜର ଏହି କୁପ୍ରଥା ଯୋଗୁଁ ହେଉଥିବା କ୍ଷତି ଏବଂ କର୍ମୀମାନଙ୍କ ପ୍ରତି ନିର୍ଯାତନା ବିଷୟରେ ମତ ପ୍ରଦାନ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଯୌତୁକ ଦ୍ୱାରା କିଶୋରି ବାଳିକା ଏବଂ ମହିଳାଙ୍କ ଉପରେ ହେଉଥିବା ନିର୍ଯାତନା ବିଷୟରେ ମତ ରଖିଥିଲେ। ବରିଷ୍ଠ ଆଇନଜୀବୀ ସମସ୍ତ ନ୍ୟାୟିକ ବ୍ୟବସ୍ଥା ବିଷୟରେ ବୁଝାଇଲେ ଏବଂ ସରକାର ଓ ଭାରତୀୟ ନ୍ୟାୟ ସଂହିତାର ଉପଯୁକ୍ତ ପ୍ରାବଧାନ ବିଷୟରେ ଅବଗତ କରାଇଲେ। ଏହି ସଭାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସ୍ୱାଗତ ଭାଷଣ ଓ ଅତିଥିପରିଚୟ ଦେବା ସହିତ ସଭାକୁ ପରିଚାଳନା କରିଥିଲେ। ଉପ ବିଭାଗୀୟ ଅଧିକାରୀ ଶ୍ରୀମତି କବିତା ମୁର୍ମୁ ଧନ୍ୟବାଦ ପ୍ରଦାନ କରିଥିଲେ। ଉକ୍ତ ସଭାରେ ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀମାନେ, ସମସ୍ତ ଅତିରିକ୍ତ ତହସିଲଦାର, ସମନ୍ୱିତ ଶିଶୁ ଓ ମହିଳା ବିକାଶ ଅଧିକାରୀ ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଅଧୀନରେ ଥିବା ସମସ୍ତ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଜାତୀୟ ପାଠଚକ୍ର

**ଖଲ୍ଲିକୋଟ:ଏକ୍ସପ୍ରେସ୍ ନ୍ୟୁଜ୍**

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ଦ୍ୱିଦିବସୀୟ ଜାତୀୟ ପାଠଚକ୍ରର ଆୟୋଜନ କରାଯାଇଛି। ପାଠଚକ୍ରର ପ୍ରଥମ ଦିବସରେ ଉଦଘାଟନୀ ପର୍ବକୁ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ପୁଷ୍ପ ଅର୍ପଣ ପୂର୍ବକ ଉଦଘାଟନ କରିଥିଲେ। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପ୍ରେରଣା ତଥା ମାର୍ଗଦର୍ଶନରେ ଆୟୋଜିତ ଏହି ପାଠଚକ୍ରର ଉଦଘାଟନୀ ପର୍ବ ପ୍ରାରମ୍ଭ ହୋଇଥିଲା ଛାତ୍ର ସୁମନ ଓ ଶକ୍ତିଙ୍କ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନରେ। ପାଠଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍କଳ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ସାମ୍ପ୍ରତିକ ବିଶ୍ୱ ସାହିତ୍ୟ ଓ ଭାରତୀୟ ସାହିତ୍ୟ ଅଦ୍ୟତନ ଧାରା ଉପରେ ଆଲୋକପାତ କରି ସଦ୍ୟତମ ପ୍ରକାଶିତ ଓଡ଼ିଆ ଗଳ୍ପ ସଂକଳନ ଓ ଉପନ୍ୟାସ ସମ୍ପର୍କରେ ଆଲୋଚନା କରିବା ସହ ସେସବୁ ସହିତ ପରିଚିତ ହେବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ। ମୁଖ୍ୟବକ୍ତା ଭାବରେ ଯୋଗଦେଇ ବିଶିଷ୍ଟ ଗାଳ୍ପିକ ରବିନାରାୟଣ ପଣ୍ଡା ସାମ୍ପ୍ରତିକ କଥା




ସାହିତ୍ୟରେ ଧାରା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ପ୍ରଫେସର କୃଷ୍ଣ ଚନ୍ଦ୍ର ପ୍ରଧାନ ଭିତ୍ତି ପ୍ରବନ୍ଧରେ ଏକବିଂଶ ଶତାବ୍ଦୀରେ ଘଟିଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଘଟଣା, ସାହିତ୍ୟରେ ତାର ପ୍ରଭାବ ଓ ପ୍ରତିଫଳନ ସମ୍ପର୍କରେ ଆଲୋଚନା କରିଥିଲେ। ବିଭାଗ ମୁଖ୍ୟ ଡ. ଉଷାରାଣୀ ରଥ ପାଠଚକ୍ରର ଉଦ୍ଦେଶ୍ୟ ଓ ଉପଯୋଗିତା ସମ୍ପର୍କରେ ସୂଚନା ଦେଇ ଏକବିଂଶ ଶତାବ୍ଦୀର କଥା ସାହିତ୍ୟର ନୂତନ ଭାବସ୍ୱର ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ. ମନୋରଞ୍ଜନ ବିଷୋୟୀ ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ଡ. ବନମାଳି ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ବୈଷୟିକ ଅଧିବେଶନରେ ସଭାପତିତ୍ୱ କରିଥିଲେ ପ୍ରଫେସର୍ କୃଷ୍ଣଚନ୍ଦ୍ର ପ୍ରଧାନ। ଏଥିରେ ପ୍ରବନ୍ଧ ଉପସ୍ଥାପକ ଭାବେ ଯୋଗ ଦେଇଥିଲେ ଡ. ହୃଷିକେଶ ପଣ୍ଡା, ଡ. କୁଳମଣି ଓଝା, ଡ. ବନମାଳି ପାଣିଗ୍ରାହୀ ଓ ଶ୍ରୀ ଶ୍ରୀମନ୍ତ ବେହେରା। ପାଠଚକ୍ରର ପରିଚାଳନାରେ ସହଯୋଗ କରିଥିଲେ ସୁଶ୍ରୀ ସ୍ୱର୍ଣ୍ଣଲତା ବିଷୋୟୀ। ଏହି ଉପଲକ୍ଷେ ବିଭାଗର ପ୍ରାଚୀର ପତ୍ର 'ଶାଶ୍ୱତୀ'ର ନବବର୍ଷ ବିଶେଷାଙ୍କଟି ଉନ୍ମୋଚିତ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ ପାଠଚକ୍ରରେ ଉପସ୍ଥାପିତ ପ୍ରବନ୍ଧଗୁଡ଼ିକର ଏକ ସଂକଳନ 'ଏକବିଂଶ ଶତାବ୍ଦୀର ଓଡ଼ିଆ କଥା ସାହିତ୍ୟ: ବ୍ୟାପ୍ତି ଓ ଦୀପ୍ତି' ମଧ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଶତାଧିକ ଛାତ୍ରଛାତ୍ରୀ, ଗବେଷକ ଓ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅବସରରେ ବିଭାଗ ପକ୍ଷରୁ ସୁମନ, ରାଜା, ଓଁକାର, ନନ୍ଦନ, ଅଲିସା, କେ. ମନୀଷା, ପୁଷ୍ପାଞ୍ଜଳି, ସ୍ୱାତୀ, ନର୍ମଦା, ସନ୍ଧ୍ୟା, ଡମ୍ବରୁ, ଗୁଲେକଚନ, ଅଜିତ, ବିଶ୍ୱରଂଜନ, ଶକ୍ତିକାପୁର, ସରୋଜ, ଦୀପକ, ରୋଜା, ଲିପିକା, ଲକ୍ଷ୍ମୀପ୍ରିୟା, ବିଭୂପ୍ରିୟା, ଗୀତା, ସୁମିତ୍ରା, ଜ୍ୟୋସ୍ନା, ସୁମିତ୍ରା ପ୍ରମୁଖ ବହୁ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଜିଲ୍ଲା କଂଗ୍ରେସ କମିଟିର ଏଡିଏମଙ୍କୁ ସ୍ମାରକପତ୍ର

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବରୁ ଉପା ସରକାର ଗରିବଙ୍କୁ କର୍ମ ଦେବା ଉଦ୍ଦେଶ୍ୟରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପ୍ରଣୟନ କରିଥିଲେ। ଏହି ଯୋଜନାରେ ଶ୍ରମିକମାନେ ନିଜ ଅଞ୍ଚଳରେ ବର୍ଷକୁ ୧୦୦ ଦିନର କାମ ନିଶ୍ଚିତ ଭାବରେ ପାଇବାର ପ୍ରାବଧାନ ରହିଥିଲା। ସରକାର ଯଦି ଶ୍ରମିକଙ୍କୁ କାମ ମାଗିବାର ୧୫ ଦିନ ଭିତରେ କାମ ଯୋଗାଇ ନଦେବେ ତେବେ ସେମାନଙ୍କୁ ଭତ୍ତା ପ୍ରଦାନ କରିବାକୁ ନିୟମ ରହିଥିଲା। ଏଥିରେ ଭାରତର କୋଟି କୋଟି ପୁରୁଷ ଓ ମହିଳା ଶ୍ରମିକ ଉପକୃତ ହୋଇଆସୁଥିଲେ। କିନ୍ତୁ ବିଜେପି ସରକାର ଏହି ଯୋଜନାକୁ ପରିବର୍ତ୍ତନ କରି ଭିବିଗ୍ରାମଜୀ ବିଲ ମାଧ୍ୟମରେ ମହାତ୍ମା ଗାନ୍ଧୀଙ୍କ ନାମକୁ ବାଦ ଦେଇ ପୂର୍ବ ଯୋଜନାର ମୂଳ ଲକ୍ଷ୍ୟରୁ ଶ୍ରମିକମାନଙ୍କୁ ବଞ୍ଚିତ କରିଛି। କଂଗ୍ରେସ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ନାମକୁ ପୁନଶ୍ଚ ରଖାଯାଇ ଉକ୍ତ ଯୋଜନାକୁ ଅପରିବର୍ତ୍ତିତ ଦାବିରେ ସରକାରଙ୍କ ନିକଟରେ ବିକ୍ଷୋଭ, ପ୍ରତିବାଦ ସଭା ଓ ସ୍ମାରକପତ୍ର ପ୍ରଦାନ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଇଆସିଛି। ଏହି କ୍ରମରେ ଆଜି ଅଖିଳ ଭାରତ କଂଗ୍ରେସ କମିଟି



ଓ ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ନେତାଗଣ ଭୁବନେଶ୍ୱର ଏଡିଏମଙ୍କ କାର୍ଯ୍ୟାଳୟରେ ଏଡିଏମଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ଏବଂ ପୂର୍ବ ଯୋଜନାକୁ ପ୍ରଣୟନ କରିବାପାଇଁ ପଦକ୍ଷେପ ନେବାକୁ ଦାବି ଉପସ୍ଥାପନ କରିଥିଲେ। ପରେ ଏଡିଏମ ଏ ସମ୍ପର୍କରେ ବିହିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ।

ଆଜିର ଏହି କାର୍ଯ୍ୟକ୍ରମରେ ସୁରେଶ କୁମାର ମହାପାତ୍ର, ଶିବାନନ୍ଦ ରାୟ, କିଶୋର ଜେନା, ବିଶ୍ୱଜିତ ଦାଶ, ପ୍ରଶାନ୍ତ ଚମ୍ପତି, ଅଶୋକ ଦାସ, ଅଭିଳାଷ ମାଣିଆ, ତରୁଣ ମିଶ୍ର, ଅଲୋକ ମହାନ୍ତି, କୃଷ୍ଣଚନ୍ଦ୍ର ପତି, ଚୈତାଳି ପଟ୍ଟନାୟକ, ଶ୍ରୀୟାସ୍ମିତା ପଣ୍ଡା, ଶ୍ରୀୟା ମହାନ୍ତି, ଜୟକୃଷ୍ଣ ସୁବୁଦ୍ଧି, ମିହିର ଆଚାର୍ଯ୍ୟ, ସୂର୍ଯ୍ୟକାନ୍ତ ଜେନା, ମଂଟୁ ମଲ୍ଲିକ, ଗୟାଧର ସିଠା, ରାଜକିଶୋର ବାରିକ, ଦେବାଶିଷ ମିଶ୍ର, ପ୍ରଭାତ ପ୍ରତାପ ସିଂ, ରିଙ୍କୁ ସାମନ୍ତରାୟ, ଜାନକୀ ମଲ୍ଲିକ, ତାପସ ସେଠୀ, ଆତ୍ମାରାମ ପତି, ପ୍ରକାଶ ମହାନ୍ତି, ଖଗେଶ୍ୱର ମଲ୍ଲିକ, ଦେବରାଜ ମିଶ୍ର, ଲଲାଟେନ୍ଦୁ ଦ୍ୱିବେଦୀ, ଉମେଶ ଦାସ, ନାରଣ ଜେନା, ପ୍ରମେଶ ସାହୁ, ଅମିଶା ସାମନ୍ତରାୟ, କଳ୍ପନା ପଣ୍ଡା ପ୍ରମୁଖ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ସଡକ ସୁରକ୍ଷା ସଚେତନତା

**ଭଦ୍ରକ:ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ସଡକ ସୁରକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଓଡିଶା ଗାନ୍ଧୀ ବାଳାଶ୍ରମ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କହିଥିଲେ ଯେ ମଣିଷ ଜୀବନ ଅମୂଲ୍ୟ, ଏଣୁ ଏହାର ସୁରକ୍ଷା ଆମର କର୍ତ୍ତବ୍ୟ ଓ ଦାୟିତ୍ୱ। ଜୀବନ ସୁରକ୍ଷିତ ରହିଲେ ଦେଶ ଓ ଜାତି ହସି ଉଠିବ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍ ଡିଏସ୍ ସହାୟକ, ଡ. ତାପସ କୁମାର ମହାନ୍ତି, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ, ସୁବ୍ରତ କୁମାର ବିଶ୍ୱାଳ, ଏବଂ ସଦସ୍ୟ ପ୍ରଦୀପ୍ତ କର, ଓଡିଶା ଗାନ୍ଧୀ ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ ତଥା ଏହି ଆଶ୍ରମର ସମସ୍ତ ସଦସ୍ୟ ତଥା ଅନ୍ତେବାସୀଗଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ପିଲାମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରା ବାହାରି ସ୍ଲୋଗାନ ମାଧ୍ୟମରେ ସଚେତନ କରଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ ପରିଚାଳନାରେ ସହଯୋଗ କରିଥିଲେ।

## ହୋଲିରେ ସ୍ୱତନ୍ତ୍ର ଟ୍ରେନ୍ ଚାଲିବ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ହୋଲି ଉତ୍ସବ ସମୟରେ ଯାତ୍ରୀମାନଙ୍କ ପାଇଁ ସୁଗମ, ନିରାପଦ ଏବଂ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବା ପାଇଁ, ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରୁ ୬୨ଟି ସ୍ୱତନ୍ତ୍ର ଟ୍ରେନ୍ ଚଲାଇବାକୁ ଯୋଜନା କରିଛି, ଯାହା ଦେଶର ପ୍ରମୁଖ ସହର ଗୁଡ଼ିକୁ ସଂଯୋଗ କରିବ। ପର୍ବପର୍ବାଣି ସମୟରେ ଭାରତୀୟ ରେଳବାଇ ଅଧିକ ସଂଖ୍ୟକ ଟିକେଟ୍ ବୁକିଂର ନଜର ରହିଛି। ଯାହା ଫଳରେ ନିୟମିତ ଟ୍ରେନରେ ଟିକେଟ୍‌ର ଲମ୍ବା ପ୍ରତୀକ୍ଷା ତାଲିକା ଦେଖିବାକୁ ମିଳୁଛି। ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ଭାରତୀୟ ରେଳ ନିୟମିତ ଟ୍ରେନରେ ଅତିରିକ୍ତ କୋଚ୍ ବୃଦ୍ଧି କରାଇବା ବ୍ୟତୀତ ଲୋକପ୍ରିୟ ଗନ୍ତବ୍ୟସ୍ଥଳକୁ ସଂଯୋଗ କରୁଥିବା ବ୍ୟସ୍ତବହୁଳ ମାର୍ଗରେ ଅନେକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି।

ଯୋଜନା କରାଯାଇଥିବା ସ୍ୱତନ୍ତ୍ର ଟ୍ରେନଗୁଡ଼ିକ ସମ୍ବଲପୁର-ଏରୋଡ୍, ବିଶାଖାପାଟଣା-ତିରୁପତି, ବିଶାଖାପାଟଣା-ଏସଏମଭିବି ବେଙ୍ଗାଲୁରୁ, ବିଶାଖାପାଟଣା-ଚାର୍ଲାପାଲି, ବିଶାଖାପାଟଣା-ଶାଲିମାର, ପୁରୀ-ପାଟନା, ପୁରୀ-ଉଧନା, ଭୁବନେଶ୍ୱର-ଯଶବନ୍ତପୁର ଏବଂ ଭୁବନେଶ୍ୱର-ଧାନବାଦ ସମେତ ପ୍ରମୁଖ ସ୍ଥାନଗୁଡ଼ିକୁ ସଂଯୋଗ କରିବ, ଯାହା ଯାତ୍ରୀଙ୍କ ଚାହିଦାରେ ଆଶା କରାଯାଇଥିବା ବୃଦ୍ଧିକୁ ପୂରଣ କରିବ।

ପୂର୍ବତଟ ରେଳପଥ, ସକ୍ରିୟ ଯୋଜନା ଏବଂ ସୁଦୃଢ଼ ପରିଚାଳନା ପ୍ରସ୍ତୁତି ମାଧ୍ୟମରେ, ବିଶେଷ କରି ପ୍ରମୁଖ ପର୍ବପର୍ବାଣୀ ସମୟରେ, ନିରାପଦ, ଦକ୍ଷ ଏବଂ ଯାତ୍ରୀ-ଅନୁକୂଳ ସେବା ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ। ଯାତ୍ରୀମାନେ ଆଇଆରସିଟିସି ୱେବସାଇଟ୍ ଅନୁସରଣ କରି କିମ୍ବା ମୋବାଇଲ୍ ଆପ୍ ଯେମିତିକି ରେଲ୍ ୱାନ୍ ଆପ୍ ମାଧ୍ୟମରେ ଟିକେଟ ବୁକ୍ କରି କିମ୍ବା ପିଆରଏସ କାଉଣ୍ଟରରୁ ଟିକେଟ ବୁକ୍ କରିବା ସହ ଅନଲାଇନରେ ସେମାନଙ୍କର ଟିକେଟ ବୁକ୍ କରିପାରିବେ।

**FOR SALE OF INDUSTRIAL SHED & LAND**

**(IN AND AROUND BHUBANESWAR CITY)**

**Prime Location:** Situated next to NH5, **Property Type:** Industrial Shed and Land, **Plot Size:** 33000 sq.ft., **Built-up Area:** 15,000 sq. ft above.

**Power:** Connected Power of 48kW with Generator backup.
**Facilities:** Includes a Factory shed, Office Building, Canteen, Washrooms & Security room.

**Interested parties may contact:**
**Email: archanabangalore05@gmail.com / Mob.: 9187502902**

## ଇବ୍‌ରେ ଉତ୍ପାଦନ ବାଧାପ୍ରାପ୍ତ ଲାଗି ଟାରିଫ ବୃଦ୍ଧି ଘଟୁଛି: ଓଇଆର୍‌ସି

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଝାରସୁଗୁଡାରେ ଥିବା ଇବ ତାପଜ ବିଦ୍ୟୁତ କେନ୍ଦ୍ରର ପ୍ରଥମ ପର୍ଯ୍ୟାୟର ୪୨୦ ମେଗାୱାଟ ବିଦ୍ୟୁତ ଉତ୍ପାଦନ ହେଉଥିବା ବିଦ୍ୟୁତର ମୂଲ୍ୟ ଧାର୍ଯ୍ୟ ପାଇଁ ଆଜି ଚତୁର୍ଥ ଦିନରେ ଓପିଜିସି ଦାଖଲ କରିଥିବା ଦରଖାସ୍ତ ଉପରେ ଓଇଆରସି କାର୍ଯ୍ୟାଳୟରେ ଜନଶୁଣାଣୀ ହୋଇଯାଇଛି। ଓପିଜିସି ତରଫରୁ ଅର୍ଥ ନିର୍ଦ୍ଦେଶକ ଗଗନ ବିହାରୀ ସ୍ୱାଇଁ ଓ ସାଧାରଣ ପରିଚାଳକ ହରେଶ ତ୍ରିପାଠୀ କହିଲେ, ଆସନ୍ତା ବର୍ଷରେ ଫିକ୍ସଡ ଚାର୍ଜ ବାବଦକୁ ୟୁନିଟ ପିଚ୍ଛା ୯୯.୯୨ ପଇସା ଓ ଏନର୍ଜି ଚାର୍ଜ ପାଇଁ ୧୫୭.୪୮ ପଇସା ଖର୍ଚ୍ଚ ହେବ। ସେହିପରି ପ୍ରଥମ ପର୍ଯ୍ୟାୟରୁ ୨୭୫୫ ନିୟୁତ ୟୁନିଟ ଗ୍ରୀଡ୍‌କୋକୁ ବିକ୍ରି କରିବ। ଆସନ୍ତା ବର୍ଷପାଇଁ ସମୁଦାୟ ଫିକ୍ସଡ ଚାର୍ଜ ୨୮୨.୫୧ କୋଟି ଟଙ୍କା ଓ ଅନ୍ୟାନ ଖର୍ଚ୍ଚ ୩୬.୦୧ କୋଟି ଟଙ୍କା ଆକଳନ ହୋଇଛି। ଓଇଆରସି ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା କହିଥିଲେ, ଇବ ଶକ୍ତିକେନ୍ଦ୍ର ବାରମ୍ବାର ବନ୍ଦ ରହିବା ଦ୍ୱାରା ବିଦ୍ୟୁତ ଉତ୍ପାଦନ ପ୍ରବଳ ବାଧାପ୍ରାପ୍ତ ହେଉଛି ଏବଂ ସେଥିପାଇଁ ରାଜ୍ୟ ପ୍ରଚୁର ଶସ୍ତା ବିଦ୍ୟୁତ ହରାଉଛି। ତାହାକୁ ଭରଣା କରିବା ପାଇଁ ଗ୍ରୀଡ୍‌କୋ ଚଢ଼ା ଦରରେ କେନ୍ଦ୍ରୀୟ ସଂସ୍ଥା ଠାରୁ ବିଦ୍ୟୁତ କ୍ରୟ କରୁଛି ଯାହାର କୁପ୍ରଭାବରେ ଖୁଚୁରା ବିଦ୍ୟୁତ ମୂଲ୍ୟ ଅକାରଣେ ବୃଦ୍ଧି ପାଉଛି। ଓପିଜିସିର ଏପରି ଅପାରଗତା ଉପରେ ଓଇଆରସି ଅଧ୍ୟକ୍ଷ ଶ୍ରୀ ଜେନା ପ୍ରବଳ ଅସନ୍ତୋଷ ବ୍ୟକ୍ତ କରି ତାହାର ସମାଧାନ ପାଇଁ ଶକ୍ତି ବିଭାଗ ତରଫରୁ ଉପସ୍ଥିତ ଥିବା ସୋନାଲୀ ପଟ୍ଟନାୟକଙ୍କୁ ୭ ଦିନ ଭିତରେ ଏକ ସତ୍ୟପାଠ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଲେ। ଆୟୋଗଙ୍କ ପକ୍ଷରୁ ନିଯୁକ୍ତ ପାଇଥିବା ଉପଭୋକ୍ତା ପରାମର୍ଶଦାତା ଡେଲୋଏଟ କମ୍ପାନୀ ଓପିଜିସି ଟାରିଫ ଦରଖାସ୍ତକୁ ସମୀକ୍ଷା କରି ମତାମତ ଉପସ୍ଥାପନ କଲେ।

ଆଭାସୀ ମାଧ୍ୟମରେ ଉପସ୍ଥିତ ଥିବା ଆପତ୍ତିକର୍ତ୍ତା ତଥା ସାମାଜିକ କର୍ମୀ ବାସୁଦେବ ଭଟ୍ଟ କହିଲେ କେନ୍ଦ୍ରୀୟ ନୀତି ଅନୁସାରେ କୋଇଲାର ଆଂଶିକ ବିକଳ୍ପ ଭାବେ ଅତି କମରେ ୭% ବାୟୋମାସ୍ ପେଲେଟ୍ ଓପିଜିସି ବ୍ୟବହାର କରୁ। ଶକ୍ତିକେନ୍ଦ୍ରରୁ ବାହାରୁଥିବା ପାଉଁଶକୁ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରାଯାଉ। ନିଷ୍କ୍ରିୟ ହୋଇଯାଇଥିବା ଓପିଜିସିର ପ୍ରାୟ ୫ଟି ମିନି-ହାଇଡେଲ ପ୍ରୋଜେକ୍ଟଗୁଡ଼ିକୁ ପୁନର୍ଜୀବିତ କରି ଶୁଦ୍ଧ ଜଳବିଦ୍ୟୁତ୍ ଉତ୍ପାଦନ କରିବାକୁ ଅନୁରୋଧ କରିଛନ୍ତି। ଗ୍ରୀଡ୍‌କୋ ତରଫରୁ ଉପସ୍ଥିତ ଥିବା ବାଣିଜ୍ୟ ନିର୍ଦ୍ଦେଶକ ଦେବାଶିଷ ଦାସ ବହୁ-ବର୍ଷୀୟ ଟାରିଫ ନୀତି ଲାଗୁ କରିବା ସପକ୍ଷରେ ଯୁକ୍ତି ଉପସ୍ଥାପନ କାଲେ। ଜନଶୁଣାଣିରେ ଉପସ୍ଥିତ ଥିବା ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଥିଲେ ଯେ ଇବ ଶକ୍ତିକେନ୍ଦ୍ର ଓଡିଶାର ଏକ-ତୃତୀୟାଂଶ ବିଦ୍ୟୁତ ଚାହିଦା ପୂରଣ କରୁଥିବା ବେଳେ ପ୍ଲାଣ୍ଟକୁ ବାରମ୍ବାର ବନ୍ଦ କରିବା ଦ୍ୱାରା ପ୍ରବଳ ବିଦ୍ୟୁତ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଓପିଜିସି ତଥ୍ୟରୁ ଜଣାପଡିଛି, ଏପ୍ରିଲ ୨୦୨୦ରୁ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ୬୬ ମାସ ମଧ୍ୟରେ ଇବ ଶକ୍ତିକେନ୍ଦ୍ରର ୪ଟି ଟର୍ବାଇନ୍ ଜେନେରେଟରର ୨୨୦ ଥର ବନ୍ଦ ହୋଇଛି। ଗୋଟେ ଟର୍ବାଇନ୍ ଜେନେରେଟର ବର୍ଷକୁ ହାରାହାରି ୧୦ ଥର ବନ୍ଦ ହୋଇ ଦେଶର ଅନ୍ୟ ତାପଜ ବିଦ୍ୟୁତ କେନ୍ଦ୍ର ତୁଳନାରେ ସର୍ବାଧିକ ହୋଇଛି। ସେଥିପାଇଁ ବିଦ୍ୟୁତ ଉତ୍ପାଦନ ଗତ ୬୬ ମାସରେ ୯୮୬୫ ନିୟୁତ ୟୁନିଟ ହ୍ରାସ ପାଇ ୩୪୫୨ କୋଟି ଟଙ୍କା ରାଜସ୍ୱ ହରାଇଛି। ଗ୍ରୀଡ୍‌କୋ ଚଢ଼ା ଦରରେ କେନ୍ଦ୍ରୀୟ ସଂସ୍ଥା ଠାରୁ ବିଦ୍ୟୁତ କ୍ରୟ କରିବା ଫଳରେ ଖୁଚୁରା ବିଦ୍ୟୁତ ମୂଲ୍ୟ ବୃଦ୍ଧି ଘଟୁଛି। ଏପରି ପରିଚାଳନା ବିଭ୍ରାଟ ପାଇଁ ଟର୍ବାଇନ୍ ପରମାୟୁ ୨୫ ବର୍ଷ ଉପରେ ଆଶଙ୍କା ଦେଖାଦେଲାଣି। ଶୀଘ୍ର ସମାଧାନ କରାନଗଲେ ଓଡିଶାରେ ଆଗକୁ ଶକ୍ତି ସଙ୍କଟ ଦେଖାଯିବ ବୋଲି ଆୟୋଗଙ୍କୁ ଚେତାଇ ଦେଇଛନ୍ତି। ସେହିପରି କୋଇଲା ଉପରେ ଜିଏସଟି କ୍ଷତିପୂରଣ ସେସ ପ୍ରତ୍ୟାହାର ହୋଇଯିବା ଦ୍ୱାରା ଓପିଜିସି କୋଇଲା ମୂଲ୍ୟ ଅତିକମରେ ଟନ ପିଛା ୨୦୦ ଟଙ୍କା ହ୍ରାସ ପାଇଥିଲେ ବି ଓପିଜିସି ତାହାର ଲାଭ ଉପଭୋକ୍ତାଙ୍କୁ ଦେଇନାହିଁ।

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 7th February, 2026 Saturday | RNI Regd. No. ODIODI/2006/23033 | Postal Regd. No. : BN/169/13-15

### ଭୟାଳୁ ପତି




ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା ଚରମ ସୀମାରେ ପହଞ୍ଚିଥିଲା । ସ୍ୱାମୀ ଏତେବେଳକୁ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀଙ୍କୁ କହିଲେ- ତମେ କ'ଣ ଭାବୁଛ ମୁଁ ତୁମକୁ ଡରିଛି ।

ସ୍ତ୍ରୀ କହିଲେ- ଏଥିରେ ସନ୍ଦେହ ଅଛି ? ଅତୀତକୁ ଟିକେ ମନେ ପକାଅ । ୪/୫ଜଣଙ୍କୁ ସାଙ୍ଗରେ ନେଇ ମତେ ଦେଖିବାକୁ ଆସିଥିଲ । ଆଉ ମତେ ତମ ଘରକୁ ନେବାବେଳେ ତମ ସହିତ ୧୦୦ରୁ ଅଧିକ ଲୋକ ନେଇକି ଆସିଥିଲ । ମୁଁ କିନ୍ତୁ ଏକୁଟିଆ ତମ ଘରକୁ ଯାଇଥିଲି । ଫୁଟାଣି କ'ଣ ମାରୁଛ ? ତମ ଭଳି ଛେରୁଆ କିଏ ଅଛି ?

# କୋର୍ଟକୁ ପୁଣି ମିଳିଲା ବୋମା ଧମକ

**କଟକ,୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟର ବିଭିନ୍ନ ଜିଲ୍ଲା କୋର୍ଟକୁ ଶୁକ୍ରବାର ପୂର୍ବାହ୍ନରେ ବୋମାରେ ଉଡ଼ାଇ ଦେବା ପାଇଁ ଧମକ ମିଳିଥିଲା । ଅଜଣା ବ୍ୟକ୍ତିଙ୍କ ଧମକପୂର୍ଣ୍ଣ ଇମେଲ ମିଳିବା ପରେ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା । କଟକ, ପୁରୀ ଓ ଫୁଲବାଣୀ ଜିଲ୍ଲା କୋର୍ଟ ପରିସରରେ ହାଇ ଆଲର୍ଟ ଜାରି କରାଯାଇଥିଲା । ଘଟଣା ସ୍ଥଳରେ ଡଗ ସ୍କ୍ୱାର୍ଡ଼, ଆଣ୍ଟି ବମ ସ୍କ୍ୱାର୍ଡ଼ ସହିତ ବ୍ୟାପକ ପୋଲିସ ମୃତୟନ କରାଯାଇ ତଲାସୀ ଆରମ୍ଭ କରାଯାଇଥିଲା । ମେଟାଲ ଡିଟେକ୍ଟର ଓ ସନ୍ଧାନୀ କୁକୁର ଜରିଆରେ ଯାଂଚ କରାଯାଇଥିଲା । ଏପରି ଧମକ ମିଳିବା ପରେ କୋର୍ଟ ପରିସରକୁ ଖାଲି କରାଯିବା ସହ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା । ବୋମା ଧମକ ପରେ କୋର୍ଟ ପରିସରରେ ଭୟର ବାତାବରଣ ଖେଳି ଯାଇଥିଲା । ଫଳରେ କିଛି ସମୟ ପାଇଁ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା ।

କଟକ ଜିଲ୍ଲା ଜଜକୋର୍ଟକୁ ଶୁକ୍ରବାର ପୂର୍ବାହ୍ନରେ ବୋମା ଧମକ ଆସିଥିଲା । କୋର୍ଟକୁ ଉଡାଇଦେବାକୁ ଅଜଣା ଇମେଲରେ ଧମକ ଆସିଥିଲା । ଧମକ ମିଳିବା ପରେ କୋର୍ଟ ପରିସରକୁ ଖାଲି କରି ଦିଆଯାଇଥିଲା । ଏହା ପରେ ବୋମା ନିଷ୍କ୍ରିୟକାରୀ ଦଳ ଦ୍ୱାରା ତଲାସୀ କାର୍ଯ୍ୟ ଆରମ୍ଭ ହୋଇଥିଲା । ସମସ୍ତ କର୍ମଚାରୀ, ଓକିଲ ଓ ମହକିଲ କୋର୍ଟ ପରିସରରୁ ବାହାରି ଆସିଥିଲେ । ଘଟଣା ସ୍ଥଳରେ ଆଣ୍ଟି ବମ ସ୍କ୍ୱାର୍ଡ଼ ସହ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହା ପରେ କୋର୍ଟ ପରିସରରେ ତନାଘନା ଚାଲିଥିଲା । ମେଟାଲ ଡିଟେକ୍ଟର ଓ ସନ୍ଧାନୀ କୁକୁର ଜରିଆରେ କୋର୍ଟ ପରିସରକୁ ତନତନ କରି ଯାଂଚ କରାଯାଇଥିଲା । ଡଗ ସ୍କ୍ୱାର୍ଡ଼, ବମ ସ୍କ୍ୱାର୍ଡ଼ ଓ ପୋଲିସର ଛାନଭିନ ପରେ କିଛି ନ ମିଳିବାରୁ ଅପରାହ୍ନ ୧ଟା ପରେ କୋର୍ଟ କାର୍ଯ୍ୟ ସ୍ୱଭାବିକ ହୋଇଥିଲା । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗତ ୧ ମାସ ମଧ୍ୟରେ ଏହା ଦ୍ୱିତୀୟ ଧମକ ଘଟଣା । ବାରମ୍ବାର ଏଭଳି ମିଥ୍ୟା ଧମକ କୋର୍ଟକୁ ଆସୁଥିବାରୁ ଆଇନଜୀବି, କର୍ମଚାରୀ ଓ ସାଧାରଣ ଜନସାଧାରଣଙ୍କ ମନରେ ଗଭୀର ଚିନ୍ତା ପ୍ରକଟ ହୋଇଛି । ଧମକ ଦେଉଥିବା ବ୍ୟକ୍ତି ବା ଗୋଷ୍ଠୀକୁ ଶିଘ୍ର ଚିହ୍ନଟ କରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଇନଜୀବିମାନେ ମତପୋଷଣ କରିଛନ୍ତି । ବାରଂବାର ଆସୁଥିବା ବୋମା ଧମକ କେବଳ ସୁରକ୍ଷା ପାଇଁ ଚାଲେଂଜ ନୁହେଁ, ବରଂ ସାଧାରଣ ଲୋକଙ୍କ ମନରେ ଭୟ ସୃଷ୍ଟି କରିଥିବାରୁ ସଂପ୍ରତି ଏହା ଗମ୍ଭୀର ବିଷୟ ଭାବେ ଉଭା ହୋଇଛି । ତେବେ ଏଭଳି ସମ୍ବେଦନଶୀଳ ଘଟଣାକୁ ରୋକିବାରେ ରାଜ୍ୟ ଗୁଇନ୍ଦା ବିଭାଗ ସଂପୂର୍ଣ୍ଣ ଫେଲ ମାରିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏଭଳି ଘଟଣାକୁ ଜାତୀୟ ତଦନ୍ତକାରୀ ସଂସ୍ଥା ଦ୍ୱାରା ତଦନ୍ତ କରାଇବା ଉଚିତ ବୋଲି ବରିଷ୍ଠ ଆଇନଜୀବିମାନେ ମତବ୍ୟକ୍ତ କରିଛନ୍ତି । ଏଭଳି ଘଟଣାରେ ଆତଙ୍କିତ ହୁଅନ୍ତୁ ନାହିଁ, ମେଲ ସୋର୍ସ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଡ଼ଭୋକେଟ ଜେନେରାଲ କହିଛନ୍ତି ।



ସୂଚନାଯୋଗ୍ୟ, ଗତ ଜାନୁଆରୀ ୮ ତାରିଖରେ ବୋମା ଧମକ ରାଜ୍ୟର ୩ଟି କୋର୍ଟକୁ ଆସିଥିଲା । କଟକ ସମ୍ବଲପୁର ଓ ଦେବଗଡ଼ ଜିଲ୍ଲା ଦୌରା ଜଜକୋର୍ଟ ବୋମା ଧମକ ଆସିଥିଲା । ସେତେବେଳେ ଏହି ଘଟଣାକୁ ନେଇ ପୋଲିସ ଓ ସରକାରୀ କଳ ସମସ୍ତେ ତତ୍ପର ହୋଇଉଠିଥିଲେ । ଶେଷରେ ଏହା ଏକ ଗୁଜବ ସୃଷ୍ଟିକାରୀ ଇମେଲ ଥିଲା ବୋଲି ସ୍ପଷ୍ଟ ହୋଇଥିଲା ।

**ନିଶା ମହାରଣାକୁ ସର୍ତ୍ତମୂଳକ ଜାମିନ**

କଟକ, ୬/୨ : ଆଇଟମ ଗାର୍ଲ ନିଶା ମହାରଣାଙ୍କୁ ଆଶ୍ୱସ୍ତି । ବଲାଙ୍ଗୀର ଯାତ୍ରା ମଂଚରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିବା ଘଟଣାରେ ନିଶା ମହାରଣାଙ୍କୁ ଆଗୁଆ ଜାମିନ ମିଳିଛି । ୨୦ହଜାର ଟଙ୍କାର ଜାମିନଦାର ବଦଳରେ ନିଶାଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଆଗୁଆ ଜାମିନ ମିଳିଛି । ତେବେ ଜାମିନ ପ୍ରଦାନ ଲାଗି ନିମ୍ନ ଅଦାଲତ ସର୍ତ୍ତ ରଖିପାରିବେ ବୋଲି ହାଇକୋର୍ଟ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି ।

ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନକୁ ନେଇ ବଲାଙ୍ଗୀର ସଦର ଥାନା ପୋଲିସ ନିଜ ଆଡୁ ନିଶାଙ୍କ ନାଁରେ ମାମଲା ରୁଜୁ କରିଥିଲା । ଏହି ଘଟଣାରେ ୨ ଆୟୋଜକଙ୍କୁ ପୋଲିସ ଗିରଫ କରିଥିଲା । ଗିରଫ ଭୟରେ ନିଶା ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ । ସୂଚନା ଯୋଗ୍ୟ ଗତ ୧୨ ତାରିକରେ ବଲାଙ୍ଗୀର ଜିଲ୍ଲା ଚନ୍ଦନଭାଟିରେ ନିଶା ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିଥିଲେ । ଯାହାକୁ ନେଇ ସଦର ଥାନାରେ ଏକ ମାମଲା ରୁଜୁ ହୋଇଥିଲା ।

## ରେଳ ବଜେଟରେ ମେଟ୍ରୋ ପ୍ରକଳ୍ପକୁ ଅବହେଳା
# ବିଜେଡିର ଆନ୍ଦୋଳନ ଧମକ

**କଟକ,୬।୨ : ଏକ୍ସପ୍ରେସ୍ ନ୍ୟୁଜ୍**

୨୦୨୬ ରେଳ ବଜେଟରେ କଟକ-ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପକୁ କେନ୍ଦ୍ର ବଜେଟରେ ସଂଯୋଗ କରିବାକୁ କଟକ ବିଜୁ ଜନତା ଦଳ ପକ୍ଷରୁ ଦାବି କରାଯାଇଛି । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ମେୟର ସୁବାସ ସିଂହ ମେଟ୍ରୋ ପ୍ରକଳ୍ପକୁ ତୁରନ୍ତ ବ୍ୟୟ ବରାଦ କରାଯାଇ କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରିଛନ୍ତି । ଶ୍ରୀ ସିଂହ କହିଛନ୍ତି ୨୦୨୩ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ଅର୍ଥ ବ୍ୟୟ ବରାଦ କରାଯାଇ ଜାନୁଆରୀ ୧ ତାରିଖ ୨୦୨୪ ମସିହାରେ ତ୍ରିଶୂଳିଆ ଠାରେ ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇଥିଲା । ୪ ବର୍ଷ ମଧ୍ୟରେ କାର୍ଯ୍ୟ ଶେଷ ହେବାକୁ ସମୟ ଧାର୍ଯ୍ୟ କରାଯାଇଥିଲା । ଦିଲ୍ଲୀ ମେଟ୍ରୋ ରେଳ ନିଗମ ଏହି କାର୍ଯ୍ୟ କରିବାକୁ ଟେଣ୍ଡର ପାଇଥିଲା । କଟକ ବଡ଼ ମେଡ଼ିକାଲ, ନେତାଜୀ ବସ ଟରମିନାଲ ଓ ରାଜ୍ୟ ଉଚ୍ଚ ନ୍ୟାୟାଳୟ ଦେଇ ଭୁବନେଶ୍ୱର ବିମାନ ବନ୍ଦର ପର୍ଯ୍ୟନ୍ତ ମେଟ୍ରୋ ରେଳ ଚଳାଚଳ କରିଥାନ୍ତା । ପ୍ରାରମ୍ଭରେ ୩ଟି କୋଚ ସହିତ ୧୩ଟି ଟ୍ରେନ ଦୈନିକ ଏକ ଲକ୍ଷ ଯାତ୍ରୀଙ୍କୁ ସେବା ଯୋଗାଇ ଦେବାକୁ ଆକଳନ କରାଯାଇଥିଲା । ୩୧୩କୋଟି ଟଙ୍କା ବ୍ୟୟ କରାଯାଇ ଦେଢ଼ ବର୍ଷ ଯାଏ କାମ ଚାଲିଥିଲା । ପରେ ମଝିରୁ ଏହାକୁ ବନ୍ଦ କରି ଦିଆଯାଇଥିଲା । ତେବେ ୨୦୨୪ରେ ନୂଆ ବିଜେପି ସରକାର ଆସିଲା ପରେ ଏହି ପ୍ରକଳ୍ପକୁ ବାତିଲ କରି ଦିଆଯାଇଥିଲା ବୋଲି ଶ୍ରୀ ସିଂହ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ । ବୃହତ୍ତମ ଭାବରେ ଏହି ମେଟ୍ରୋ ପ୍ରକଳ୍ପକୁ କରାଯିବା ସଂଗେ ସଂଗେ କେନ୍ଦ୍ରୀୟ ଅନୁଦାନ ଦିଆଯିବାକୁ କୁହାଯାଇଥିଲା । ଅପର ପକ୍ଷରେ ୨୦୨୬ କେନ୍ଦ୍ରୀୟ ରେଳ ବଜେଟରେ ମେଟ୍ରୋ ଯୋଜନା ସ୍ଥାନ ନ ପାଇବା ଏକ ବଡ଼ ପ୍ରତାରଣା ବୋଲି ବିଜେଡ଼ିର ବରିଷ୍ଠ ନେତା ତଥା ମେୟର ଶ୍ରୀ ସିଂହ କହିଛନ୍ତି । କେନ୍ଦ୍ରୀୟ ବଜେଟରେ ମେଟ୍ରୋ ରେଳ ପରିକଳ୍ପନାର ବ୍ୟୟ ବରାଦ କରାଯିବା ସଂଗେ ସଂଗେ ରାଜ୍ୟ ସରକାର ତୁରନ୍ତ ଟେଣ୍ଡର କାମ ସମାପ୍ତ କରି ମେଟ୍ରୋ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ କରିବାକୁ କଟକ ବିଜେଡ଼ି ପକ୍ଷରୁ ଦାବି କରି ଆସନ୍ତା ଫେବୃଆରୀ ୮ ତାରିଖ ଦିନ ସକାଳ ୯ଘଟିକା ସମୟରେ ସ୍ଥାନୀୟ ବାରବାଟୀ ଷ୍ଟାଡ଼ିୟମ ଛକ ସ୍ଥିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ବିଜେଡ଼ି ପକ୍ଷରୁ ଧାରଣା ଓ ଆନ୍ଦୋଳନ କରାଯିବାକୁ ଆହ୍ୱାନ ଦିଆଯାଇଛି ବୋଲି ଶ୍ରୀ ସିଂହ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ କଟକ ଜିଲ୍ଲା ବିଜୁ ଜନତା ଦଳ ସଭାପତି ପ୍ରଫୁଲ୍ଲ ସିଂହ ଉପସ୍ଥିତ ଥିଲେ ।

## ନିରଞ୍ଜନଙ୍କ ଘରୁ ଲୁଟ୍ ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ଭୁବନେଶ୍ୱର,୬।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଲୁଟ୍ ମାମଲାରେ ନିର୍ଦ୍ଦୋଷରେ ଖଲାସ ହେଲା ଲୁଟେରା ସ୍ପାଇଡର୍ ସତୀଶ ରେଡ୍ଡି। ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ସତୀଶ ରେଡ୍ଡିଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି କୋର୍ଟ। ଭୁବନେଶ୍ୱର ଜେଏମଏଫସି ୩ କୋର୍ଟ ପକ୍ଷରୁ ସ୍ପାଇଡର ସତୀଶକୁ ନଟ୍ ଫାଉଣ୍ଡ ଗିଲ୍ଟି କରି ନିର୍ଦ୍ଦୋଷରେ ଖଲାସ କରାଯାଇଛି। ୨୦୨୫ ମସିହା ଜାନୁଆରୀ ୨୬ ତାରିଖରେ ନିରଞ୍ଜନଙ୍କ ନୟାପଲ୍ଲୀ ସ୍ଥିତ ଘରୁ ଚୋରି ହୋଇଥିଲା। ସୁନା ଗହଣା ସହ କିଛି ନଗଦ ଅର୍ଥ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। କମିଶନରେଟ ପୋଲିସ ତଦନ୍ତର ଦିଗ ଆଗକୁ ବଢ଼ାଇବା ସହ ସିସିଟିଭି ଫୁଟେଜ ଯାଞ୍ଚ ଆଧାରରେ ସ୍ପାଇଡର୍ ସତୀଶ ରେଡ୍ଡିକୁ ଗିରଫ କରିଥିଲା। ତେବେ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ସ୍ପାଇଡର ସତୀକୁ ଆଜି ଭୁବନେଶ୍ୱର ଜେଏମଏଫସି କୋର୍ଟ-୩ ଦୋଷମୁକ୍ତ କରିଛନ୍ତି। ଗତବର୍ଷ ଏପ୍ରିଲ ୨୫ରେ ଚାର୍ଜସିଟ ଦାଖଲ ହୋଇଥିଲା। ସତୀଶ ବିରୋଧରେ ୩୪ଟି କେସ ଥିବା ସେତେବେଳେ କୁହାଯାଇଥିଲା। କିନ୍ତୁ ଫିଲ୍ମ ଷ୍ଟାଇଲରେ ଚିତ୍ରଣ କରାଯାଇଥିବା ଏହି କେସ ଗୁଡିକର ପ୍ରମାଣ କୋର୍ଟଙ୍କ ନିକଟରେ ଦାଖଲ କରିପାରିନଥିଲା ପୋଲିସ। ଯେଉଁଥିପାଇଁ ପୋଲିସର ତଦନ୍ତ ପ୍ରକ୍ରିୟାକୁ ଭର୍ତ୍ସନା କରିଛନ୍ତି କୋର୍ଟ।

## ଏପ୍ରିଲ୍‌ରେ ପାଳନ ହେବ ଓଡ଼ିଆ ପକ୍ଷ

**ଭୁବନେଶ୍ୱର,୬।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା ଦିବସରୁ ଓଡିଆ ପକ୍ଷ ସଂସ୍କୃତି ମୁଖର ହୋଇଉଠିବ ଗାଁରୁ ସହର। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସାରା ରାଜ୍ୟରେ ପାଳନ ହେବ ଓଡିଆ ପକ୍ଷ। ଏପ୍ରିଲ ୧ ଓଡିଶା ଦିବସ ଠାରୁ ଏପ୍ରିଲ ୧୪ ଓଡିଆ ନବବର୍ଷ ପର୍ଯ୍ୟନ୍ତ ଏହି ପକ୍ଷ ପାଳନ ହେବ। ଏପ୍ରିଲ ୧ରୁ ୧୪ ପର୍ଯ୍ୟନ୍ତ ଚାଲିବ ସ୍ୱତନ୍ତ୍ର ଲୋଗୋ ଓ ୱେବ୍‌ସାଇଟ୍ ସାମିଲ ହେବେ ପ୍ରବାସୀ ଓଡିଆ, ଉପାନ୍ତରେ ବିଭିନ୍ନ କାର୍ଯ୍ୟକ୍ରମ।

ଗତବର୍ଷ ପ୍ରଥମଥର ପାଳିତ ହୋଇଥିବା ଏହି ପକ୍ଷକୁ ଚଳିତ ବର୍ଷ ଅଧିକ ଭବ୍ୟ ରୂପେ ପାଳନ ଲାଗି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ବସିଥିଲା। ବିଭିନ୍ନ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ଆୟୋଜନ ଏବଂ ଲୋକଙ୍କ ସାମିଲ ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ। ଓଡିଶା ଦିବସ, ଖଡିଛୁଆଁ ଦିବସ, ପାରମ୍ପରିକ ପୋଷାକ ଦିବସ, ବର୍ଣ୍ଣ ଦିବସ, ଲୋକକଳା ଦିବସ, ପାରମ୍ପରିକ ଖାଦ୍ୟ ଦିବସ, ସ୍ୱଚ୍ଛତା ଦିବସ, ରକ୍ତଦାନ ଅଭିଯାନ, ଓଡିଆରେ ନାମ ଫଳକ ଅଭିଯାନ, ଐତିହ୍ୟ ଗଣଟିଡ, ଯୁବ ଲେଖକ ସମ୍ମିଳନୀ ଓ ବରପୁତ୍ରଙ୍କ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଓଡିଆ ପକ୍ଷ ପାଇଁ ସ୍ୱତନ୍ତ୍ର ଲୋଗୋ ପ୍ରସ୍ତୁତି ସହ ସ୍ୱତନ୍ତ୍ର ୱେବ୍‌ସାଇଟ୍ ନିର୍ମାଣ କରାଯିବ। କୁଇଜ୍ ପ୍ରତିଯୋଗିତା କରାଯାଇ ଡିଜିଟାଲ୍ ପ୍ରମାଣପତ୍ର ଦିଆଯିବ। ଏଥର ପ୍ରବାସୀ ଓଡିଆମାନଙ୍କୁ ସାମିଲ ପାଇଁ ଯୋଜନା ରହିଛି। ଯୁବପିଢ଼ି ଏବଂ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ମଧ୍ୟ ସମସ୍ତ କାର୍ଯ୍ୟକ୍ରମରେ ଯୋଡି ହେବେ। ଉପାନ୍ତ ଅଞ୍ଚଳରେ ଓଡିଆ ସାହିତ୍ୟ ଓ ସଂସ୍କୃତିକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡିଆ ଘରର ଚାଲିଚଳଣି, ଗାଥା ଗୌରବ, ପରମ୍ପରାକୁ ବିଶ୍ୱବିଦିତ କରିବା ଓଡିଆ ପକ୍ଷ ପାଳନର ମୂଳ ଲକ୍ଷ୍ୟ। ଏନେଇ ସରକାରଙ୍କ ବିଭିନ୍ନ ବିଭାଗ ସହଯୋଗରେ ବ୍ଲକ୍‌ରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ ଲାଗି ସଂସ୍କୃତି ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରସ୍ତୁତି ବୈଠକରେ ସଂସ୍କୃତି ସଚିବ ଡା. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ର ଶେଖର ହୋତାଙ୍କ ସମେତ ସଂସ୍କୃତି ବିଭାଗର ସମସ୍ତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆତ୍ମସମର୍ପଣ କଲେ କୋଟିଏରୁ ଅଧିକ ଟଙ୍କାର ପୁରସ୍କାର ଥିବା ଟପ ମାଓ ଦମ୍ପତି

**ରାୟଗଡ଼ା,୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶାରେ ମାଓବାଦ ଇତିହାସରେ ପଡ଼ିବାକୁ ଯାଉଛି ଯବନିକା। ପୋଲିସ ହାତରେ ଧରା ଦେଲେ ଟପ୍ ମାଓ ଦମ୍ପତି ନିଖିଲ ଓ ଇନ୍ଦୁ। ରାୟଗଡ଼ା ଜିଲ୍ଲାର ଘଞ୍ଚ ଜଙ୍ଗଲରୁ ପତ୍ନୀ ଇନ୍ଦୁ, ୭ ମହିଳା କ୍ୟାଡର ସହ ମୋଟ ୧୫ ମାଓବାଦୀଙ୍କ ସହ ଆତ୍ମସମର୍ପଣ କରିଛନ୍ତି ବାସଧାରା ଘୁମୁସର ନାଗାବଳୀ ଡିଭିଜନର ପୂର୍ବି ବ୍ୟୁରୋ ସମ୍ପାଦକ ନିଖିଲ ଓରଫ୍ ନିରଞ୍ଜନ ରାଉତ। ଉଭୟ ନିଖିଲ ଓ ତା ପତ୍ନୀ ଇନ୍ଦୁ ମୁଣ୍ଡ ପାଇଁ ପୋଲିସ ଘୋଷଣା କରିଥିଲା ୧ କୋଟି ୩୦ ଲକ୍ଷ ଟଙ୍କାର ଇନାମ। ଆଜି ଆମ ରାୟଗଡ଼ା ପ୍ରତିନିଧିଙ୍କ ଉପସ୍ଥିତିରେ ସମାଜର ମୁଖ୍ୟସ୍ରୋତକୁ ନିଖିଲ ଫେରିବା ପରେ ରାଜ୍ୟରେ ସକ୍ରିୟ ଥିବା ଆଉ କିଛି ହାତ ଗଣତି ମାଓବାଦୀଙ୍କୁ ସରେଣ୍ଡର ପାଇଁ ଅପିଲ କରିଛନ୍ତି ପୋଲିସ ଡିଜି।

ରାୟଗଡ଼ା ଜିଲ୍ଲା ପୋଲିସ ଆଗରେ ଆଜି ଅସ୍ତ୍ର ଛାଡ଼ି ମୁଖ୍ୟ ସ୍ରୋତକୁ ଫେରିଛନ୍ତି ବାସଧାରା ଘୁମୁସର ନାଗାବଳୀ ଡିଭିଜନ ପୂର୍ବି ବ୍ୟୁରୋ ସମ୍ପାଦକ ନିଖିଲ ଓରଫ ନିରଞ୍ଜନ ରାଉତ ଓ ପତ୍ନୀ ଇନ୍ଦୁ ଓରଫ୍ ଅଙ୍କିତା ଲେଙ୍କା। ସେମାନଙ୍କ ସହ ମୋଟ ୧୫ ମାଓବାଦୀ ଆଜି ହିଂସାର ରାସ୍ତା ଛାଡ଼ି, ଶାନ୍ତି ରାସ୍ତାରେ ପାଦ ଦେଇଛନ୍ତି। ଓଡ଼ିଶାର ରାୟଗଡା, ଗଜପତି, କନ୍ଧମାଳ ଜିଲ୍ଲାରେ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ମାଓବାଦୀ କାର୍ଯ୍ୟକଳାପରେ ସାମିଲ୍ ଥିବା ନିଖିଲ୍ ମୁଣ୍ଡ ପାଇଁ ଘୋଷଣା ହୋଇଥିଲା ୬୫ ଲକ୍ଷ ଟଙ୍କାର ପୁରସ୍କାର। ମୁଖ୍ୟ ସ୍ରୋତକୁ ଫେରିବା ପରେ ନିଖିଲ କହିଛନ୍ତି ପରିବର୍ତ୍ତିତ ପରିସ୍ଥିତିରେ ନିଜକୁ ଖାପ ଖୁଆଇବାକୁ ଶେଷରେ ମାଓ ସଂଗଠନ ଛାଡ଼ିଛି। କିନ୍ତୁ ଗଣତାନ୍ତ୍ରିକ ଉପାୟରେ ଲଢେଇ କରି ନିଷ୍ପେସିତ, ଦଳିତ ଓ ମହିଳାଙ୍କ ପାଇଁ କାମ କରିବାର ଜୋସ ଯାଇନି। ଏବେ ଆତ୍ମସମର୍ପଣ ପରେ ସରକାର ସେମାନଙ୍କ ଦାବିକୁ ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି।

ଆଜି ଆତ୍ମସମର୍ପଣ କରିଥିବା ୧୫ ମାଓବାଦୀଙ୍କ ମଧ୍ୟରେ ଅଛନ୍ତି ବାସଧାରା ଘୁମୁସର ନାଗାବଳୀ ଡିଭିଜନର ସମ୍ପାଦିକା ତଥା ନିଖିଲଙ୍କ ପତ୍ନୀଟି ଇନ୍ଦୁ ଓରଫ୍ ଅଙ୍କିତା ଲେଙ୍କା। କଟକ ଟାଙ୍ଗୀର ଇନ୍ଦୁ ଓରଫ୍ ଅଙ୍କିତା ଲେଙ୍କା ଭେନ୍ସାରେ ଉଚ୍ଚଶିକ୍ଷା ପରେ ମାଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଲାଲଗଡ଼ରେ ପାଦ ରଖିଥିଲେ। ଆଉ ନିଖିଲକୁ ବିବାହ ପରେ ଦୁଇ ଦଶନ୍ଧି ଧରି ଓଡ଼ିଶା-ଆନ୍ଧ୍ର ଓ ଛତିଶଗଡ଼ର ଘଞ୍ଚ ଜଙ୍ଗଲ ହିଁ ଥିଲା, ସେମାନଙ୍କ ଠିକଣା । ଜଙ୍ଗଲୀ ପରିବେଶରୁ ସାଧାରଣ ଜୀବନକୁ ଫେରିବାର ନିଷ୍ପତ୍ତି ଯନ୍ତ୍ରଣାଦାୟକ ହେଲେ ବି, ତାହା ସମୟର ଆହ୍ୱାନ ବୋଲି କହିଛନ୍ତି ଇନ୍ଦୁ। ସେପଟେ ଆତ୍ମସମର୍ପଣ କରିଥିବା ୧୫ ମଓବାଦୀଙ୍କ ମଧ୍ୟରେ ରହିଛନ୍ତି ୭ ମହିଳା କ୍ୟାଡର।

## ପ୍ରଥମ ପୃଷ୍ଠାରୁ...

### ଷଷ୍ଠ ଥର...

କମ୍ ବିଶ୍ୱକପ୍ ଫାଇନାଲରେ ସର୍ବାଧିକ ବ୍ୟକ୍ତିଗତ ସ୍କୋରର ରେକର୍ଡ ବି ସୂର୍ଯ୍ୟବଂଶୀଙ୍କ ନାଁରେ ଲିପିବଦ୍ଧ ହୋଇଛି। ସେ ୮୦ ବଲ୍ରୁ ୧୭୫ ରନ୍ କରିଥିବା ବେଳେ ୨୦୧୨ରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ଉନ୍ମୁକ୍ତ ଚାନ୍ଦ ୧୩୦ଟି ବଲରୁ ୧୧୧ ରନ୍ କରିଥିଲେ। ୧୯୯୮ରେ ପାକିସ୍ତାନ ବିପକ୍ଷରେ ବ୍ରେଟ୍ ୱିଲିମ୍ସ ୧୩୪ ବଲ୍ରୁ ୧୦୮ ରନ୍ କରିଥିଲେ।

ସୂର୍ଯ୍ୟବଂଶୀ ଆଜି ଫାଇନାଲରେ ୧୫ଟି ଛକା ମାରିଥିବା ବେଳେ ଏହା ଏକ ରେକର୍ଡ। ୧୯ ବର୍ଷରୁ କମ୍ ବିଶ୍ୱକପରେ ଯେକୌଣସି ମ୍ୟାଚ୍‌ରେ ଏତେ ସଂଖ୍ୟକ ଛକା ମାରିବାରେ ସୂର୍ଯ୍ୟବଂଶୀ ସର୍ବାଗ୍ରେ ରହିଛନ୍ତି। ପୂର୍ବରୁ ୨୦୦୮ରେ ଅଷ୍ଟ୍ରେଲିଆର ମାଇକେଲ ହିଲ ନାମିବ୍ୟା ବିରୋଧରେ ଏକ ମ୍ୟାଚ୍‌ରେ ୧୨ଟି ଛକା ମାରିଥିଲେ।

ସୂର୍ଯ୍ୟବଂଶୀ ୧୭୫ ରନ୍ କରିଥିବା ବେଳେ ଅଧିନାୟକ ଆୟୁଷ ମହାତ୍ରେ ୫୧ଟି ବଲରୁ ୫୩ ରନ୍ କରିଥିବା ବେଳେ ବେଦାନ୍ତ ତ୍ରିବେଦୀ ୩୨, ବିହାନ ମଲହୋତ୍ରା ୩୦, ଅଭିଜ୍ଞ କୁଣ୍ଡୁ ୪୦, ଆରଏସ ଆମ୍ବ୍ରିଶ ୧୮ ରନ୍ କରିଥିବା ବେଳେ କନିଷ୍କ ଚୌହାନ ୩୭ ରନ୍ କରି ନଟ୍‌ଆଉଟ୍ ରହିଥିଲେ। ଖିଲନ ପଟେଲ ଓ ହେନୀଲ ପଟେଲ ଯଥାକ୍ରମେ ୩ ଓ ୫ ରନ୍ କରିଥିଲେ।

ଭାରତକୁ ପ୍ରଥମ ଝଟକା ଚତୁର୍ଥ ଓଭରରେ ଲାଗିଥିଲା। ଆଉଟ୍ ହୋଇଯାଇଥିଲେ ଓପନର ଆରୋନ ଜର୍ଜ। ସେ ମାତ୍ର ୯ ରନ୍ କରିଥିଲେ। କିନ୍ତୁ ଭାରତକୁ କିଛି ଫରକ ପଡି ନଥିଲା। ସୂର୍ଯ୍ୟବଂଶୀ ବହୁତ ଶୀଘ୍ର ସେଟେଲ ହୋଇଯାଇଥିଲେ। ସେ ଧୂଆଁଧାର ବ୍ୟାଟିଂ କରି ୨୫.୩ ଓଭରରେ ଆଉଟ୍ ହେଲା ବେଳକୁ ଦଳର ସ୍କୋର ୨୫୧ରେ ପହଞ୍ଚି ଯାଇଥିଲା।

ଇଂଲଣ୍ଡ ପକ୍ଷରୁ ଆଲେକ୍ସ ଗ୍ରୀନ ଓ ମ୍ୟାନୀ ଲମସନଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିବା ବେଳେ ଜେମ୍ସ ମିଣ୍ଟୋଙ୍କୁ ୩ଟି ୱିକେଟ୍ ମିଳିଛି। ଆର ଆଲବର୍ଟ ଗୋଟିଏ ୱିକେଟ୍ ପାଇଛନ୍ତି।

### ଭଡ଼ାରେ ଘର...

ଅବସ୍ଥାରେ ନାହାଁନ୍ତି, ସେମାନଙ୍କ ପାଇଁ ଭଡ଼ା ମାଧ୍ୟମରେ ସୁଲଭଗୃହ ସୁବିଧା ଯୋଗାଇ ଦେବେ ସରକାର। ଏହା ଫଳରେ ସହରାଞ୍ଚଳରେ ଅସ୍ଥାୟୀ ଓ ଅସୁରକ୍ଷିତ ବାସସ୍ଥାନ ଉପରେ ନିର୍ଭରଶୀଳତା ହ୍ରାସ ପାଇବ ଏବଂ ଶ୍ରମଜୀବୀ ପରିବାରମାନଙ୍କ ଜୀବନ ଅଧିକ ସୁଖମୟ ହୋଇପାରିବ। ଏହି ପଦକ୍ଷେପ ମାଧ୍ୟମରେ ଅବ୍ୟବହୃତ ସରକାରୀ ସମ୍ପତ୍ତିକୁ ଉପଯୋଗୀକରି ସରକାର ଦୀର୍ଘକାଳୀନ ଭଡ଼ା ଆୟ ସୃଷ୍ଟି କରିପାରିବେ। ଏହା ସହ ସହରାଞ୍ଚଳରେ ବସ୍ତି ସମସ୍ୟା ହ୍ରାସପାଇବ ବୋଲି କହିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ଏହି ଯୋଜନାରେ ଶ୍ରମିକ ଓ ପ୍ରବାସୀଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଆସିବ ବୋଲି ଲକ୍ଷ୍ୟ ରଖିଛନ୍ତି ସରକାର।

### ଆଲୋଚନା ପାଇଁ...

ଟ୍ରିବ୍ୟୁନାଲରେ କେତେଥର ଶୁଣାଣି ହେଇଛି କେତେ ଟଙ୍କା ଖର୍ଚ୍ଚ ହୋଇଛି ମୁଁ ହିସାବ ଦେବି। ଗତକାଲି ସଂସଦରେ ଏନେଇ ଉତ୍ତର ଆସିଛି, ଉଭୟ ରାଜ୍ୟ ସହମତି ଭିତିରେ ଆଲୋଚନା କରୁଛନ୍ତି। ଆମର ମନ୍ତ୍ରୀ ସ୍ତରୀୟ କମିଟି ଗଠନ ହୋଇସାରିଛ। ଛତିଶଗଡର ମନ୍ତ୍ରୀ ସ୍ତରୀୟ କମିଟି ଗଠନ ପରେ ଆଗକୁ ବଢିବ ଆଲୋଚନା। କେନ୍ଦ୍ର ସରକାରଙ୍କ ଗୋଟେ ବଡ଼ ଭୂମିକା ରହୁଛି।

### ସରକାର କେବଳ...

ଭାରତୀଙ୍କୁ ହସ୍ତକ୍ଷେପ ପାଇଁ କହିଥିଲେ। ହେଲେ ସେ ନିଜର ଅକ୍ଷମତା ପ୍ରକାଶ କରିଥିଲେ। କେନ୍ଦ୍ର ସରକାର ନୀରବଦ୍ରଷ୍ଟା ରହିଲା ପରେ କୌଣସି ଉପାୟ ନ ପାଇ ଟ୍ରିବ୍ୟୁନାଲକୁ ରାଜ୍ୟ ଯାଇଥିଲା। ଏବେ ଟ୍ରିପଲ ଇଞ୍ଜିନ ସରକାର ଆସିଲା ପରେ ଏହାର ସମାଧାନ ଆଶା କରାଯାଉଥିଲା। ଏପ୍ରିଲ ୧୩ରେ ଟ୍ରିବ୍ୟୁନାଲ ସରିବାକୁ ଯାଉଛି। ବିଜେଡି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ସବୁ ଫୋରମ୍‌ରେ ଓଡ଼ିଶାକୁ ନ୍ୟାୟ ଦେବାକୁ ରାଜ୍ୟ ସରକାର ଯାଇଛନ୍ତି। ପ୍ରଧାନମନ୍ତ୍ରୀ ଶୁଣିଲେ ନାହିଁ, କେନ୍ଦ୍ର ଜଳ ସଂପଦ ବିଭାଗ ଶୁଣିଲା ନାହିଁ, ଛତିଶଗଡ଼ ସରକାର ଶୁଣିଲେ ନାହିଁ। ଫଳରେ ଆମେ ସୁପ୍ରିମକୋର୍ଟ ଗଲୁ। ଏବେ ଟ୍ରିପଲ ଇଞ୍ଜିନ ସରକାର। ଆମେ ଭାବୁଥିଲୁ ଏବେ ଏହାର ସମାଧାନ ହୋଇଯିବ। ହେଲେ ସେ ଆଶା ଏବେ ନିରାଶା ହୋଇଗଲା। ଏବେ ଆପୋଷ ସମାଧାନ କଥା କହି ଅଧିକ ଗୋଳିଆ କରୁଛନ୍ତି। ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ କହିଛନ୍ତି, ପ୍ରଥମ ବୈଠକରେ ଦୁଇ ରାଜ୍ୟ ଭିତରେ ଜଳ ବିବାଦର ସମାଧାନ ହୋଇ ନଥିବା ମୁଁ କହିଥିଲି। ଓଡ଼ିଶାର ସ୍ୱାର୍ଥ ପାଇଁ କ'ଣ ଦାବି ରହିବ ତାକୁ ଲୋକଙ୍କୁ ଜଣାଯାଉ। ମହାନଦୀ ବଞ୍ଚାଅ କମିଟିକୁ ସାମିଲ କରାଯାଉ। ମୋ କଥାକୁ କିଛି କାଂଶରେ ଗ୍ରହଣ କରାଗଲା। ଏହାସହ ୨୩ ତାରିଖରେ ସର୍ବଦଳୀୟ ବୈଠକ ନେଇ ଆଲୋଚନା ହୋଇଥିଲା। ହେଲେ ହେଲା ନାହିଁ। ପରେ କମିଟି ଛତିଶଗଡ଼ ଯିବାକୁ ୩୦ ଓ ୩୧ ତାରିଖରେ ଯିବାର ଥିଲା, ହେଲେ ଗଲେ ନାହିଁ। ଏବେ କେନ୍ଦ୍ର ସରକାର ଏହାକୁ ଗୁରୁତ୍ୱ ଦେବା ଉଚିତ।

### ଆତ୍ମଘାତୀ...

ଏକ କୋର୍ଟ ବାହାରେ କାର ବିସ୍ଫୋରଣ ହୋଇଥିଲା। ସେଥିରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦ରୁ ଅଧିକ ଲୋକ ଆହତ ହୋଇଥିଲେ। ଏହି ଘଟଣାର ଦିନକ ପୂର୍ବରୁ ଭାରତର ରାଜଧାନୀ ଦିଲ୍ଲୀର ଲାଲକିଲ୍ଲା ନିକଟରେ ଆତ୍ମଘାତୀ ହମଲା ହୋଇଥିଲା। ଏଥିରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୦ ଜଣ ଆହତ ହୋଇଥିଲେ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଏହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି ଓ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ୩୦ ସପ୍ତାହର...

ରିପୋର୍ଟ ଯାଞ୍ଚ କରିବା ସହିତ ଗର୍ଭପାତ ଅନୁମତି ଦେଲେ କିଶୋରୀଙ୍କୁ ସେପରି ଗୁରୁତର ବିପଦ ନାହିଁ ବୋଲି କହିଛନ୍ତି।

ତେବେ କିଶୋରୀଙ୍କ ଓକିଲ କୋର୍ଟଙ୍କୁ ତର୍କ ଦେଇଥିଲେ ଯେ ଗର୍ଭାବସ୍ଥା ପୂରଣ କରିବାକୁ ବାଧ୍ୟ କଲେ ଯେଉଁ ଅବୈଧ ସନ୍ତାନ ଜନ୍ମ ନେବ ଓ ତତ୍ ସମ୍ପର୍କିତ ସାମାଜିକ କଳଙ୍କ କାରଣରୁ କିଶୋରୀଙ୍କୁ ଗୁରୁତର ମାନସିକ ଆଘାତ ଲାଗିବ। ଏଣୁ କୋର୍ଟ କହିଛନ୍ତି ଯେ ଯଦିଓ ଗର୍ଭପାତ ପାଇଁ ବିଳମ୍ବରେ ନିଷ୍ପତ୍ତି ନିଆଯାଇଛି ତେବେ ଆବେଦନକାରୀଙ୍କ ଅଧିକାର ରକ୍ଷା କରାଯିବା ଦରକାର। ପୀଠ କହିଛନ୍ତି ଯେ ମୁଖ୍ୟ ବିଚାରଣୀୟ ବିନ୍ଦୁ କିଶୋରୀଙ୍କ ସେହି ଗର୍ଭାବସ୍ଥାକୁ ଜାରି ରଖିବାର ଅନିଚ୍ଛା ଯାହା 'ଅବୈଧ'।

ଅନ୍ତତଃ ମୂଳ କଥା ହେଉଛି ପିଲା 'ଅବୈଧ' ଓ ମା ତାକୁ ଜନ୍ମ ଦେବାକୁ ଚାହେଁନା। ମାଋ ପ୍ରଜନନ ସମ୍ପର୍କିତ ସ୍ୱାୟତ୍ତତାକୁ ଗୁରୁତ୍ୱ ଦିଆଯିବା ଦରକାର। ଯଦି କୌଣସି ମହିଳା ତାଙ୍କ ଇଚ୍ଛା ବିରୋଧରେ ଗର୍ଭଧାରଣ ପୂରା କରିବାକୁ ଚାହାଁନ୍ତି ତେବେ କୋର୍ଟ ତାଙ୍କୁ ତାହା କରିବା ପାଇଁ ବାଧ୍ୟ କରିପାରିବେ ନାହିଁ। ଏଣୁ ସର୍ବୋଚ୍ଚ ନ୍ୟାୟାଳୟ ଗର୍ଭାବସ୍ଥାକୁ ଚିକିତ୍ସକୀୟ ରୂପେ ସମାପ୍ତ କରିବା ପାଇଁ ଅପିଲକୁ ସ୍ୱୀକାର କରିନେଇଛନ୍ତି ଓ ଆବେଦନକାରୀଙ୍କୁ ପ୍ରକ୍ରିୟା ଲାଗି ସହମତି ଦେଇ ଏକ ଲିଖିତ ପ୍ରତିଶ୍ରୁତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ୫ ଦିନରେ...

ଏସପି ଶ୍ରୀ ଗୋୟଲ ସୂଚନା ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ, ବୌଦ୍ଧ ଥାନା ଅଧିକାରୀ ନଳିନୀକାନ୍ତ ଦାସ ଉପସ୍ଥିତ ଥିଲେ ।

## ସର୍ବଭାରତୀୟ ସାଧାରଣ ଧର୍ମଘଟରେ ସାମିଲ ହେବ ପେନସନର ମହାସଂଘ

**କଟକ,୬।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ଫେବୃଆରୀ ମାସ ୧୨ ତାରିଖରେ ହେବାକୁ ଯାଉଥିବା ସର୍ବ ଭାରତୀୟ ସାଧାରଣ ଧର୍ମଘଟରେ ରାଜ୍ୟର ୩.୫ ଲକ୍ଷ ପେନସନର ଓ ଫ୍ୟାମିଲି ପେନସନର ମାନଙ୍କୁ ପ୍ରତିନିଯୁକ୍ତ କରୁଥିବା "ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ" ଉକ୍ତ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ସମସ୍ତ ପ୍ରକାର ସାହାଯ୍ୟ, ସହଯୋଗ, ସମର୍ଥନ ତଥା ସାମିଲ ହେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ବିଷୟରେ ମହାସଂଘର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଦାସ ଓ ମହାସଚିବ ଗୋକୁଳାନନ୍ଦ ବେହେରା ଏକ ପ୍ରେସ ନୋଟରେ ପ୍ରକାଶ କରିଛନ୍ତି । ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ରାଜ୍ୟ କର୍ମକର୍ତ୍ତା ଓ ଉପଦେଷ୍ଟାମଣ୍ଡଳୀ ସଭ୍ୟମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ମାଛୁଆ ବଜାର ସ୍ଥିତ ସଂଘ ପରିସରରେ ମହାସଂଘର ଅଧ୍ୟକ୍ଷ ଶ୍ରୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମହାସଚିବ ଗୋକୁଳାନନ୍ଦ ବେହେରାଙ୍କ ପକ୍ଷରୁ ଏକ ପ୍ରସ୍ତାବ ଆଗତ କରାଯାଇଥିଲା । ବିଭିନ୍ନ ଦାବି ଉପରେ ହେବାକୁ ଯାଉଥିବା ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବା ପାଇଁ ପ୍ରଚାର ଅଭିଯାନ ସଂଗଠିତ କରି କାର୍ଯ୍ୟକ୍ରମରେ ସାମିଲ ହେବାକୁ ରାଜ୍ୟର ୧୧୪ଟି ସହବନ୍ଧିତ ସଂଗଠନର କର୍ମକର୍ତ୍ତା ଓ ସଭ୍ୟମାନଙ୍କୁ ମହାସଂଘ ପକ୍ଷରୁ ନିବେଦନ କରାଯାଇଛି । ଏହା ବ୍ୟତୀତ ଓଡ଼ିଶା ପେନସନର ମାନଙ୍କ ଉପରୋକ୍ତ ଦାବି ଗୁଡ଼ିକର ଆଶୁ ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇ ଏକ ସ୍ୱତନ୍ତ୍ର ପ୍ରସ୍ତାବ ଗୃହୀତ ହୋଇଛି । ଅନ୍ୟଥା ମହାସଂଘର ମାର୍ଚ୍ଚ ୧୧ ତାରିଖ କେନ୍ଦ୍ରୀୟ କମିଟି ବୈଠକ ଆହୁତ କରାଯାଇ ଭବିଷ୍ୟତ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ସ୍ଥିର କରାଯିବ । ଏହି ପ୍ରସ୍ତାବ ଉପରେ ପ୍ରଫୁଲ ମହାପାତ୍ର, ରବିନ୍ଦ୍ରନାଥ ଦାସ, ସୁବୋଧ ମହାନ୍ତି, ଦ୍ୱାରିକାନାଥ ମହାନ୍ତି, ସୁବୋଧ ରାୟ, ଶ୍ରୀମତି ସାହୁ, ପୂର୍ଣ୍ଣଚନ୍ଦ୍ର ନାୟକ, ଗଦାଧର କର, କେଦାରନାଥ ସ୍ୱାଇଁ, ଶିଶିର ନାୟକ, ଡ ପ୍ରଫୁଲ୍ଲ ନାୟକ, ଭବାନୀ ପ୍ରସାଦ ମହାନ୍ତି, ରବିନ୍ଦ୍ର ମହାପାତ୍ର, ବିଜୟ ପଣ୍ଡା, ପ୍ରସନ୍ନ ସ୍ୱାଇଁ, ବସନ୍ତ ବେହେରା ପ୍ରମୁଖ ବିଭିନ୍ନ ପରାମର୍ଶ ଦେଇଥିବା ସଂପର୍କରେ ମହାସଂଘର କାର୍ଯ୍ୟକାରୀ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ଦାସ ପ୍ରେସ ନୋଟ ଜରିଆରେ ଜଣାଇଛନ୍ତି ।

## ୧.୫୦ କୋଟି ଜରିମାନା ଦେବେ ବିଜୟ

**ଚେନ୍ନାଇ,୬।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଦକ୍ଷିଣ ଭାରତୀୟ ସିନେମାର ପ୍ରସିଦ୍ଧ ଅଭିନେତା ବିଜୟ ପୁଣି ବିବାଦରେ ଘେରି ଯାଇଛନ୍ତି । ମାଡ୍ରାସ ହାଇକୋର୍ଟ ଅଭିନେତାଙ୍କ ଉପରେ ଆୟକର ବିଭାଗ ଦ୍ୱାରା ନିର୍ଦ୍ଧାରିତ ୧.୫୦ କୋଟି ଟଙ୍କାର ଜରିମନାକୁ କାୟମ ରଖିଛନ୍ତି । ଅଭିନେତା ଏହି ଜରିମନାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ପିଟିସନ ଦାୟର କରିଥିଲେ । ତେବେ କୋର୍ଟରେ ତାଙ୍କ ପିଟିସନ ଖାରଜ ହୋଇଯାଇଛି । ବିଜୟ ୨୦୧୬-୧୭ ଆର୍ଥିକ ବର୍ଷରେ ଆୟକର ରିଟର୍ଣ୍ଣ ଦାଖଲ କରିବା ବେଳେ ୩୫,୪୨,୯୧,୮୯୦ ଟଙ୍କାର ସମ୍ପତ୍ତି ବିବରଣୀ ଦେଇଥିଲେ । ତେବେ ସେ ସମ୍ପତ୍ତିର ବିସ୍ତୃତ ବିବରଣୀ ଦେଇ ନଥିଲେ ଓ କିଛି ସମ୍ପତ୍ତି ଲୁଚେଇବାକୁ ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଛି । ଆୟକର ବିଭାଗ ୨୦୧୫ର ଡକ୍ୟୁମେଣ୍ଟରୁ ବିଜୟ ଫିଲ୍ମ 'ପୁଲି'ରୁ ପାଇଥିବା ୧୫ କୋଟି ଟଙ୍କା ଆୟକୁ ରିଟର୍ଣ୍ଣରେ ଦର୍ଶାଇ ନଥିଲେ । ଏଣୁ ୨୦୨୨ ମସିହାରେ ତାଙ୍କ ଉପରେ ୧.୫୦ କୋଟି ଟଙ୍କାର ଜରିମନା କରାଯାଇଥିଲା । ତେବେ ଅଭିନେତା ଏହି ଜରିମନା ଦାଖଲ ନ କରିବାକୁ ନିଷ୍ପତ୍ତି ନେଇଥିବା ବେଳେ ଏହା ବିରୋଧରେ ହାଇକୋର୍ଟକୁ ଯାଇଥିଲେ । ବିଜୟ ତର୍କ ଦେଇଥିଲେ ଯେ ତାଙ୍କୁ ଜରିମନା ଆଦେଶ ୩୦ ଜୁନ ୨୦୧୯ ପୂର୍ବରୁ ଜାରି କରାଯିବାର ଥିଲା । ଏଣୁ ଆଦେଶ ବିଳମ୍ବରେ ଆସିଥିବାରୁ ଏହାକୁ ରଦ୍ଦ କରିବା ପାଇଁ ବିଜୟ ହାଇକୋର୍ଟଙ୍କୁ ନିବେଦନ କରିଥିଲେ । ଶୁଣାଣି କାଳରେ ହାଇକୋର୍ଟ ଜରିମନା ପୈଠ ଉପରେ ଅନ୍ତରୀଣ ରୋକ ଲଗାଇଥିଲେ । ତେବେ ବିଚାରପତି ଜଷ୍ଟିସ ସେନ୍ଥିଲ କୁମାର ରାମମୂର୍ତ୍ତିଙ୍କ ଅଦାଲତ ଶୁଣାଣିରେ ଜରିମନା ନିଷ୍ପତ୍ତିକୁ କାୟମ ରଖିଛନ୍ତି । ଏଣୁ ବିଜୟଙ୍କୁ ଏବେ ୧.୫୦ କୋଟି ଟଙ୍କା ଜରିମନା ପୈଠ କରିବାକୁ ପଡିବ । ତେବେ କେବଳ ଆୟକର ମାମଲା ନୁହେଁ ବିଜୟ କରୁର ଦଳାଚକଟା ମାମଲାରେ ମଧ୍ୟ ଫଶିଛନ୍ତି । ଏହି ଘଟଣାକୁ ନେଇ ସିବିଆଇ ତାଙ୍କୁ ଲଗାତାର ପଚରା ଉଚରା କରୁଛି । ଏଥି ପାଇଁ ଅଭିନେତା ଏ ପର୍ଯ୍ୟନ୍ତ ଦୁଇ ଥର ସିବିଆଇରେ ହାଜର ହୋଇଛନ୍ତି । ସିବିଆଇ ଏବେ ବିଜୟ ଓ ତାଙ୍କ ଭୂମିକାର ଯାଞ୍ଚ କରୁଛି । ପୋଲିସ ରିପୋର୍ଟ ଅନୁସାରେ ବିଜୟ ବିଳମ୍ବରେ ପହଞ୍ଚିବାରୁ ଭିଡ ବଢି ଯାଇଥିଲା । ଏଣୁ ପରିସ୍ଥିତି ଅଣାୟତ୍ତ ହୋଇଥିଲା । ତେବେ ବିଜୟ ଓ ତାଙ୍କ ପାର୍ଟି ଅଧିକାରୀମାନେ ଏହି ଅଭିଯୋଗକୁ ଖଣ୍ଡନ କରୁଛନ୍ତି ।

## ଏସଟିଏର ପରାମର୍ଶ: ବେଆଇନ୍ ଡିଲରଙ୍କ ଜରିଆରେ ଗାଡ଼ି ବିକା-କିଣା କରନ୍ତୁନି

**କଟକ/ଭୁବନେଶ୍ୱର ୬।୨: ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ୟବହୃତ (ପୁରୁଣା) ଯାନବାହନ କିଣା-ବିକା ଦିନକୁ ଦିନ ବୃଦ୍ଧି ପାଉଛି। ବଢୁଥିବା ଏହି ଚାହିଦାକୁ ଦୃଷ୍ଟିରେ ରଖି, କ୍ରେତା ଓ ବିକ୍ରେତା ଉଭୟଙ୍କ ସୁବିଧାକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ ପ୍ରାଧିକରଣ (ଏସଟିଏ), ଓଡ଼ିଶା ପକ୍ଷରୁ ପରାମର୍ଶ ଜାରି କରାଯାଇଛି । ଏସଟିଏ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ବ୍ୟବହୃତ ଗାଡ଼ି ବିକ୍ରି କିମ୍ବା କ୍ରୟ ଯେଉଁ ଡିଲରଙ୍କ ମାଧ୍ୟମରେ କରାଯାଉଛି, ଉକ୍ତ ଡିଲର ପରିବହନ ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହେବା ବାଧ୍ୟତାମୂଳକ। ବିନା ସ୍ୱୀକୃତିରେ କୌଣସି ଡିଲର ଯାନବାହନ କିଣା-ବିକା କରିବା ମୋଟର ଯାନ ଆଇନ୍ ଅନୁଯାୟୀ ବେଆଇନ। ଗାଡ଼ି ବିକ୍ରୟ ପାଇଁ ଡିଲରଙ୍କୁ ଦେବା ସମୟରେ ଡିଲରଙ୍କ ନାମରେ ଡିମାଣ୍ଡ ଓନରଶିପ୍ ହେବା ଅବଶ୍ୟକ। ଏହା ଗାଡ଼ି ବିକ୍ରୟ ଅବଧିରେ ଘଟୁଥିବା କୌଣସି ଅଘଟଣ ପାଇଁ ମୂଳ ଗାଡ଼ି ବିକ୍ରେତାଙ୍କୁ ସୁରକ୍ଷା ପ୍ରଦାନ କରେ ଏବଂ ଠକେଇ ସମ୍ବନ୍ଧୀୟ କୌଣସି ଅଭିଯୋଗ ଆସିଲେ ତଦନ୍ତ ପ୍ରକ୍ରିୟାରେ ସହାୟକ ହୁଏ। ସେହିପରି, ବ୍ୟବହୃତ ଗାଡ଼ି କିଣିବା ବେଳେ ସମ୍ପୃକ୍ତ ଡିଲର ପରିବହନ ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ କି ନୁହେଁ, ନିଶ୍ଚୟ ଯାଞ୍ଚ କରିବାକୁ ଏସଟିଏ ପକ୍ଷରୁ ପରାମର୍ଶ ଦିଆଯାଇଛି । ପରିବହନ ବିଭାଗର ବାହାନ ପୋର୍ଟାଲରେ ପ୍ରତ୍ୟେକ ଆରଟିଓ ଅଧୀନରେ ସ୍ୱୀକୃତିପ୍ରାପ୍ତ ଡିଲରଙ୍କ ତାଲିକା ଉପଲବ୍ଧ ରହିଛି। ଏହାସହ, ପୁରୁଣା ଗାଡ଼ିର ମାଲିକାନା ହସ୍ତାନ୍ତର, ନୂଆ ଗାଡ଼ି ପଞ୍ଜିକରଣ, ପୁନଃପଞ୍ଜିକରଣ ସହିତ ସମସ୍ତ ପରିବହନ ସେବା ପାଇଁ କେବେ ବି କୌଣସି ଦଲାଲ କିମ୍ବା ଏଜେଣ୍ଟଙ୍କୁ ବେଆଇନ ଭାବେ ଟଙ୍କା ଦିଅନ୍ତୁ ନାହିଁ। କୌଣସି ପ୍ରକାର ଠକାମିର ଶିକାର ହେଲେ, ପୋଲିସ କିମ୍ବା ଆରଟିଓରେ ତୁରନ୍ତ ଅଭିଯୋଗ କରିବାକୁ କୁହାଯାଇଛି। ଯାନବାହନ କିଣା-ବିକା କାର୍ଯ୍ୟରେ ନିଯୁକ୍ତ ଡିଲରମାନଙ୍କୁ ମଧ୍ୟ ନିର୍ଦ୍ଧାରିତ ନିୟମାବଳୀ ପାଳନ କରିବାକୁ ଏସଟିଏ ପକ୍ଷରୁ ସତର୍କତା ଜାରି କରାଯାଇଛି। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି, କୌଣସି ଡିଲର ନିୟମ ଉଲ୍ଲଂଘନ କରିଲେ ଆଇନ୍ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସଟିଏ ପକ୍ଷରୁ କୁହାଯାଇଛି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460
Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ
Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ